
◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ISSUE-32 SUNDAY 26 JULY 2026 PAGE-12+4 ₹ 7.00 | SAMBALPUR | ବର୍ଷ-୪୪ ସଂଖ୍ୟା-୩୨ ରବିବାର ୨୬ ଜୁଲାଇ ୨୦୨୬ ପୃଷ୍ଠା-୧୨+୪ ଟ.୭.୦୦ (ସିନ୍ଦୂରା ସହ)


# ମହଣମହଣ ସ୍ୱର୍ଣ୍ଣାଳଙ୍କାରରେ ଝଟକିଲେ ଦାରୁବ୍ରହ୍ମ

■ ପୁରୀ, ୨୫ା୭ (ସମିସ): ସରି ସରି ଆସୁଛି ଶ୍ରୀଗୁଣ୍ଡିଚା ମହୋତ୍ସବ। ଦିନକ ପରେ ନୀଳକନ୍ଦରକୁ ବାହୁଡ଼ିଯିବେ ନୀଳାଦ୍ରିନାଥ। ଏହାର ଅବ୍ୟବହିତ ପୂର୍ବରୁ ଶନିବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କର ଅନୁଷ୍ଠିତ ହୋଇଛି ସୁନାବେଶ। ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଝଲସିଛନ୍ତି ବିଶ୍ୱନିୟନ୍ତା। ଦାରୁବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ବା ବଡ଼ତଡ଼ାଉ ବେଶ ଦର୍ଶନ କରିଛନ୍ତି ଅଗଣିତ ଭକ୍ତ। ପ୍ରାୟ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବିଶ୍ୱନିୟନ୍ତାଙ୍କ ଦିବ୍ୟ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ରବିବାର ରଥ ଉପରେ ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ସେଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ନୀଳାଦ୍ରି ବିଜେରେ ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାରଠାରୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା।

ଦୁଇଦିନ ପରେ ଘୋଷଯାତ୍ରା ପରିସମାପ୍ତି ଘଟିବ। ଦିନ ଯେତିକି ପାଖେଇ ଆସୁଛି ରଥାରୂଢ଼ ଠାକୁରଙ୍କ ଦର୍ଶନ କରିବା ଲାଗି ଭକ୍ତଙ୍କ ମଧ୍ୟରେ ସେତିକି ଉତ୍କଣ୍ଠା ବଢ଼ିବାରେ ଲାଗିଛି। ତେବେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ଶନିବାର ସକାଳୁ ପୁରୀକୁ ଭକ୍ତଙ୍କ ସୁଅ ଛୁଟିଥିଲା। ସଅଳ ନୀତିକାନ୍ତି ସାଙ୍ଗକୁ ପାଗ ବି ବେଶ୍ ଅନୁକୂଳ ରହିଥିଲା। ସକାଳୁ ଆକାଶ ଥିଲା ମେଘାଛନ୍ନ। ମଝିରେ ଯଦିଓ ଝିପିଝିପି ବର୍ଷା ହେଉଥିଲା ତାହା କିନ୍ତୁ ବାଧକ ସାଜି ନ ଥିଲା। ତେଣୁ ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ପୂର୍ବାହ୍ଣ ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଥିଲା। ଅନେକ ସୁନାବେଶ ପୂର୍ବରୁ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରି ଫେରିଥିଲେ।

**ଆଜି ରଥ ଉପରେ ଲାଗିହେବ ଅଧରପଣା**

ତେବେ ସୁନାବେଶ ଲାଗି ସକାଳୁ ବେଶ୍ ତତ୍ପର ହୋଇପଡ଼ିଥିଲେ ସେବାୟତ ଓ ଅଧିକାରୀ। ସକାଳ ୭ଟା ୫୫ରୁ ୮ଟା ୨୦ମଧ୍ୟରେ ତିନିରଥରେ ମଙ୍ଗଳ ଆଳତି ନୀତି ବଢ଼ିଥିଲା। ଏହାପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ଣ ୧୦ଟା ୪୫ରେ ଗୋପାଳବଲ୍ଲଭ ଭୋଗ ବଢ଼ିଥିବାବେଳେ ମଧ୍ୟାହ୍ନ ୧୨ଟାରେ ସକାଳ ଧୂପ ସରିଥିଲା। ଅପରାହ୍ଣ ୧ଟା ୫୦ରୁ ୨ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ୪ଟା ୪୫ରୁ ୪ଟା ୫୫ ମଧ୍ୟରେ ମଇଲମ, ୪ଟା ୫୫ରୁ ୫ଟା ୦୫ ମଧ୍ୟରେ ଶାଢ଼ି, ଖଣ୍ଡୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହୋଇଥିଲା। ଏହାପରେ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ରଥ ନିକଟକୁ ବିଜେ କରାଯାଇଥିଲା। ତିନିରଥରେ ଏକାଦଶୀ ସର୍ବାଙ୍ଗ ▶ପୃଷ୍ଠା-୭





# ନଇଁଲେ ସରକାର
# ଯୁବଶକ୍ତିର ବିଜୟ

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା; ସିଜେପି ଆନ୍ଦୋଳନ ପ୍ରତ୍ୟାହୃତ

■ ନୂଆଦିଲ୍ଲୀ, ୨୫ା୭ (ଏଜେନ୍ସି): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପ୍ରଦାନ ସହିତ କେନ୍ଦ୍ର ସରକାର କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସମସ୍ତ ଦାବି ଗ୍ରହଣ କରିବା ପରେ ଯନ୍ତରମନ୍ତରରେ ଦୀର୍ଘ ୩୬ ଦିନ ଧରି ଚାଲିଥିବା ଆନ୍ଦୋଳନ ଆଜି ପ୍ରତ୍ୟାହାର ହୋଇଛି। ଆନ୍ଦୋଳନରେ ସାମିଲ ହୋଇଥିବା ସମସ୍ତ ସଂଗଠନ ଓ ବ୍ୟକ୍ତିଙ୍କ ବିରୋଧରେ ଏଫ୍‌ଆଇଆର୍ ପ୍ରତ୍ୟାହାର ଏବଂ ନିଟ୍ ପରୀକ୍ଷା ବିଭ୍ରାଟ ଯୋଗୁଁ ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ପରିବାରବର୍ଗଙ୍କୁ ଯଥେଷ୍ଟ କ୍ଷତିପୂରଣ ଦେବା

### ସବୁ ଦାବି ପୂରଣ ପାଇଁ ପ୍ରତିଶ୍ରୁତି


ଲାଗି କେନ୍ଦ୍ର ସରକାର ରାଜି ହୋଇଛନ୍ତି। ଶିକ୍ଷାରେ ସଂସ୍କାର ଲାଗି ଆନ୍ଦୋଳନକାରୀ ଦେଇଥିବା ୫-ଦଫା ପ୍ରସ୍ତାବ ଉପରେ ବିଚାର କରିବା ଲାଗି ମଧ୍ୟ ସରକାର ରାଜି ହୋଇଛନ୍ତି। ଆଜି ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ଆଲୋଚନା ବେଳେ ସରକାର ଏହି ସମସ୍ତ ସର୍ତ୍ତ ଓ ପୂରଣ କରିବାକୁ ରାଜି ହେବାପରେ ଆନ୍ଦୋଳନ ପ୍ରତ୍ୟାର କରିବାକୁ ଘୋଷଣା କରିଛି କକ୍ରୋଚ୍ ଜନତା ପାର୍ଟି। ଏହିସବୁ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ଲାଗି ସରକାରଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି କି ନାହିଁ ଏବଂ ଏହାର ଅଗ୍ରଗତି ସଂପର୍କରେ ସମୀକ୍ଷା ପାଇଁ ୪ ସପ୍ତାହ ପରେ ପୁଣି ସରକାର ଏବଂ କକ୍ରୋଚ୍ ପାର୍ଟି ମଧ୍ୟରେ ଆଲୋଚନା ହେବ ବୋଲି ସୂଚନା ଦିଆଯାଇଛି।

କେନ୍ଦ୍ର ସରକାର ଏବଂ କକ୍ରୋଚ୍ ପାର୍ଟି ପ୍ରତିନିଧି ଦଳ ମଧ୍ୟରେ ତିନିଟି ପର୍ଯ୍ୟାୟରେ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହାର କଥା ଘୋଷଣା କରାଯାଇଛି। ଆଜି ଏଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କକ୍ରୋଚ୍ ପାର୍ଟିର ମୁଖ୍ୟ ମୁଖପାତ୍ର ସୌରଭ ଦାସ କହିଲେ ଯେ ସଂଗଠନର ସମସ୍ତ ଦାବି ପୂରଣ କରିବାକୁ ସରକାର ▶ପୃଷ୍ଠା-୭




## ଜେନ୍-ଜୀଙ୍କୁ ନବୀନଙ୍କ ଶୁଭେଚ୍ଛା

■ ଭୁବନେଶ୍ୱର, ୨୫ା୭ (ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଯନ୍ତରମନ୍ତରରେ ଚାଲିଥିବା ଛାତ୍ର ଆନ୍ଦୋଳନର ବଡ଼ ବିଜୟ ହୋଇଛି। ଏହାକୁ ନେଇ ଜେନ-ଜୀଙ୍କୁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ନବୀନ ଏକ ରିଲ୍‌ସରେ କହିଛନ୍ତି, ଜେନ୍-ଜୀଙ୍କ ପାଇଁ ମୁଁ ଗର୍ବିତ। ଯୁବପିଢ଼ି ହିଁ ଆମ ଗଣତନ୍ତ୍ରର ପ୍ରକୃତ ଶକ୍ତି। ଏହାସହ ନବୀନ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି, ମୁଁ ଏହି ବିଜୟ ପାଇଁ ଭାରତର ଯୁବପିଢ଼ିଙ୍କୁ, ବିଶେଷକରି ଜେନ୍-ଜୀ ପିଢ଼ିକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏକ



### ଜନତାଙ୍କ ଇଚ୍ଛାଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି

ସଶକ୍ତ ଗଣତନ୍ତ୍ରର ମୂଳ ଆଧାର ହେଉଛି ଉତ୍ତରଦାୟିତ୍ୱ ଓ ଜନମତ ପ୍ରତି ସମ୍ବେଦନଶୀଳ ▶ପୃଷ୍ଠା-୭

## ଯୁବକଙ୍କ ଆକାଂକ୍ଷାକୁ ସମ୍ମାନ କରେ

■ ନୂଆଦିଲ୍ଲୀ, ୨୫ା୭: ନିଟ୍ ପରୀକ୍ଷାରେ ବିଭ୍ରାଟ ଏବଂ କକ୍ରୋଚ୍ ଆନ୍ଦୋଳନ ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର ପ୍ରଧାନ ଆଜି ଏକ ବିବୃତି ଦେଇଛନ୍ତି। ସେ କହିଛନ୍ତି, ମୁଁ ଗତ ୪ ଦଶନ୍ଧିରୁ ଅଧିକ ସମୟ ଧରି ଛାତ୍ର, ଶିକ୍ଷକ ଏବଂ ଶିକ୍ଷା ସଂସ୍କାର ପାଇଁ ସମର୍ପିତ ରହିଛି। ମୁଁ ଦେଶର ଯୁବକମାନଙ୍କ ଆକାଂକ୍ଷା, ଭାବନା ଏବଂ ସେମାନଙ୍କର ନ୍ୟାୟସଙ୍ଗତ ଅପେକ୍ଷାଗୁଡ଼ିକର ଗଭୀର ସମ୍ମାନ କରେ। ନିଟ୍ ପ୍ରଶ୍ନପତ୍ର ଲିକ୍ ସଂପର୍କରେ ସେ କହିଛନ୍ତି ଯେ ଭାରତ ସରକାର ଏହାକୁ ତୁରନ୍ତ ସଂଜ୍ଞାନରେ ନେଇ ତଦନ୍ତ ▶ପୃଷ୍ଠା-୭



## ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ଦାୟିତ୍ୱ

■ ନୂଆଦିଲ୍ଲୀ, ୨୫ା୭: ରାଷ୍ଟ୍ରପତି ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ଗ୍ରହଣ କରିନେଇଛନ୍ତି। ତାଙ୍କ ସ୍ଥାନରେ ଅନ୍ୟତମ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ଏବେ ଶ୍ରୀ ଯୋଶୀ ଖାଦ୍ୟ ଓ ଖାଉଟୀ ବ୍ୟାପାର ମନ୍ତ୍ରୀ ଅଛନ୍ତି। ପୂର୍ବରୁ ସେ କେନ୍ଦ୍ର ସରକାରରେ ସଂସଦୀୟ ବ୍ୟାପାର ସହିତ କୋଇଲା ଓ ଖଣି ମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଛନ୍ତି।



## ଧର୍ମେନ୍ଦ୍ରଙ୍କ ନିଷ୍ପତ୍ତି ଉଚ୍ଚ ନୀତିଆଦର୍ଶର ପରିଚୟ

■ ଭୁବନେଶ୍ୱର, ୨୫ା୭ (ସମିସ): ଶିକ୍ଷାମନ୍ତ୍ରୀ ପଦବୀରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କୁ ପ୍ରଶଂସା କରିଛନ୍ତି। ବୃହତ୍ତର ସାମାଜିକ ହିତ ଓ ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇ ପଦବୀରୁ ଇସ୍ତଫା ଦେବା ପାଇଁ ସେ ଗ୍ରହଣ କରିଥିବା ନିଷ୍ପତ୍ତି ତାଙ୍କ ଉଚ୍ଚ ନୀତିଆଦର୍ଶର ପରିଚାୟକ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ 'ଜାତୀୟ ଶିକ୍ଷା ନୀତି' ଭଳି ଐତିହାସିକ ନୀତି କାର୍ଯ୍ୟକାରୀ କରି ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଶିକ୍ଷାରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି।



### ପୁଣି ଲଘୁଚାପ, ଦୁଇ ଦିନରେ ଆହୁରି ଘନୀଭୂତ

## ସାରା ରାଜ୍ୟରେ ୩ ଦିନ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୨୫ା୭ (ସମିସ): ରାଜ୍ୟରେ ପୁଣି ଗୋଟିଏ ପର୍ଯ୍ୟାୟ ବର୍ଷା ଆରମ୍ଭ ହୋଇଛି। ଜୁଲାଇ ମାସରେ ଏହା ତୃତୀୟ ପର୍ଯ୍ୟାୟ ବର୍ଷା ହୋଇଥିବା ବେଳେ ଏହି ବର୍ଷା ଆଗାମୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। କାରଣ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବା ଯୋଗୁଁ ମୌସୁମୀ ଏବେ ସମ୍ପୂର୍ଣ୍ଣ ସକ୍ରିୟ ରହିଛି। ଏହି ଲଘୁଚାପଟି ଆଗକୁ ଆହୁରି ଘନୀଭୂତ ହେବାର ମଧ୍ୟ ସମ୍ଭାବନା ରହିଛି। ତେଣୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବ୍ୟାପକ ଅଞ୍ଚଳରେ ବର୍ଷା ସହ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଇଛି।

**ଫୁଲିବ ଉତ୍ତର ଓଡ଼ିଶାର ନଦୀସମୂହ**

ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳ ୫ଟା ୩୦ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ତତ୍‌ସଂଲଗ୍ନ ପଶ୍ଚିମବଙ୍ଗ-ଓଡିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହିତ ବର୍ତ୍ତମାନ ଆରବ ସାଗରରେ ମଧ୍ୟ ଏକ ଲଘୁଚାପ ରହିଛି। ଏହାପ୍ରଭାବରେ ବଙ୍ଗୋପସାଗରରେ ରହିଥିବା ଲଘୁଚାପ କ୍ଷେତ୍ର ଆଗାମୀ ୨-୩ ଦିନ ଯାଏଁ ସମାନ ଅଞ୍ଚଳରେ ବିଚରଣ କରିବ। ତେଣୁ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ଥିବାରୁ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହି ଲଘୁଚାପ ପ୍ରଭାବରେ ଶୁକ୍ରବାର ରାତିଠାରୁ ରାଜ୍ୟର ଅନେକ ସ୍ଥାନରେ ▶ପୃଷ୍ଠା-୭


**ଶିକ୍ଷକ ନିଯୁକ୍ତି ଦୁର୍ନୀତି**

## ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ବିଭାଗ ତତ୍ପର

■ ଭୁବନେଶ୍ୱର, ୨୫।୭ (ବିଶ୍ୱଜିତ ଗାଇଗରିଆ): ରାଜ୍ୟର ସମସ୍ତ ବିଇଡି କଲେଜରେ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଅଧ୍ୟାପକ ରାଜ୍ୟ ସରକାରଙ୍କ ନିଦ ହଜିଯାଇଛି। ଫଳରେ ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

### ଯୋଗ୍ୟତା ନ ଥାଇ ନିଯୁକ୍ତିକୁ ସରକାରଙ୍କ ପରୋକ୍ଷ ସ୍ୱୀକାର
### କାର୍ଯ୍ୟାନୁଷ୍ଠାନ ବଦଳରେ ଏମ୍‌ଇଡି ପଢ଼ାଇବ ଉଚ୍ଚଶିକ୍ଷା ବିଭାଗ
### ଅନିୟମିତତାର ମାଷ୍ଟରମାଇଣ୍ଡଙ୍କୁ କିଏ ଓ କାହିଁକି ଦେଉଛି ସୁରକ୍ଷା?

ଭାବେ ନିଯୁକ୍ତି ଘଟଣାରେ ବାଜିଛି ଏନ୍‌ସିଟିଇ ଛାଟ। ଚଳିତମାସ ଶେଷ ସୁଦ୍ଧା ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ରିପୋର୍ଟ ଦାଖଲ କରିବାକୁ ଏନ୍‌ସିଟିଇ ତାଗିଦ କରିବା ପରେ ଏମ୍‌ଇଡି ଯୋଗ୍ୟତା ନ ଥାଇ ଚାକିରି ପାଇଥିବା ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ବଢ଼ାଇବା ଆଳରେ ସେମାନଙ୍କୁ ଯୋଗ୍ୟ କରିବା ପାଇଁ ଏମ୍‌ଇଡି ପଢ଼ିବାକୁ ଇଚ୍ଛାପତ୍ର ମାଗିଛି। ଅର୍ଥାତ୍



ଅଯୋଗ୍ୟଙ୍କୁ ନିଯୁକ୍ତି ଦିଆଯାଇଥିବା ସରକାର ସ୍ୱୀକାର କରିବା ସହ ନିଯୁକ୍ତି ଦୁର୍ନୀତି ଉପରେ ପରଦା ଢାଙ୍କିବାକୁ ପ୍ରୟାସ ଆରମ୍ଭ କରିଛନ୍ତି।

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଅଯୋଗ୍ୟ ଅଧ୍ୟାପକଙ୍କୁ ଯୋଗ୍ୟ କରିବା ପାଇଁ ଗତ ୨୧ ତାରିଖରେ ଏକ ତଞ୍ଚକତା ପୂର୍ଣ୍ଣ ଚିଠି କରାଯାଇଛି। ଯେଉଁ ଅଧ୍ୟାପକମାନଙ୍କ ପାଖରେ ଏମ୍‌ଇଡି ଯୋଗ୍ୟତା ନାହିଁ, ସେମାନଙ୍କୁ ଦୁଇ ବର୍ଷିଆ ଏମ୍‌ଇଡି ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ଏହି ଇଚ୍ଛାପତ୍ର ଦେବାକୁ କୁହାଯାଇଛି। ଅର୍ଥାତ୍ ଏମ୍‌ଇଡି ଯୋଗ୍ୟତା ନ ଥାଇ ମଧ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ପରୋକ୍ଷରେ ସ୍ୱୀକାର କରିଛି। ସେହି ସମାନ ଚିଠିରେ ଆହୁରି ଉଲ୍ଲେଖ ରହିଛି ▶ପୃଷ୍ଠା-୭





## ଘଟଣାକ୍ରମ

**୩ ମେ ୨୦୨୬ :** ସାରା ଦେଶରେ ନିଟ୍-ୟୁଜି ୨୦୨୬ ପରୀକ୍ଷା । ଏଥିରେ ପ୍ରାୟ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

**୧୨ ମେ:** ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ପରୀକ୍ଷା ବାତିଲଣା

**୧୫ ମେ:** ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ବେକାର ଯୁବକମାନେ 'କକ୍ରୋଚ' ପରି

**୧୬ ମେ:** ଅଭିଜିତ ଦୀପକଙ୍କ ଦ୍ୱାରା 'କକ୍ରୋଚ୍ ଜନତା ପାର୍ଟି' ନାମରେ ସୋସିଆଲ ମିଡିଆ ଆନ୍ଦୋଳନ ଆରମ୍ଭ

**୬ ଜୁନ୍:** 'କକ୍ରୋଚ' ପକ୍ଷରୁ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ

**୨୦ ଜୁନ୍:** ଯନ୍ତର-ମନ୍ତରରେ କକ୍ରୋଚ ପାର୍ଟିର ଦ୍ୱିତୀୟ ବିକ୍ଷୋଭ

**୨୧ ଜୁନ୍:** ଶାନ୍ତି ଶୃଙ୍ଖଳା ସହ ନିଟ୍ ପୁନଃ ପରୀକ୍ଷା ଶେଷ । ପରୀକ୍ଷା ଦେଲେ ୨୦ ଲକ୍ଷ ଶିକ୍ଷାର୍ଥୀ ।

**୨୮ ଜୁନ୍:** କକ୍ରୋଚ ଆନ୍ଦୋଳନକୁ ସମର୍ଥନ କରି ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ

**୧୬ ଜୁଲାଇ:** ନିଟ୍ ପୁନଃ ପରୀକ୍ଷାଫଳ ପ୍ରକାଶିତ । ୧୧.୨ ଲକ୍ଷ ପରୀକ୍ଷାର୍ଥୀଙ୍କୁ ସଫଳତା ।

**୨୦ ଜୁଲାଇ:** କକ୍ରୋଚ ଆହ୍ୱାନରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ସଂସଦ ଅଭିଯାନ । ପ୍ରଦର୍ଶନକାରୀଙ୍କ ଉପରେ ବର୍ବରତାପୂର୍ଣ୍ଣ ଲାଠି ମାଡ଼ ଓ ଲୁହବୁହା ଗ୍ୟାସ ପ୍ରୟୋଗ ।

**୨୧ ଜୁଲାଇ:** ପ୍ରଧାନମନ୍ତ୍ରୀ ଆବାସ ବାହାରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ଅଖିଳେଶ ଯାଦବଙ୍କ ବିକ୍ଷୋଭ ଓ ଧାରଣା ।

**୨୧/୨୨ ଜୁଲାଇ:** ସଂସଦର ମୌସୁମୀ ଅଧିବେଶନରେ ବିରୋଧୀ ଉଠାଇଲେ ନିଟ୍ ପ୍ରଶ୍ନପତ୍ର ଲିକ୍, ଲାଠିଚାର୍ଜ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗ ।

**୨୩ ଜୁଲାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପେପର ଲିକ୍ ମାମଲାର ଶୀଘ୍ର ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାର ଘୋଷଣା କରିଥିଲେ ।

**୨୩ ଜୁଲାଇ:** ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ ଭଙ୍ଗ । ଶିକ୍ଷା ସଚିବ ଭିନିତ ଯୋଶୀଙ୍କୁ ଦାୟିତ୍ୱରୁ ହଟାଗଲା ।

**୨୩ ଜୁଲାଇ:** ମଧ୍ୟରାତିରେ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦବୋଧନ

**୨୪ ଜୁଲାଇ:** ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ନିଯୁକ୍ତ, ପ୍ରଶ୍ନପତ୍ର ଲିକ୍ ପାଇଁ ୧୦ ବର୍ଷ ଜେଲ ଓ ୧୦ କୋଟି ଜରିମାନା ବ୍ୟବସ୍ଥା ଧାର୍ଯ୍ୟ

**୨୪ ଜୁଲାଇ:** ସରକାରଙ୍କ ସହ 'କକ୍ରୋଚ' ପ୍ରତିନିଧିଙ୍କ ଆଲୋଚନା । ଏନ୍‌ଟିଏର ୪୭ ଅଧିକାରୀଙ୍କୁ ହଟାଗଲା ।

**୨୫ ଜୁଲାଇ:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା

**୨୫ ଜୁଲାଇ:** ଆନ୍ଦୋଳନରୁ ଓହରିଲା ସିଜେପି

### ପୂରଣ ହେଲା ସବୁ ଦାବି

# ଉତ୍ସବରେ ଉଚ୍ଛୁଳିଲା ଯନ୍ତର-ମନ୍ତର

ନୂଆଦିଲ୍ଲୀ, ୨୫ ।୭ (ଏଜେନ୍ସି): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ସରକାରଙ୍କ ସହ ସଫଳ ଆଲୋଚନା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ଦୀର୍ଘଦିନିଆ ଆନ୍ଦୋଳନ ପ୍ରତ୍ୟାହୃତ କରିବାକୁ ଘୋଷଣା କରିଛି । ଦଳର ଜାତୀୟ ମୁଖପାତ୍ର ଆଶୁତୋଷ ରଙ୍କା ଯନ୍ତରମନ୍ତରଠାରେ ଆନ୍ଦୋଳନରତ ଛାତ୍ରଛାତ୍ରୀ ଓ ସମର୍ଥକମାନଙ୍କୁ ଆବେଦନ କରିଛନ୍ତି ଯେ ଦଳର ସମସ୍ତ ମୁଖ୍ୟ ଦାବିକୁ ସରକାର ଗ୍ରହଣ କରିନେଇଥିବାରୁ ସମସ୍ତେ ଶାନ୍ତିପୂର୍ଣ୍ଣ ଭାବେ ନିଜ

■ ୩୭ ଦିନର ଆନ୍ଦୋଳନ ଶେଷ
■ ଶାନ୍ତିପୂର୍ଣ୍ଣ ଭାବେ ଘରକୁ ଫେରିଯିବାକୁ ଅପିଲ

ନିଜ ଘରକୁ ଫେରିଯାଆନ୍ତୁ । ସାମ୍ବାଦିକ ସମ୍ମିଳନୀ ଓ ଯନ୍ତର ମନ୍ତର ମଞ୍ଚରୁ ସୂଚନା ଦେଇ ଆଶୁତୋଷ ରଙ୍କା କହିଛନ୍ତି ଯେ, 'ଆମର ମୁଖ୍ୟ ଦାବିଗୁଡ଼ିକୁ ସରକାର ସ୍ୱୀକାର କରିଛନ୍ତି । ଶିକ୍ଷାମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେଇସାରିଛନ୍ତି, ଆନ୍ଦୋଳନକାରୀ ଛାତ୍ରମାନଙ୍କ ଉପରେ କୌଣସି ପୁଲିସ ମାମଲା (ଏଫ୍‌ଆଇଆର) କରାଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ମିଳିଛି, ଏବଂ ପରୀକ୍ଷା ପ୍ରଣାଳୀର ସଂସ୍କାର ପାଇଁ ସଂସଦରେ ଆଲୋଚନା ହେବ । ତେଣୁ ଆମେ ସମସ୍ତ ଆନ୍ଦୋଳନକାରୀଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଶାନ୍ତିଶୃଙ୍ଖଳା ରକ୍ଷା କରି ନିଜ ଘରକୁ ଫେରିଯାଆନ୍ତୁ । ପାର୍ଟିର ଆଗାମୀ କାର୍ଯ୍ୟପନ୍ଥା ଓ ରଣନୀତି ସମ୍ପର୍କରେ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।' ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ସିଜେପି ମୁଖାପାତ୍ରଙ୍କ ଏହି ଘୋଷଣା ପରେ ଯନ୍ତର ମନ୍ତର ପ୍ରତିବାଦ ସ୍ଥଳରେ ଖୁସିର ଲହରୀ ଖେଳିଯାଇଛି । ଉପସ୍ଥିତ ହଜାର ହଜାର ଛାତ୍ରଛାତ୍ରୀ ଜାତୀୟ ପତାକା ଉଡ଼ାଇ 'ଗଣତନ୍ତ୍ରର ବିଜୟ' ବୋଲି ନାରାବାଜି କରିବା ସହ ଉତ୍ସବ ପାଳନ କରିଛନ୍ତି । ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଏବଂ ଅନ୍ୟ ନେତାମାନେ ମଧ୍ୟ ଏହି ବିଜୟକୁ ଦେଶର ଯୁବଶକ୍ତିର ବିଜୟ ବୋଲି ଅଭିହିତ କରିଛନ୍ତି । ଏହି ଆନ୍ଦୋଳନ ତଥା ବିକ୍ଷୋଭର ପ୍ରମୁଖ ସଫଳତାଗୁଡ଼ିକ ହେଲା, ପରୀକ୍ଷା ଅନିୟମିତତାର ନୈତିକ ଦାୟିତ୍ୱ ନେଇ ଧର୍ମେନ୍ଦ୍ର ପ୍ରଧାନଙ୍କ ପଦତ୍ୟାଗ, ଶାନ୍ତିପୂର୍ଣ୍ଣ ଅନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସରକାରୀ ପ୍ରତିଶ୍ରୁତି । କେନ୍ଦ୍ରୀୟ ପରୀକ୍ଷାଗୁଡ଼ିକରେ କଡ଼ା ନିୟମ ଏବଂ ସ୍ୱଚ୍ଛତା ଆଣିବା ପାଇଁ ସଂସଦରେ ନୂଆ ବିଲ୍ ଆଗତ କରିବାକୁ ପ୍ରତିଶ୍ରୁତି । ୨୬ ଦିନର ଆମରଣ ଅନଶନ ପରେ ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକ୍ ନିଜର ଆନ୍ଦୋଳନ ସମାପ୍ତ କରିଛନ୍ତି । ସିଜେପି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବର୍ତ୍ତମାନ ପାଇଁ ଧାରଣା ସ୍ଥଳ ଖାଲି କରାଯାଉଥିଲେ ହେଁ, ସରକାର ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ କେତେ ଦ୍ରୁତ ଗତିରେ କାର୍ଯ୍ୟକାରୀ ହେଉଛି ତାହା ଉପରେ ଦଳ କଡ଼ା ନଜର ରଖିବ ।

## ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ ୫-ଦଫା ଚାର୍ଟର

ନୂଆଦିଲ୍ଲୀ, ୨୫ ।୭ (ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ବିବାଦକୁ କେନ୍ଦ୍ର କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେଇଛନ୍ତି । ତେବେ କେବଳ ମନ୍ତ୍ରୀ ବଦଳିଲେ ସମସ୍ୟାର ସମାଧାନ ହେବ ନାହିଁ । ପରୀକ୍ଷା ବ୍ୟବସ୍ଥାରେ ବିଶ୍ୱାସ ଫେରାଇବା ପାଇଁ ବ୍ୟାପକ ସଂସ୍କାର ଆବଶ୍ୟକ ବୋଲି ବିଶେଷଜ୍ଞ ଓ ଛାତ୍ରଛାତ୍ରୀଙ୍କ ମତ । ପରୀକ୍ଷା ବ୍ୟବସ୍ଥାରେ ଆବଶ୍ୟକ ହେଉଥିବା ୫ଟି ପ୍ରମୁଖ ସଂସ୍କାର ପାଇଁ କକ୍ରୋଚ୍ ପାର୍ଟି ଦେଇଥିବା ପ୍ରସ୍ତାବ ।



**୧. ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପୁନର୍ଗଠନ:** ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନା ତ୍ରୁଟିକୁ ନେଇ ଏନ୍‌ଟିଏର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି । ସଂସ୍କାର ପୂର୍ଣ୍ଣ ପୁନର୍ଗଠନ କିମ୍ବା ବ୍ୟାପକ ସୁଧାର ପାଇଁ ପ୍ରସ୍ତାବ ।

**୨. ପ୍ରଶ୍ନପତ୍ର ବିତରଣ ବ୍ୟବସ୍ଥାକୁ ସୁରକ୍ଷିତ କରିବା:** ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ, ପରିବହନ ଓ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାକୁ ଅତ୍ୟାଧୁନିକ ବ୍ୟବସ୍ଥା ଅଧୀନରେ ଆଣିବା ଜରୁରୀ ।

**୩. ସ୍ୱଚ୍ଛ ଓ ଦ୍ରୁତ ମୂଲ୍ୟାଙ୍କନ ପ୍ରଣାଳୀ:** ସିବିଏସଇର ଅନ୍‌ସ୍କ୍ରିନ୍ ମୂଲ୍ୟାଙ୍କନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ମୂଲ୍ୟାଙ୍କନ ଓ ପୁନଃମୂଲ୍ୟାଙ୍କନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ।

**୪. ଉଚ୍ଚସ୍ତରୀୟ ସ୍ୱାଧୀନ ନିରୀକ୍ଷଣ କମିଟି:** ଅବସରପ୍ରାପ୍ତ ବିଚାରପତି, ସାଇବର ସୁରକ୍ଷା ବିଶେଷଜ୍ଞ ଓ ଫରେନ୍ସିକ୍ ବିଶେଷଜ୍ଞଙ୍କୁ ନେଇ ଏକ ସ୍ଥାୟୀ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମ୍ବେଦନଶୀଳ ପରୀକ୍ଷାଗୁଡ଼ିକର ତଦାରଖ କରିବାକୁ ପ୍ରସ୍ତାବ ଦିଆଯାଉଛି ।

**୫. କେବଳ ପରୀକ୍ଷା ନୁହେଁ, ରୋଜଗାର ଉପରେ ମଧ୍ୟ ଗୁରୁତ୍ୱ:** ପ୍ରଶ୍ନପତ୍ର ଲିକ୍ ଘଟଣା ପଛରେ ଥିବା ବଡ଼ ସମସ୍ୟା ହେଉଛି ଚାକିରିର ଅଭାବ । ତେଣୁ ପରୀକ୍ଷା ସଂସ୍କାର ସହ ଯୁବକଯୁବତୀଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ସରକାରଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ ।

ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ପରେ ଦେଶବ୍ୟାପୀ ବିରୋଧ ଆରମ୍ଭ ହୋଇଥିଲା । ପରେ ସିବିଏସଇର ଅନ୍‌ସ୍କ୍ରିନ୍ ମୂଲ୍ୟାଙ୍କନକୁ ନେଇ ମଧ୍ୟ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ ବଢ଼ିଥିଲା । ଏହା ପରେ ବିଭିନ୍ନ ଛାତ୍ର ସଂଗଠନ ଓ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଯନ୍ତର-ମନ୍ତରରେ ଦୀର୍ଘ ଆନ୍ଦୋଳନ ଆରମ୍ଭ କରିଥିଲେ । ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ନୂଆ ଶିକ୍ଷା ନେତୃତ୍ୱ ସାମ୍ନାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ପୁଣିଥରେ ସ୍ଥାପନ କରିବା । ପରବର୍ତ୍ତୀ ଦିନରେ ସରକାର କେଉଁ ସଂସ୍କାର କାର୍ଯ୍ୟକାରୀ କରୁଛନ୍ତି, ତାହା ଉପରେ ଦେଶର ଲକ୍ଷଲକ୍ଷ ପରୀକ୍ଷାର୍ଥୀଙ୍କ ନଜର ରହିଛି ।



## ଗୋଟିଏ ପୋଷ୍ଟ, ୬ଟି ଶବ୍ଦ ୩୭ ଦିନର ଆନ୍ଦୋଳନ କେନ୍ଦ୍ର ମନ୍ତ୍ରୀଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଏକ ବ୍ୟଙ୍ଗାତ୍ମକ ୬ ଶବ୍ଦ ସମ୍ବଳିତ ସାମାଜିକ ଗଣମାଧ୍ୟମ ପୋଷ୍ଟ ଭାରତୀୟ ରାଜନୀତିରେ ଘୂର୍ଣ୍ଣିଝଡ଼ ସୃଷ୍ଟି କରିଛି । ଅଭିଜିତ ଦୀପକେଙ୍କ ନେତୃତ୍ୱରେ ଗଠିତ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ୩୭ ଦିନର ଅନଶନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଏହି ଘଟଣା ଗତ ମେ ୧୬ରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରୁ ତୀବ୍ର ହୋଇଥିଲା । ବେକାର ଯୁବକମାନଙ୍କୁ 'ଅସରପା' (କକ୍ରୋଚ୍) ସହ ତୁଳନା କରାଯାଇଥିବା ଦେଶର ମୁଖ୍ୟ ବିଚାରପତିଙ୍କ ଏକ ବିବାଦୀୟ ମନ୍ତବ୍ୟର ଦୀପକେ ପ୍ରତିକ୍ରିୟା ରଖିଥିଲେ । 'ସବୁ ଅସରପା ଏକାଠି ହେଲେ କଣ ହେବ' ବୋଲି ସେ ପ୍ରଶ୍ନ କରିଥିଲେ । ପରେ ଏହି ଅନ୍‌ଲାଇନ୍ କଟାକ୍ଷ ବିଜୁଳି ବେଗରେ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନର ରୂପ ନେଇଥିଲା । ଦୀପକେ ଏକ ୱେବସାଇଟ୍ ଗଠନ କରି 'ଅଳସୁଆ ଏବଂ ବେକାରମାନଙ୍କ ସ୍ୱର' ବୋଲି ସ୍ଲୋଗାନ ଦେଇଥିଲେ । ତାଙ୍କ ଦ୍ୱାରା ଗଠିତ ସିଜେପି ଦଳ ସାମାଜିକ ଗଣମାଧ୍ୟମରେ ରାତାରାତି ଭାଇରାଲ ହୋଇଥିଲା । ନିଟ୍-ୟୁଜି ପେପର ଲିକ୍ ଏବଂ ବେକାରୀ ସମସ୍ୟାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଥିବା ଅସନ୍ତୋଷ ଏହାକୁ ହାୱା ଦେଇଥିଲା । ଏହି ଅନ୍‌ଲାଇନ୍ ଆନ୍ଦୋଳନ ସାମାଜିକ ଗଣମାଧ୍ୟମରେ ବିଜେପି ଏବଂ କଂଗ୍ରେସଠାରୁ ମଧ୍ୟ ଅଧିକ ଲୋକପ୍ରିୟ ହୋଇଥିଲା । ଜୁନ୍ ୬ରେ ଦୀପକେ ଆମେରିକାରୁ ଫେରି ଦିଲ୍ଲୀର ଯନ୍ତରମନ୍ତରଠାରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଦୀର୍ଘ ୩୭ ଦିନର ଆନ୍ଦୋଳନ, ପୁଲିସ ସହ ସଂଘର୍ଷ ଏବଂ ବଢ଼ୁଥିବା ଜନସାଧାରଣଙ୍କ ଚାପ ଫଳରେ ଶେଷରେ ସରକାର ନଇଁବାକୁ ବାଧ ହୋଇଥିଲେ । ଶନିବାର ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ, ସିଜେପି ପକ୍ଷରୁ ସେମାନଙ୍କର ପ୍ରତିବାଦ ପ୍ରତ୍ୟାହାର କରାଯାଇଛି । ସରକାର ଛାତ୍ରମଛାତ୍ରୀଙ୍କର ଅନେକ ପ୍ରମୁଖ ଦାବି ପୂରଣ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଘଟଣାକୁ ଭାରତୀୟ ଗଣତନ୍ତ୍ରରେ ଡିଜିଟାଲ୍ ସଚେତନତା ଏବଂ ଯୁବଶକ୍ତିର ଏକ ଅସାଧାରଣ ଉଦାହରଣ ଭାବେ ଗ୍ରହଣ କରାଯାଉଛି ।

## ପ୍ରଚଣ୍ଡ ଗହଳି ଯୋଗୁଁ ଯନ୍ତରମନ୍ତରରେ ସଂକ୍ରମଣ

ନୂଆଦିଲ୍ଲୀ, ୨୫ ।୭ (ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା 'କକ୍ରୋଚ୍ ଜନତା ପାର୍ଟି'ର ଆନ୍ଦୋଳନ ସ୍ଥଳରେ ଏବେ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଥିଲା । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଅତ୍ୟାଧିକ ଆର୍ଦ୍ରତା ଏବଂ ପ୍ରବଳ ଗହଳି ଯୋଗୁଁ ଅନେକ ଆନ୍ଦୋଳନକାରୀ ଭୂତାଣୁଜନିତ ସଂକ୍ରମଣ, ଜ୍ୱର, ଗଳା ବ୍ୟଥା ଏବଂ ନିର୍ଜଳନାର ଶିକାର ହେଉଥିଲେ ।

■ ଅସୁସ୍ଥ ହେଲେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀ
■ ଟାଇଫଏଡ୍‌ରେ ଆକ୍ରାନ୍ତ ଅଭିଜିତ୍



ଖୋଲା ଆକାଶ ତଳେ ଶୋଇବା ଏବଂ ନିୟମିତ ଖାଦ୍ୟପେୟର ଅଭାବ ଯୋଗୁଁ ବିଶେଷକରି ବୃଦ୍ଧବୃଦ୍ଧା ଓ ଯୁବବର୍ଗ ଅସୁସ୍ଥ ହୋଇପଡୁଥିଲେ । ଆନ୍ଦୋଳନ ସ୍ଥଳରେ ସ୍ୱେଚ୍ଛାସେବୀ ଡାକ୍ତରମାନଙ୍କ ଟିମ୍ ଶିବିର ପକାଇ ମାଗଣାରେ ଔଷଧ, ଓଆରଏସ୍ ଏବଂ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଉଥିଲେ । ଏହା ବ୍ୟତୀତ ପୁଲିସର ଲାଠିଚାଳନା ଏବଂ ଠେଲାପେଲା ସମୟରେ ଆହାତ ହୋଇଥିବା ଲୋକଙ୍କୁ ମଧ୍ୟ ଜରୁରୀ ସେବା ଦିଆଯାଇଥିଲା । ଡାକ୍ତରମାନେ ଗହଳି ଯୋଗୁଁ ସଂକ୍ରମଣ ଆହୁରି ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ କରିଥିଲେ । କକ୍ରୋଚ୍ ଜନତା ପାର୍ଟିର ସଂସ୍ଥାପକ ଅଭିଜିତ୍ ଦୀପକେ ଟାଇଫଏଡ୍ ରୋଗରେ ଆକ୍ରାନ୍ତ ହୋଇଥିବା ସତ୍ତ୍ୱେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଚାଲିଥିବା ଦେଶବ୍ୟାପୀ ଆନ୍ଦୋଳନକୁ ଜାରି ରଖିବାକୁ ଦୃଢ଼ ସଂକଳ୍ପ ପ୍ରକାଶ କରିଥିଲେ । ସୋସିଆଲ ମିଡିଆରେ ଏକ ଭିଡିଓ ସନ୍ଦେଶ ଜାରି କରି ଦୀପକେ କହିଛନ୍ତି ଯେ ବିଗତ କିଛି ଦିନ ହେବ ସେ ଅସୁସ୍ଥ ଥିଲେ ଏବଂ ତାଙ୍କର ଡାକ୍ତରୀ ପରୀକ୍ଷା ରିପୋର୍ଟରୁ ଟାଇଫଏଡ୍ ଚିହ୍ନଟ ହୋଇଛି । ବର୍ତ୍ତମାନ ସେ ଚିକିତ୍ସିତ ହେଉଛନ୍ତି ଏବଂ ପ୍ରତିଦିନ ସକାଳେ ଔଷଧ ସେବନ ଓ ସାଲାଇନ୍ ଗ୍ରହଣ କରୁଛନ୍ତି । ଏପରି ସ୍ୱାସ୍ଥ୍ୟାବସ୍ଥା ସତ୍ତ୍ୱେ, ଦେଶସାରା ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଆନ୍ଦୋଳନକାରୀଙ୍କୁ ସେ କୃତଜ୍ଞତା ଜଣାଇବା ସହ ସେମାନଙ୍କର ଏହି ନିରବଚ୍ଛିନ୍ନ ସଂଗ୍ରାମ ଦ୍ୱାରା ଦାବି ପୂରଣ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

## ଖାଦ୍ୟ ଅଟକାଇଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୫ ।୭ (ଏଜେନ୍ସି): ଯନ୍ତରମନ୍ତରରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଯୋଗାଣରେ ଦିଲ୍ଲୀ ପୁଲିସ ବାଧା ସୃଷ୍ଟି କରୁଥିବା ନେଇ 'କକ୍ରୋଚ୍ ଜନତା ପାର୍ଟି' ଅଭିଯୋଗ ଆଣିବା ପରେ ନୂଆ ବିବାଦ ଦେଖାଦେଇଥିଲା । ଦଳର ପ୍ରବକ୍ତା ଆଶୁତୋଷ ରଙ୍କା ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତା ସେୟାର କରି ଦିଲ୍ଲୀ ପୁଲିସ ପାଞ୍ଚ କିଲୋମିଟର ଦୂରରୁ ରାସ୍ତା ବନ୍ଦ କରି ଖାଦ୍ୟ ଏବଂ ଆନ୍ଦୋଳନକାରୀଙ୍କୁ ଅଟକାଉଥିବା ଦାବି କରିଥିଲେ । ବିଭିନ୍ନ ଅନଲାଇନ୍ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଉପରେ କଟକଣା ଲଗାଯାଇଥିବା ଚର୍ଚ୍ଚା ହେବା ପରେ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ତେବେ ଦିଲ୍ଲୀ ପୁଲିସ ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ଏବଂ ଭ୍ରମାତ୍ମକ ବୋଲି ସ୍ପଷ୍ଟ କରିଛି । ସାଧାରଣ ନାଗରିକ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେବଳ ଯାତାୟାତ ସମ୍ବନ୍ଧୀୟ ସୂଚନା ଦିଆଯାଇଛି ଏବଂ କୌଣସି ଖାଦ୍ୟ ଯୋଗାଣ ଉପରେ କଟକଣା ଲଗାଯାଇ ନାହିଁ ବୋଲି ପୁଲିସ ସ୍ପଷ୍ଟୀକରଣ ଦେଇଛି । ଗୁଜବରେ ବିଶ୍ୱାସ ନକରିବାକୁ ପୁଲିସ ସାଧାରଣ ଜନତାଙ୍କୁ ଅନୁରୋଧ କରିଥିବା ବେଳେ ପ୍ରତିବାଦ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ତରଳୁଛି ବରଫ, ସୃଷ୍ଟି ହେବ ୫୦ ହଜାରରୁ ଅଧିକ ନୂଆ ହ୍ରଦ

ନୂଆଦିଲ୍ଲୀ, ୨୫ ।୭ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱସାରା ବରଫର ଚାଦର ଓ ହିମବାହ (ଗ୍ଲେସିଅର୍) ତରଳିବାରେ ଲାଗିଛି । ବର୍ତ୍ତମାନ ବୈଜ୍ଞାନିକମାନେ ଏକ ଆଶଙ୍କାଜନକ ଚିତ୍ର ସାମ୍ନାକୁ ଆଣିଛନ୍ତି । ବରଫ ତଳେ ଲୁଚି ରହିଥିବା ଭୂମିର ଅନୁଧ୍ୟାନ କରି ଗବେଷକମାନେ ଦାବି କରିଛନ୍ତି ଯେ ହିମବାହଗୁଡ଼ିକ ତରଳିବା ପରେ ପୃଥିବୀ ପୃଷ୍ଠରେ ୫୬, ୦୦୦ରୁ ଅଧିକ ନୂଆ ହ୍ରଦ ସୃଷ୍ଟି ହୋଇପାରେ । ଏହା ଏସିଆ, ଆଣ୍ଡିଜ୍, ଆଲାସ୍କା ଏବଂ ଆର୍କଟିକ୍ ଅଞ୍ଚଳରେ ପ୍ରଳୟଙ୍କରୀ ବନ୍ୟାର ଆଶଙ୍କାକୁ ବହୁଗୁଣିତ କରିଦେବ । ସ୍ୱିଡେନ୍, ଆମେରିକା, ସୁଇଜରଲ୍ୟାଣ୍ଡ ଏବଂ ନରୱେର ପ୍ରମୁଖ ଗବେଷଣା ଅନୁଷ୍ଠାନଗୁଡ଼ିକର ବୈଜ୍ଞାନିକମାନେ ଆଣ୍ଟାର୍କଟିକା ଏବଂ ଗ୍ରୀନଲ୍ୟାଣ୍ଡକୁ ଛାଡ଼ି ବିଶ୍ୱର ଅନ୍ୟ ସମସ୍ତ ହିମବାହ ତଳେ ଥିବା ଭୂତଳ ଗଠନର ଏକ ତ୍ରିମାତ୍ରିକ ମାନଚିତ୍ର ପ୍ରସ୍ତୁତ କରିଛନ୍ତି । ଏଆଇ ଏବଂ ସ୍ୱତନ୍ତ୍ର ଗାଣିତିକ ମଡେଲ ସାହାଯ୍ୟରେ ସମ୍ପାଦିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ବରଫ ଅପସାରିତ ହେବା ପରେ ତଳେ ଥିବା ପ୍ରାକୃତିକ ଗାତ, ଉପତ୍ୟକା ଓ ବେସିନ୍‌ଗୁଡ଼ିକରେ ଜଳ ଜମା ହୋଇ ନୂଆ ହ୍ରଦ ଗଠନ ହେବ । 'ନେଚର କମ୍ୟୁନିକେସନ୍ସ' ପତ୍ରିକାରେ ପ୍ରକାଶିତ ଏହି ରିପୋର୍ଟ ଅନୁସାରେ, ଭବିଷ୍ୟତରେ ପ୍ରାୟ ୫୬, ୬୫୯ଟି ନୂଆ ହ୍ରଦ ସୃଷ୍ଟି ହୋଇପାରେ । ଏହି ହ୍ରଦଗୁଡ଼ିକ ସମୁଦାୟ ୪୦, ୬୪୭ ବର୍ଗ କିଲୋମିଟର ଅଞ୍ଚଳ ବ୍ୟାପି ରହିବ ଏବଂ ଏଥିରେ ୩, ୧୩୮ ଘନ କିଲୋମିଟର ଜଳ ଗଚ୍ଛିତ ହୋଇ ରହିପାରିବ । ଏହି ଜଳର ପରିମାଣ ସମୁଦ୍ର ପତ୍ତନକୁ ୭ ମିଲିମିଟର ଯାଏଁ ବଢ଼ାଇବା ପାଇଁ ଯଥେଷ୍ଟ, ଯାହା ଅସ୍ଥାୟୀ ଭାବେ ଏହି ହ୍ରଦଗୁଡ଼ିକରେ ଜମା ହୋଇ ରହିବ । ହିମାଳୟ, କାରାକୋରମ୍,


■ ବିପଦରେ ଏସିଆ ଓ ଆଣ୍ଡିଜ୍ ଅଞ୍ଚଳ
■ ୧.୫ କୋଟି ଲୋକଙ୍କ ଜୀବନ ପ୍ରତି ବିପଦ



ହିନ୍ଦୁକୁଶ, ପାମିର ଏବଂ ତିଏନ୍ ସାନ୍ ଭଳି ଉଚ୍ଚ ଏସୀୟ ପାର୍ବତ୍ୟ ଅଞ୍ଚଳରେ ଏହି ବିପଦ ସବୁଠାରୁ ଅଧିକ । ହିମବାହର ସମ୍ମୁଖ ଭାଗରେ ବଡ଼ ବଡ଼ ଗାତ ରହିଥିବାରୁ ଏଠାରେ ସୃଷ୍ଟି ହେବାକୁ ଥିବା ହ୍ରଦଗୁଡ଼ିକ ନିକଟସ୍ଥ ଜନବସତି, ରାସ୍ତାଘାଟ, କୃଷି କ୍ଷେତ୍ର ଓ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ବଡ଼ ବିପଦ ସୃଷ୍ଟି କରିବ । ଏହି ହ୍ରଦଗୁଡ଼ିକ କୂଳ ଭାଙ୍ଗି ହଠାତ୍ ପ୍ରବଳ ବନ୍ୟା (ହିମବାହ ହ୍ରଦ ବିସ୍ଫୋରଣ ବନ୍ୟା) ସୃଷ୍ଟି କରିବାର ପ୍ରତ୍ୟକ୍ଷ ସମ୍ଭାବନା ରହିଛି । ଅନ୍ୟ ଏକ ଗବେଷଣା ଅନୁସାରେ, ବିଶ୍ୱସାରା ପ୍ରାୟ ୧.୫ କୋଟି (୧୫ ମିଲିଅନ୍) ଲୋକ ଏହିପରି ହଠାତ୍ ଆସୁଥିବା ହିମବାହ ହ୍ରଦ ବନ୍ୟାର ସମ୍ମୁଖୀନ ହୋଇପାରନ୍ତି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ବିପଦପୂର୍ଣ୍ଣ ଜନସଂଖ୍ୟାର ଅଧାରୁ ଅଧିକ ଭାଗ କେବଳ ଭାରତ, ପାକିସ୍ତାନ, ଚୀନ୍ ଏବଂ ପେରୁ ଏହି ଚାରୋଟି ଦେଶରେ ବାସ କରନ୍ତି । ଯଦିଓ ଏହି ହ୍ରଦଗୁଡ଼ିକ ପ୍ରଳୟଙ୍କରୀ ବନ୍ୟାର ଆଶଙ୍କା ବଢ଼ାଉଛନ୍ତି, ତଥାପି ଏହାର ଏକ ସକାରାତ୍ମକ ଦିଗ ମଧ୍ୟ ରହିଛି । ଶୁଷ୍କ ଦିନଗୁଡ଼ିକରେ ଏଗୁଡ଼ିକ ମିଠା ପାଣିର ପ୍ରାକୃତିକ ଭଣ୍ଡାର ଭାବେ କାର୍ଯ୍ୟ କରିପାରିବେ ।

## ବ୍ରିଟେନ୍ ମନ୍ତ୍ରିମଣ୍ଡଳରେ ୩ ଭାରତୀୟ ସାଂସଦଙ୍କୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ପଦବୀ

ଲଣ୍ଡନ, ୨୫ ।୭ (ଏଜେନ୍ସି): ବ୍ରିଟେନର ନୂତନ ମନ୍ତ୍ରିମଣ୍ଡଳ ଅଦଳବଦଳରେ ଭାରତୀୟ ବଂଶୋଦ୍ଭବ ନେତାମାନେ ବଡ଼ ସଫଳତା ହାସଲ କରିଛନ୍ତି । ପ୍ରଧାନମନ୍ତ୍ରୀ ଏଣ୍ଡି ବର୍ନହାମ୍‌ଙ୍କ ନୂଆ ସରକାରରେ ଲେବର ପାର୍ଟିର ତିନି ଜଣ ଭାରତୀୟ ବଂଶୋଦ୍ଭବ ସାଂସଦଙ୍କୁ ପ୍ରମୁଖ ସରକାରୀ ପଦପଦବୀରେ ନିଯୁକ୍ତି ଦିଆଯାଇଛି । ଏହି ନୂତନ ଅଦଳବଦଳରେ କନିଷ୍କ ନାରାୟଣଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିବା ବେଳେ ସତବୀର କୌର ଏବଂ ହରପ୍ରୀତ ଉପ୍ପଲଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି । ବିହାରର ମୁଜଫରପୁରରେ ଜନ୍ମିତ କନିଷ୍କ ୧୨ ବର୍ଷ ବୟସରେ ୱେଲ୍ସକୁ ସ୍ଥାନାନ୍ତରିତ ହୋଇଥିଲେ । ଅକ୍ସଫୋର୍ଡ ଏବଂ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା କନିଷ୍କଙ୍କୁ ନୂତନ ଭାବେ ସୃଷ୍ଟି ହୋଇଥିବା କୃତ୍ରିମ ବୁଦ୍ଧିମତ୍ତା ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି । ପଞ୍ଜାବୀ ପରିବାରରୁ ଆସିଥିବା ସତବୀରଙ୍କୁ ଗୃହ ମନ୍ତ୍ରଣାଳୟ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ ସମାନତା, ମହିଳା ଓ ବାଳିକା ସୁରକ୍ଷା ପାଇଁ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ମିଳିଛି । ସଂସଦୀୟ କାର୍ଯ୍ୟର ସୁପରିଚାଳନା ଏବଂ ଭୋଟ୍ ସମୟରେ ଦଳୀୟ ଶୃଙ୍ଖଳା ରକ୍ଷା କରିବା ପାଇଁ ହରପ୍ରୀତଙ୍କୁ ସହକାରୀ ସଂସଦୀୟ ସଚେତକ (ଆସିଷ୍ଟାଣ୍ଟ ୱିପ୍) ଭାବେ ନିଯୁକ୍ତ କରାଯାଇଛି ।





# ଆଜି ଅଧରପଣା ନୀତି



| ଅଧରପଣା ନୀତି ନିର୍ଘଣ୍ଟ | |
|---|---|
| ତିନିରଥରେ ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ-ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ସକାଳ ୮ଟା |
| ବେଶ ଶେଷ | ସକାଳ ୯ଟା |
| ଗୋପଳବଲ୍ଲଭ | ପୂର୍ବାହ୍ଣ ୧୦ରୁ ୧୦ଟା ୩୦ |
| ସକାଳଧୂପ | ପୂର୍ବାହ୍ଣ ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ |
| ମଇଲମ | ଅପରାହ୍ଣ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ଣ ୧ଟା ୩୦ |
| ବେଶ ଶେଷ | ଅପରାହ୍ଣ ୨ଟା |
| ମଧ୍ୟାହ୍ନ ଧୂପ | ଅପରାହ୍ଣ ୩ଟା ୩୦ରୁ ୪ଟା ୩୦ |
| ତିନିରଥରେ ଅଧରପଣା ନୀତି ଶେଷ | ରାତି ୮ଟା |
| ମହାସ୍ନାନ ଶେଷ | ରାତି ୯ଟା |
| ମଇଲମ ଓ ବେଶ | ରାତି ୧୦ଟା |
| ସନ୍ଧ୍ୟା ଆଳତି | ରାତି ୧୦ଟା ୩୦ |
| ସନ୍ଧ୍ୟାଧୂପ | ରାତି ୧୧ଟାରୁ ୧୨ଟା |
| ମଇଲମ ଓ ଚନ୍ଦନଲାଗି | ରାତି ୧୨ଟା ୩୦ |
| ବଡ଼ସିଂହାର ବେଶ | ରାତି ୧ଟା |
| ବଡ଼ସିଂହାର ଭୋଗ | ରାତି ୧ଟା ୩୦ |
| ରାତ୍ର ପହୁଡ଼ | ରାତି ୨ଟା |

### ବାହୁଡ଼ାରେ ପୁଣି ଜଣେ ଭକ୍ତଙ୍କ ମୃତ୍ୟୁ

## ଗଭୀର ଉଦ୍‌ବେଗ ପ୍ରକାଶ କଲେ ନବୀନ

ଭୁବନେଶ୍ୱର,୨୫।୭ (ସମିସ): ପୁରୀ ବାହୁଡ଼ା ଯାତ୍ରାରେ ହୋଇଥିବା ଦଳଚକଟା ଓ ଏଥିପାଇଁ ଜଣ ଭକ୍ତଙ୍କ ମୃତ୍ୟୁ ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ କ୍ରମାଗତ ଭାବେ ରଥଯାତ୍ରା ସମୟରେ ଉପୁଜୁଥିବା ଅଘଟଣ ପାଇଁ ସେ ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇବା ସହ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଶନିବାର ନବୀନ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଲେଖିଛନ୍ତି, ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ଦଳାଚକଟା ଯୋଗୁଁ ଜଣେ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ଓ ଅନେକ ଆହତ ହୋଇଥିବା ବିଷୟ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ମୃତକଙ୍କ ପରିବାର ସଦସ୍ୟଙ୍କୁ ନବୀନ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ତେବେ ରଥଯାତ୍ରା ସମୟରେ ବାରମ୍ବାର ଏଭଳି ଅଘଟଣ ଘଟୁଛି କ'ଣ ପାଇଁ? ସରକାର ଏତେ ଖାମଖିଆଲି ଭାବେ କ'ଣ ପାଇଁ କାମ



କରୁଛନ୍ତି? ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାକୁ ସୁରୁଖୁରୁରେ ସମାପନ କରିବାକୁ ସରକାର ଆଦୌ ଗୁରୁତ୍ୱର ସହ ଗ୍ରହଣ ନକରିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ନବୀନ ଉଲ୍ଲେଖ କରିଛନ୍ତି।


ନବୀନ କହିଛନ୍ତି, ଅନୁଭବ ହେଉଛି ଅତୀତର ତ୍ରୁଟିରୁ ଶିଖିବାର ମନୋବୃତ୍ତି ଏହି ସରକାରର ନାହିଁ। ଗୋଟିଏ ପରେ ଗୋଟିଏ ଅଘଟଣ ପ୍ରତିବର୍ଷ ରଥଯାତ୍ରା ସମୟରେ ଘଟୁଛି, ଲୋକଙ୍କ ଜୀବନ ଯାଉଛି, ରାଜ୍ୟ ବଦନାମ ହେଉଛି। କିନ୍ତୁ ସରକାରଙ୍କ କାର୍ଯ୍ୟଶୈଳୀରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ। ଭୁଲରୁ ଶିଖିବା ପରିବର୍ତ୍ତେ ସବୁକିଛି କାମଚଳା ନୀତିରେ କରାଗଲା ଭଳି ଅନୁଭବ ହେଉଛି। ଆଉ କେତେ ଅଘଟଣ ପରେ ସରକାର ସଚେତନ ହେବେ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ପ୍ରତି ବର୍ଷ ଏପରି ଘଟୁଥିବା ବେଳେ ସରକାର ଏଥିରୁ କିଛି ନଶିଖିବା ଆହୁରି ଦୁର୍ଭାଗ୍ୟଜନକ। ସୁନାବେଶ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଘୋଷଯାତ୍ରାର ଦେବନୀତି କିଭଳି ବିନା କୌଣସି ବିଭ୍ରାଟରେ ଶେଷ ହେବ ସରକାର ସେଥିପ୍ରତି ବିଶେଷ ଯତ୍ନବାନ ହୁଅନ୍ତୁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଅକାଳରେ ପ୍ରାଣ ନହରାନ୍ତୁ ବୋଲି ନବୀନ କହିଛନ୍ତି।

## ତିନିରଥରେ ଭାଙ୍ଗାହେବ ୯ ଅଧରହାଣ୍ଡି

ପୁରୀ,୨୫।୭ (ସମିସ): ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ରବିବାର ଅଧରପଣା ନୀତି ସମ୍ପନ୍ନ ହେବ। ଏହି ନୀତି ପାଇଁ ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ ହୋଇଛି। ତାହାକୁ ଅଧର ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଦାରୁବିଗ୍ରହଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏଁ ପଣା ଭୋଗ ହେବ। ଦାରୁବିଗ୍ରହଙ୍କ ନିକଟରେ ପଣା ଭୋଗ ପରେ ଏହି ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣା ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ରଥରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଅଧରପଣା ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି।







# ସୁନାବେଶରେ ଝଲସିଲେ ଚତୁର୍ଦ୍ଧା ମୂର୍ତ୍ତି

**ରେଢ଼ାଖୋଲ, ୨୫।୭ (ସମିସ) :** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଶନିବାର ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ବୋର୍ଡ ତତ୍ତ୍ୱାବଧାନରେ ବାହୁଡ଼ା ଯାତ୍ରାର ଦ୍ୱିତୀୟ ଦିନରେ ରଥଟଣା ଆରମ୍ଭ ହୋଇଥିଲା। ଏଥିରେ ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ରଥଟାଣି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥଖଳାରେ ପହଞ୍ଚିଥିଲେ। ବାଟରହଣିରେ ରଥଖଳାରେ ରଥାରୂଢ଼ ଶ୍ରୀଜିଉ ମାନଙ୍କର ବଡ଼ ଏକାଦଶୀ ରୀତିନୀତି ବିଧିବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ନନ୍ଦିଘୋଷ ରଥରେ ପୂଜକ ଭାବରେ ରଞ୍ଜନାଭ ପାଣିଗ୍ରାହୀ(ମୁନା ନନା) ଓ ଦଧିବାମନ ରଥରେ ପୂଜକ ଭାବରେ ଅରୁଣ କୁମାର ସାସନୀ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ରହ୍ମ ସମାଜ କମିଟି ପକ୍ଷରୁ ଶ୍ରୀ ଜିଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ନନ୍ଦିଘୋଷ ରଥରେ



ଅନ୍ତର୍ଯ୍ୟାମୀ ପଣ୍ଡା(ପିନୁ), ବିକାଶ ଦାସ, ଭବାନୀ ପଣ୍ଡା, ଦେବାଶିଷ ଷଡ଼ଙ୍ଗୀ, ଜୟଦେବ ପୃଷ୍ଟି, ଦଧିବାମନ ରଥରେ ବ୍ରହ୍ମ ସମାଜ ସମ୍ପାଦକ ପ୍ରଶାନ୍ତ ରଥ, ମନୋଜ ଦାସ, ଶୁଭଜିତ ରଥ, ସୌମରଞ୍ଜନ ଶାସନୀ ପ୍ରମୁଖ ସମେତ ଅନ୍ୟ ସେବାୟତମାନେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ପାଇଁ ସହଯୋଗ କରିଥିଲେ।

# ସୁନାବେଶରେ ଦର୍ଶନ ଦେଲେ ମହାବାହୁ

**ସମ୍ବଲପୁର, ୨୫।୭ (ସମିସ)**

ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ପବିତ୍ର ହରିଶୟନ ଏକାଦଶୀରେ ଆଜି ଚତୁର୍ଦ୍ଧାମୂର୍ତ୍ତି ରଥ ଉପରେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ସମ୍ବଲପୁରର ସମସ୍ତ ଜଗନ୍ନାଥ ମନ୍ଦିରରେ ସୁନାବେଶ ଆୟୋଜିତ ହୋଇଯାଇଛି। ରଥଗୁଡ଼ିକ ପାଖରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଆସନ୍ତାକାଲି ମହାପ୍ରଭୁଙ୍କ ଅଧରପଣା ଓ ରସଗୋଲା ଭୋଗ ପରେ ନିଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ। ଆଜି ବଡ଼ ଏକାଦଶୀରେ ଉପବାସ ରଖୁଥିବା ଶ୍ରଦ୍ଧାଳୁମାନେ ମହାଆଳତୀ ଦର୍ଶନ କଲାପରେ ଜଳସ୍ପର୍ଶ କରିବା ବିଧି ରହିଛି।





ଗତକାଲି ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରା ଶୁକ୍ଳପକ୍ଷ ଦଶମୀ ତିଥିରେ ରଥାରଢ଼ ହୋଇ ସ୍ୱମନ୍ଦିରକୁ ଯାତ୍ରାରମ୍ଭ କରିଥିଲେ। ସମ୍ବଲପୁରର ଝାଡ଼ୁଆପଡ଼ାର ବ୍ରହ୍ମପୁରା, ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଉତରାର ରାମଜୀ ମଠ, ଧନୁପାଲିର ଗୋପାଲଜୀ, କମଳିବଜାର ଗୋପାଳଜୀମଠର ଜଗନ୍ନାଥ, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର ତଥା ତଥା ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତ୍ରରାଜପୁର, ବଡ଼ବଜାର, ସାକ୍ଷୀପଡ଼ାର ରାଧାମଦନଗୋପାଳ ମନ୍ଦିରରେ ତିନିଠାକୁର ରଥ ଉପରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରଥଯାତ୍ରା ସମୟରେ ମେଳା ମହୋତ୍ସବ ଆୟୋଜନ କରାଯାଇଛି।

# ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଛାତ୍ର ଆନ୍ଦୋଳନର ବିଜୟ : ସଞ୍ଜିତ ମହାନ୍ତି

**ସମ୍ବଲପୁର, ୨୫।୭ (ସମିସ) :** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦେଶର ଛାତ୍ର ସମାଜର ଅଧିକାର ପାଇଁ ହୋଇଥିବା ଦୀର୍ଘ ଲଢ଼େଇର ଏକ ନୈତିକ ବିଜୟ ବୋଲି କହିଛନ୍ତି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି। ନିଜ ଅଧିକାର, ଭବିଷ୍ୟତ ଓ ନ୍ୟାୟ ପାଇଁ ଦେଶର ଛାତ୍ରଛାତ୍ରୀମାନେ ଯେପରି ଏକତ୍ରିତ ହୋଇ ସ୍ୱର ଉଠାଇଛନ୍ତି, ତାହା ଭାରତୀୟ ଗଣତନ୍ତ୍ରରେ ଏକ ନୂଆ ଅଧ୍ୟାୟର ଆରମ୍ଭ। ଛାତ୍ର ଶକ୍ତି ଆଉ ନିରବ ନୁହେଁ। ଏହି ଆନ୍ଦୋଳନ ପ୍ରମାଣ କରିଛି ଯେ ଯେତେବେଳେ ଛାତ୍ର ସମାଜ ନିଜ ଅଧିକାର ପାଇଁ ଏକଜୁଟ ହୁଏ, ସେତେବେଳେ କୌଣସି ଶକ୍ତି ତାଙ୍କ ସ୍ୱରକୁ ଦମନ କରିପାରେ ନାହିଁ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ଛାତ୍ରମାନଙ୍କୁ ଜାତି, ଧର୍ମ, ଭାଷା କିମ୍ବା ଅଞ୍ଚଳ ନାମରେ ବିଭାଜିତ କରି ତାଙ୍କର ମୂଳ ପ୍ରଶ୍ନକୁ ଦବାଇ ରଖିବା ଆଉ ସମ୍ଭବ ନୁହେଁ। ଦେଶର ଛାତ୍ର ସମାଜ ଏବେ ବୁଝିସାରିଛି ଯେ ତାଙ୍କର ଭବିଷ୍ୟତ, ଶିକ୍ଷା ଓ ରୋଜଗାର ହେଉଛି ସବୁଠାରୁ ବଡ଼ ପ୍ରଶ୍ନ। ଏହି ଜାଗ୍ରତ ଛାତ୍ର ଶକ୍ତିକୁ ଏବେ କୌଣସି ବିଭାଜନକାରୀ ରାଜନୀତି ଦୁର୍ବଳ କରିପାରିବ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, ଦେଶର ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ଉନ୍ନତି, ସମସ୍ତଙ୍କ ପାଇଁ ସୁଲଭ ଓ ଉଚ୍ଚମାନର ଶିକ୍ଷା, ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଶିକ୍ଷିତ ଯୁବପିଢ଼ି ପାଇଁ ପର୍ଯ୍ୟାପ୍ତ ରୋଜଗାର ସୃଷ୍ଟି କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସାମ୍ବିଧାନିକ ଓ ନୈତିକ ଦାୟିତ୍ୱ। ଯୁବପିଢ଼ିଙ୍କ ଭବିଷ୍ୟତ ସହ ଖେଳ ନ କରି ସରକାର ଏବେ ଶିକ୍ଷା ଓ ରୋଜଗାରକୁ ସର୍ବୋଚ୍ଚ ପ୍ରାଥମିକତା ଦିଅନ୍ତୁ। ଛାତ୍ରମାନଙ୍କ ସ୍ୱରକୁ ଶୁଣିବା, ତାଙ୍କର ଦାବିକୁ ସମ୍ମାନ କରିବା ଏବଂ ତାଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ହିଁ ଯେକୌଣସି ଦାୟିତ୍ୱଶୀଳ ସରକାରର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ବୋଲି ସଞ୍ଜିତ ମହାନ୍ତି କହିଛନ୍ତି।

# ସମ୍ବଲପୁରର ଶୁଭମ୍ ପାଇବେ ୟଙ୍ଗ ପାୱାର ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର ପୁରସ୍କାର

**ସମ୍ବଲପୁର, ୨୫।୭ (ସମିସ) :** ଆଇଇଇଇ ପାୱାର ଇଲେକ୍ଟ୍ରୋନିକ୍ସ ସୋସାଇଟି ଦ୍ୱାରା ପ୍ରାୟୋଜିତ ୨୦୨୬ ବର୍ଷ ପାଇଁ "ରିଚାର୍ଡ ଏମ୍. ବାସ ଉତ୍କୃଷ୍ଟ ଯୁବ ପାୱାର ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର (ରିଚାର୍ଡ ଏମ୍. ବାସ୍ ଆଉଟ୍‌ଷ୍ଟେଣ୍ଡିଙ୍ଗ ୟଙ୍ଗ ପାୱାର ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର) ପୁରସ୍କାର ପାଇବା ପାଇଁ ସମ୍ବଲପୁରର ଶୁଭମ ସାହୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଇଲେକ୍ଟ୍ରୋନିକ୍ସ ଉପାଦାନ ଏବଂ ସିଷ୍ଟମର ସୁରକ୍ଷିତ ଡିଜାଇନରେ ଅବଦାନ ପାଇଁ ଏହି ପୁରସ୍କାର ସକାଶେ ଚୟନ କରାଯାଇଛି। ପାୱାର ଆସନ୍ତା ଅକ୍ଟୋବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ଭାଙ୍କୋଭର୍ ବିସି, କାନାଡ଼ାରେ ହେବାକୁ ଥିବା 'ଆଇଇଇ ଏନର୍ଜି ଆଣ୍ଡ କନ୍‌ଭର୍ସନ୍ କଂଗ୍ରେସ୍ ଏକ୍ସପୋ'ରେ ଏହି ପୁରସ୍କାର ପ୍ରଦାନ କରାଯିବ। ମୁଦିପଡ଼ା ହାଉସିଂବୋର୍ଡ ନିବାସୀ ନବଘନ ସାହୁ ଓ ମୀନାକ୍ଷୀ ସାହୁଙ୍କ ପୁଅ ଶୁଭମ ସାହୁ ବର୍ତ୍ତମାନ ଆଲବର୍ଗ ବିଶ୍ୱବିଦ୍ୟାଳୟ, ଡେନମାର୍କରେ ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରିଚାର୍ଡ ଏମ୍. ବାସ୍ ଉତ୍କୃଷ୍ଟ ଯୁବ ପାୱାର ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର ପୁରସ୍କାର ୩୫ ବର୍ଷରୁ କମ୍ ବୟସର ଜଣେ ଇଞ୍ଜିନିୟରଙ୍କ ଦ୍ୱାରା ପାୱାର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ଦିଏ। ୧୯୯୯ ମସିହାରୁ, ଏହା ଆମେରିକାର ଜର୍ଜିଆର ଆଟଲାଣ୍ଟାରେ ଥିବା ଜର୍ଜିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ରିଚାର୍ଡ ଏମ୍. ବାସ୍‌ଙ୍କ



ସ୍ମୃତିରେ ଉତ୍ସର୍ଗ କରାଯାଇଛି। ଏହି ପୁରସ୍କାରରେ ପ୍ରୋତ୍ସାହନ ରାଶି (ଅନରାରିୟମ୍) ୧୦୦୦ ୟୁଏସ୍ ଡଲାର, ଫଳକ ତଥା ପୁରସ୍କାର ଉତ୍ସବରେ ଯୋଗଦେବା ପାଇଁ ପ୍ରାପ୍ତକର୍ତ୍ତାଙ୍କ ଆବଶ୍ୟକୀୟ ସମ୍ମିଳନୀ ପଞ୍ଜିକରଣ, ଯାତ୍ରା ଏବଂ ବାସସ୍ଥାନ ଖର୍ଚ୍ଚ ଦିଆଯାଇଥାଏ।

# ହୀରାକୁଦ ଜଳସ୍ତର ୬୧୩ ଫୁଟ୍‌କୁ ଖସିଲା

**ସମ୍ବଲପୁର, ୨୫।୭ (ସମିସ) :** ଉପରମୁଣ୍ଡରେ ବର୍ଷା ଏବଂ ଜଳଭଣ୍ଡାରର ଜଳ ପ୍ରବେଶ ପରିମାଣ ହ୍ରାସ ପାଇବାପରେ ସମ୍ପ୍ରତି ହୀରାକୁଦ ଜଳସ୍ତର ୬୧୩.୧୯ ଫୁଟ୍‌କୁ ଖସିଛି। ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୧୯ ତାରିଖ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ଅନ୍ୟପକ୍ଷରେ, ହୀରାକୁଦ ନଦୀବନ୍ଧର ରୁଲ୍ କର୍ଭ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୦୭ ଫୁଟ୍ ରହିବା ଆବଶ୍ୟକ। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୧୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୮ଟି ଏବଂ ଡାହାଣ ପାର୍ଶ୍ୱର ୪ଟି ଏହିପରି ମୋଟ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୫୧, ୩୬୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨, ୧୫, ୬୫୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧, ୮୧, ୫୮୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୬୯୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୦୪୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୧, ୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩୩, ୧୩୫ କ୍ୟୁସେକ୍, ଖଇରମାଳଠାରେ ୨, ୯୫, ୫୦୦ କ୍ୟୁସେକ୍, ବାରମୁଲଠାରେ ୩, ୧୧, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪, ୮୦, ୦୨୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୦୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨.୧୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

# ଭୀମ୍ ଆର୍ମୀର ରାଲି ଓ ବିକ୍ଷୋଭ



**ସମ୍ବଲପୁର, ୨୫।୭ (ସମିସ) :** ଭୀମ୍ ଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ନେତୃତ୍ୱରେ ସ୍ଥାନୀୟ ସରକାରୀ ବସ୍‌ଷ୍ଟାଣ୍ଡଠାରୁ ଏକ ରାଲି ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାପାଳଙ୍କ ଜରିଆରେ ଯୁବକଙ୍କ ସ୍ୱାର୍ଥର ସୁରକ୍ଷା, ପରୀକ୍ଷା ଏବଂ ନିଯୁକ୍ତି ବ୍ୟବସ୍ଥାରେ ବ୍ୟାପକ ସଂସ୍କାର, ଏବଂ ସମ୍ପ୍ରତି ଛାତ୍ର ଆନ୍ଦୋଳନ ସମୟରେ ଘଟିଥିବା ଘଟଣାର ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ରାଲି ବାହାରିବା ପୂର୍ବରୁ ବସଷ୍ଟାଣ୍ଡଠାରେ ଭୀମ ଆର୍ମୀ କର୍ମକର୍ତ୍ତାମାନେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଅବ୍ୟବସ୍ଥା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଇସ୍ତଫା ଦାବିକରି ବକ୍ତବ୍ୟ ରଖିଥିଲେ। ଏହି ରାଲି ଓ ବିକ୍ଷୋଭରେ ରାଜ୍ୟ ସଭାପତି ଲଙ୍କେଶ ରାବଣ, ସମ୍ପାଦକ ବିକାଶ ବୌଦ୍ଧ, ଦୀନେଶ ମୁଣ୍ଡା, ଟିଙ୍କୁ ଜଗତ, ରୋଶନ ଆଜାଦ, ଆଶିଷ ବୌଦ୍ଧ, ଜନ୍ମେଜୟ ଦୀପ, ଭୁବନ ବାଗ, ଉମେଶ ଉଗର, ଅନ୍ତର୍ଯ୍ୟାମୀ ଗରଡିଆ, ଟିଙ୍କୁ ଉଗର, ହିମାଂଶୁ ଭୁସାଗର, ବାବଲୁ ଭେସରା, ଗୋପୀନାଥ ରୋହିଦାସ, ଅନିଲ ମହାନନ୍ଦ ପ୍ରମୁଖଙ୍କ ସହ ଶହ ଶହ ସଦସ୍ୟସଦସ୍ୟା ସାମିଲ ଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଆନ୍ଦୋଳନକାରୀଙ୍କଠାରୁ ଡେପୁଟି କଲେକ୍ଟର ସୁଶାନ୍ତ ନାଏକ ଗ୍ରହଣ କରିଥିଲେ।

## ସମ୍ବଲପୁରର ଦୁର୍ଦ୍ଦଶା ପାଇଁ ଦାୟୀ କିଏ

# ଜୟଙ୍କ ପାଇଁ ସମ୍ବଲପୁରବାସୀ ମୌଳିକ ସୁବିଧାରୁ ବଞ୍ଚିତ: ବିଜେଡି

**ସମ୍ବଲପୁର, ୨୫।୭(ସମିସ):** ସାମାନ୍ୟ ବର୍ଷାରେ ବୁଡୁଛି ସମ୍ବଲପୁର। ଘରେ ପଶୁଛି ପାଣି, ଆଉ ବେହାଲ ହେଉଛି ଜନଜୀବନ। ଏତେବର୍ଷ ହେଲାଣି ଏହି ସମସ୍ୟା ସହରବାସୀଙ୍କ ଯନ୍ତ୍ରଣା ଦେଉଛି। ଏ ପ୍ରସଙ୍ଗକୁ ନେଇ ସମ୍ବଲପୁର ବିଜେଡି ସ୍ଥାନୀୟ ବିଧାୟକ ଓ ପ୍ରଶାସନକୁ ପ୍ରଶ୍ନ କରିଛି। ୨୨ ବର୍ଷ ଧରି ସମ୍ବଲପୁର ବିଧାୟକ ଭାବେ

ସାମାନ୍ୟ ବର୍ଷାରେ ବୁଡୁଛି ସହର

ମଧୁ ଚନ୍ଦ୍ରିକା ପାଇଁ ହେଉନି ମହାନଗର ନିଗମ ନିର୍ବାଚନ

ସହର ପାଲଟିଛି ଆବର୍ଜନା କୁଣ୍ଡ



ଜୟନାରାୟଣ ମିଶ୍ର ପ୍ରତିନିଧିତ୍ୱ କରୁଛନ୍ତି। ହେଲେ ଏବେ ସମ୍ବଲପୁରବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହଥିବା ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି, ସହରର ଅବ୍ୟବସ୍ଥାକୁ ନେଇ ବିଧାୟକଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ବଲପୁର ପାଇଁ ବର୍ଷା ଜଳ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ବିଧାୟକ ଜୟନାରାୟଣ କେବେ ଦାବି କରିଛନ୍ତି କି। ସହରର ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରଣୟନ ପାଇଁ ସରକାରଙ୍କୁ କୌଣସି ଚିଠି ଲେଖିଛନ୍ତି କିମ୍ବା ପଦକ୍ଷେପ ନେଇଛନ୍ତି କି। ସହରର ଭବିଷ୍ୟତକୁ ଦୃଷ୍ଟିରେ ରଖି ବୈଜ୍ଞାନିକ ସହର ଯୋଜନା ପାଇଁ କେବେ ପ୍ରୟାସ ହୋଇଛି କି। ବିଧାନସଭାରେ ସମ୍ବଲପୁରର ଜଳନିଷ୍କାସନ, ଜଳବନ୍ଦୀ, ରାସ୍ତା ଓ ଡ୍ରେନ୍ ସମସ୍ୟାକୁ କେତେଥର ଉଠାଯାଇଛି। ଜୟନାରାୟଣ ଦୀର୍ଘବର୍ଷ ଧରି ରାଜ୍ୟରେ ମନ୍ତ୍ରୀ ଥିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ସାମିଲ ରହିଛନ୍ତି। ତେଣୁ ପୂର୍ବ ସରକାରଙ୍କୁ ଦୋଷ ନଦେଇ ନିଜର ବିଫଳତା ସ୍ୱୀକାର କରିବା ସହ ଜନସାଧାରଣଙ୍କ ପାଇଁ ଏକ 'ଶ୍ୱେତପତ୍ର' ଜାରି କରିବାକୁ ଇଂ ପୂଜାରୀ ଦାବି କରିଛନ୍ତି। ରେଙ୍ଗାଲି ବିଧାୟକ ନିଜ ନିର୍ବାଚନମଣ୍ଡଳୀ ତଥା ସମ୍ବଲପୁର ସହରର ପରିସ୍ଥିତ ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ କହିଛନ୍ତି ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ଗଦା ହୋଇ ରହୁଛି, ଯାହାକୁ ଗାଈଗୋରୁ ଖାଉଛନ୍ତି। ଏହାସହ ମହାନଦୀରେ ପ୍ଲାଷ୍ଟିକ ଓ ପଲିଥିନ୍ ଫିଙ୍ଗାଯିବା ଫଳରେ ନଦୀପାଣି ବିଷାକ୍ତ ହେଉଛି। କିଛିଦିନ ପୂର୍ବରୁ ମହାନଦୀ କୂଳରେ ଏକ ଘରୋଇ ମେଡିକାଲ ସଂସ୍ଥା ଦ୍ୱାରା ବିପଜ୍ଜନକ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ଫିଙ୍ଗାଯାଇଥିବା ଘଟଣା ଜନସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ସୃଷ୍ଟି କରିଛି। ଅଧିକାଂଶ ଡ୍ରେନ୍ ଜାମ୍ ହୋଇପଡ଼ିଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ରାସ୍ତାଗୁଡ଼ିକ ଭାଙ୍ଗିରୁଜି ବଡ଼ ବଡ଼ ଗର୍ତ୍ତରେ ପରିଣତ ହୋଇଛି। ସହରରେ ଅନିୟମିତ ଜଳ ଯୋଗାଣ, ଲିକେଜ୍ ପାଇପ୍ ଓ ପାଣିର ନିମ୍ନ ମାନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ଏହାସହ ଅନେକ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ନାହିଁ କିମ୍ବା ଅଚଳ ହୋଇପଡ଼ିଛି। ରେଙ୍ଗାଲି ନର୍ବାଚନମଣ୍ଡଳୀରେ ଏବେ ମଧ୍ୟ କିଛି କିଛି ସ୍ଥାନକୁ ରାସ୍ତା ହୋଇପାରୁନାହି। ଜିଲ୍ଲା ପ୍ରଶାସନକୁ କହିଲେ ଅର୍ଥର ଅଭାବ ରହିଛି ବୋଲି କହି କଥା ସାରି ଦେଉଛନ୍ତି। ବିଜେଡି ଅଭିଯୋଗ କରିଛି, ଜଳବନ୍ଦୀ ଯୋଗୁଁ ମଶାଙ୍କ ପ୍ରାଦୁର୍ଭାବ ବଢୁଥିବା ବେଳେ ଡେଙ୍ଗୁ, ମ୍ୟାଲେରିଆ ଏବଂ ବସ୍ତି ଅଞ୍ଚଳରେ ଜଳବାହିତ ରୋଗର ଆଶଙ୍କା ଦେଖାଦେଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାରଙ୍କ ଆନ୍ତରିକତା ଅଭାବରୁ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ହୋଇପାରୁନାହିଁ। ଠିକାଦାର ଓ ନିଗମ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମହାନଗର ନିଗମ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଜେଡି ଅନେକ ଦାବିକୁ ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ଚେତାବନୀ ଦେଇଛି। ସମସ୍ତ ଜାମ୍ ଡ୍ରେନ୍ ସଫା କରି ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ହେଉ। ଭଙ୍ଗା ରାସ୍ତା ମରାମତି ଓ ଆବର୍ଜନା ପରିଚାଳନା ଯୁଦ୍ଧକାଳୀନଭିତ୍ତିରେ କରାଯାଉ। ମହାନଦୀରେ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ଫିଙ୍ଗା ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦିଆଯାଉ। ସହରୀ ବିକାଶ ପାଇଁ ଦୀର୍ଘମିଆଦି ଯୋଜନା ସାର୍ବଜନୀନ କରାଯାଉ। ସମ୍ବଲପୁର ବିଧାୟକ ସମସ୍ୟା ସମାଧାନ ନିମନ୍ତେ ନେଇଥିବା ପଦକ୍ଷେପ ଉପରେ ଶ୍ୱେତପତ୍ର ଜାରି କରନ୍ତୁ। ଯଦି ଆସନ୍ତା ୧୫ ଦିନ ମଧ୍ୟରେ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ କୌଣସି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ବୃହତ୍ ଜନଆନ୍ଦୋଳନ କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି।

# ୨୫ ବଣ୍ଡଲ କେନ୍ଦୁପତ୍ର ଜବତ; ୪ ଫେରାର

**ରେଢ଼ାଖୋଲ, ୨୫।୭ (ସମିସ):** ବେଆଇନ ଭାବେ ଭାର ସାହାଯ୍ୟରେ କେନ୍ଦୁପତ୍ର ଚାଲାଣ କରୁଥିବା ବେଳେ ବନ ବିଭାଗ ଚଢ଼ଉ କରିଥିଲା। ବନବିଭାଗ କର୍ମଚାରୀଙ୍କୁ ଦେଖି ୨୫ ବଣ୍ଡଲ କେନ୍ଦୁପତ୍ର ଛାଡ଼ି ୪ ଜଣ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଜବତ ପତ୍ରର ଓଜନ ଆନୁମାନିକ ଭାବେ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି।

ସୂଚନା ଯୋଗ୍ୟ ଯେ ମୋଚିବାହାଲ ସେକ୍ସନ୍ ଅଞ୍ଚଳରୁ ଜୁଯୋମୁରା ରେଞ୍ଜ୍ ଅଭିମୁଖେ ୪ ଜଣ ଯୁବକ ବେଆଇନ ଭାବେ କେନ୍ଦୁପତ୍ର ଭାର ସାହାଯ୍ୟରେ ଚାଲାଣ କରୁଥିଲେ। ଏ ସଂକ୍ରାନ୍ତରେ ବନ ବିଭାଗକୁ ସୂଚନା ମିଳିବାପରେ ରେଞ୍ଜର ଚିନ୍ମୟୀ କୁମାର ଗର୍ଡିଆଙ୍କ ନେତୃତ୍ୱରେ ମୋଚିବାହାଲ ଫରେଷ୍ଟର ଠାକୁର ପ୍ରଧାନ ଓ ରଞ୍ଜନ ନାଏକଙ୍କ ସହ ଏକ ଟିମ୍ ଚଢ଼ଉ କରିଥିଲା। ମୋଚିବାହାଲ ଓ ଜୁଯୋମୁରା ସୀମାନ୍ତ ଅଞ୍ଚଳରେ ବନ ବିଭାଗର ଟିମ୍‌କୁ ଦେଖି ଅଭିଯୁକ୍ତମାନେ ୨୫ ବଣ୍ଡଲ ପତ୍ର ଛାଡ଼ି ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ ମୋଚିବାହାଲ ଅଞ୍ଚଳରୁ ଜୁଯୋମୁରା ଦିଗକୁ ପତ୍ର ଚାଲାଣ କରୁଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

### ■ ହିନ୍ତରାଇରେ ଗୁଳିକାଣ୍ଡ ଘଟଣା

# ଅଭିଯୁକ୍ତ ଗିରଫ; ଦେଶୀ ବନ୍ଧୁକ ଜବତ

**ରେଢ଼ାଖୋଲ, ୨୫।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ ଡଇଁଚା ପଞ୍ଚାୟତ ହିନ୍ତରାଇ ଗାଁରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଗୁଳିକାଣ୍ଡ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ହିନ୍ତରାଇ ଗାଁର କରୁଣାକର ମାଝୀ ଏବଂ ମୃତକ ଭରତ ଦଣ୍ଡସେନା ଗାଁ ବାହାରେ କଟେଇ ନାମକ ସ୍ଥାନରେ ଭାତ, ଡାଲି ଓ ଛତୁ ରାନ୍ଧି ଭୋଜି କରୁଥିଲେ। ଏହି ସମୟରେ ସେମାନେ ନିଶା ସେବନ କରିଥିଲେ। ଭୋଜି ପରେ ପ୍ରାୟ ସାଢ଼େ ୩ଟା ସମୟରେ ଉଭୟ ମିଶି ହଂସାରଡି ଶିକାର କରିବାକୁ ଦେଶୀ ଶିକାରୀ ବନ୍ଧୁକରେ ୩ ଥର ଗୁଣ୍ଡ ଓ ଗୁଳି ଲୋଡ୍ କରି ପୋଖରୀ ଆଡ଼କୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ କରୁଣାକର କୌଣସି କାରଣରୁ ମୃତକ ଭରତଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ଏନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ କରୁଣାକର ମୃତକ ଭରତଙ୍କ ମୁଣ୍ଡକୁ ଗୁଳି ଚଳାଇଥିଲେ। ଘଟଣା ସ୍ଥଳରେ ହିଁ ଭରତଙ୍କ ମୃତ୍ୟୁ ହୋଇଥିଲା। ହତ୍ୟା ପରେ ଅଭିଯୁକ୍ତ ମୃତଦେହକୁ ଖଜୁରୀ ପତ୍ରରେ ଘୋଡାଇ ଜଙ୍ଗଲ ଆଡକୁ ଫେରାର ହୋଇଯାଇଥିଲା। ମୃତକଙ୍କ ଭାଇ ସରୋଜ କୁମାର ଦଣ୍ଡସେନାଙ୍କ ଅଭିଯୋଗ କ୍ରମେ ରେଢ଼ାଖୋଲ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଅଭିଯୁକ୍ତ କରୁଣାକର ମାଝୀକୁ ଉକ୍ତ ବନ୍ଧୁକ ସହ ଗିରଫ କରି କୋର୍ଟଚାଲାଣ କରାଯାଉଥିବା ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

# ଆମ ବସ୍‌କୁ ପଥରମାଡ଼, ମହିଳା ଯାତ୍ରୀ ଆହତ

**ସମ୍ବଲପୁର, ୨୫।୭ (ସମିସ):** ସମ୍ବଲପୁର ମହାନଗର ଅନ୍ତର୍ଗତ ବୁର୍ଲାର ଗାନ୍ଧିପଡ଼ା ଛକ ନିକଟରେ ଆଜି ରାତି ପ୍ରାୟ ସାଢ଼େ ୮ଟାରୁ ୯ଟା ମଧ୍ୟରେ ଏକ ଆମ ବସ୍ ଉପରକୁ ପଥରମାଡ଼ ହୋଇଥିବା ସୂଚନା ମିଳିଛି। ଏହାଦ୍ୱାରା ବସ୍‌ର ଝରକା କାଚ ଭାଙ୍ଗିଯିବା ସହ ଜଣେ ମହିଳା ଯାତ୍ରୀ ଆହତ ହୋଇଛନ୍ତି। ବୁର୍ଲା ପୁଲିସ ଯାତ୍ରୀଙ୍କ ଚିକିତ୍ସା କରାଇବା ସହ ଦୁର୍ବୃତ୍ତ ମାନଙ୍କୁ ଧରିବାକୁ ତନାଘନା ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁରରୁ ବୁର୍ଲାର ଅଟଳ ଛକ ଅଭିମୁଖେ ଯାଉଥିବା ଆମ ବସ୍‌ଟିକୁ ପ୍ଲାନେଟୋରିୟମ୍ ଛକରୁ ଜ୍ୟୋତିବିହାର ଛକକୁ ସଂଯୋଗ କରୁଥିବା ରାସ୍ତାର ଗାନ୍ଧିପଡ଼ା ଛକ ନିକଟରେ କିଛି ଦୁର୍ବୃତ୍ତ ହଠାତ୍ ପଥର ମାରିଥିଲେ। ବସର ଝରକା କାଚ ଭାଙ୍ଗିବାସହ ଜଣେ ମହିଳା ଯାତ୍ରୀଙ୍କ ମୁଣ୍ଡରେ ପଥର ବାଜିଥିବା ଜଣାପଡ଼ିଛି। ତୁରନ୍ତ ବୁର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭିମସାରକୁ ପଠାଇଥିଲା।

## ଜିଏମ୍‌ୟୁରେ ଭାରତୀୟ ଜ୍ଞାନ ପରମ୍ପରାକୁ ନେଇ ଜାତୀୟ ଆଲୋଚନାଚକ୍ର

# 'ପଶ୍ଚିମ ଓଡ଼ିଶା ଭାରତୀୟ ଜ୍ଞାନ ବ୍ୟବସ୍ଥା ଓ ସାଂସ୍କୃତିକ ଐତିହ୍ୟର ପ୍ରମୁଖ କେନ୍ଦ୍ର'

**ସମ୍ବଲପୁର, ୨୫।୭ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପରମ୍ପରା କେନ୍ଦ୍ର ପକ୍ଷରୁ ଆଜି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ 'ଭାରତୀୟ ଜ୍ଞାନ ପ୍ରଣାଳୀ: ଧାରଣା, ଉତ୍ସ ଓ ଗୁରୁତ୍ୱ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଅଧ୍ୟକ୍ଷତା କରି କହିଲେ ଯେ, ଓଡ଼ିଶାର ସାଂସ୍କୃତିକ ଓ ବୌଦ୍ଧିକ ଐତିହ୍ୟ ଉପରେ ବିଶେଷ ଗୁରୁତ୍ୱାରୋପ ସହ ଭାରତର ସମୃଦ୍ଧ ପାରମ୍ପରିକ ଓ ସ୍ଥାନୀୟ ଜ୍ଞାନ ପ୍ରଣାଳୀଗୁଡ଼ିକୁ ଅନ୍ୱେଷଣ ଓ ଲିପିବଦ୍ଧ କରିବା ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ। ସେ ଭାରତୀୟ ଜ୍ଞାନ ପ୍ରଣାଳୀକୁ ସଂରକ୍ଷଣ ଓ ପ୍ରୋତ୍ସାହିତ କରିବା ସହ ସାମ୍ପ୍ରତିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏହାର ସମାବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କମଳକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ସାମାଜିକ, ସାଂସ୍କୃତିକ ଏବଂ ବୈଜ୍ଞାନିକ ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ଭାରତର ପାରମ୍ପରିକ ଜ୍ଞାନର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତିଭୂଷଣ ମଲିକ, ଭାରତର ଦେଶୀୟ ଜ୍ଞାନ ପରମ୍ପରା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହି କ୍ଷେତ୍ରରେ ବିଭିନ୍ନ ବିଷୟଭିତ୍ତିକ ଗବେଷଣାକୁ ଉତ୍ସାହିତ କରିବା ଦିଗରେ ଏହି ଆଲୋଚନାଚକ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ପରେ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ପୂର୍ବତନ ଓଡ଼ିଆ ପ୍ରାଧ୍ୟାପକ ଡ. ଶ୍ୟାମ ସୁନ୍ଦର ଧର, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବିଜୟ ଶତପଥୀ, ଏମଏସସିବି ବିଶ୍ୱବିଦ୍ୟାଳୟ, ବାରିପଦାର ମାନବବିଜ୍ଞାନ ଓ ଆଦିବାସୀ ଅଧ୍ୟୟନ ବିଭାଗର



ସହଯୋଗୀ ପ୍ରଫେସର ଡ.ବସନ୍ତ କୁମାର ମହନ୍ତ, ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ୍ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନ୍ସେସ୍‌ର ପୂର୍ବତନ ଉପମହାନିର୍ଦ୍ଦେଶକ ଡ. ମଦନ ମୋହନ ପାଢ଼ୀ, ଲାଟଭିଆ ବିଶ୍ୱବିଦ୍ୟାଳୟର ଆୟୁର୍ବେଦ ଚେୟାର୍ ପ୍ରଫେସର ବ୍ରହ୍ମାନନ୍ଦ ମହାପାତ୍ର, କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ. ରାଜେନ୍ଦ୍ର ପାଢ଼ୀ, ଓଡ଼ିଶା ସଂସ୍କୃତି ବିଭାଗର ପ୍ରାକ୍ତନ ଉପନିର୍ଦ୍ଦେଶକ ଡ. ସୁନୀଲ ପଟ୍ଟନାୟକ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ କଲିକତାର ଅଧିକ୍ଷଣ ପ୍ରତ୍ନତତ୍ତ୍ୱବିଦ ଡଡିବି. ଗଡ଼ନାୟକ, କୋରାପୁଟର ଡଃ ଏନ୍.ସି. ପଣ୍ଡା ପ୍ରମୁଖ ନିମନ୍ତ୍ରିତ ବକ୍ତା ଭାବେ ଯୋଗଦେଇଥିଲେ। ସେମାନେ ଆଦିବାସୀ ଜ୍ଞାନ, ସଂସ୍କୃତି, ଭାଷା, ଜନଜାତି ଜ୍ଞାନ, ଆୟୁର୍ବେଦ, ଲୋକକଥା ଏବଂ ସ୍ଥାୟୀ ଅଭ୍ୟାସର ସମୃଦ୍ଧ ପରମ୍ପରାକୁ ସଂରକ୍ଷଣ କରିବାରେ ଓଡ଼ିଶା, ବିଶେଷକରି ପଶ୍ଚିମ ଓଡ଼ିଶାର ଅବଦାନ ଉପରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରର ସଂଯୋଜକ ଏବଂ ଭାରତୀୟ ଜ୍ଞାନ ବ୍ୟବସ୍ଥା କେନ୍ଦ୍ରର ସଂଯୋଜକ ପ୍ରଫେସର ଅଞ୍ଜଳୀ ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ।

# ସୁନାରେ ଝଟକିଲେ ଶ୍ରୀଜୀଉ





ରାଉରକେଲା, ୨୫।୭ (ସମିସ)





ସୁନାରେଝଟକିଲେଶ୍ରୀଜୀଉ।ରାଉରକେଲାରବିଭିନ୍ନ ଜଗନ୍ନାଥମନ୍ଦିରରେମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଦୁର୍ଲଭ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି।

ସେକ୍ଟର-୩ ଐରାବନ୍ଧ ଜଗନ୍ନାଥ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ଶ୍ରୀଜିଉମାନେ ଭକ୍ତମାନଙ୍କୁ ସୁନାବେଶରେ ଥାଇ ଦର୍ଶନ ଦେଉଛନ୍ତି। ମଥାରେ ସୁନାର ମୁକୁଟ ସାଙ୍ଗକୁ କାନରେ ସୁନାର କୁଣ୍ଡଳ। କମରରେ ସୁନାର କମରପଟି, ପାଦରେ ଶ୍ରୀପୟର ଶୋଭା ପାଉଛି। ସେହିପରି ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ହସ୍ତରେ ସୁବର୍ଣ୍ଣର ହଳମୁଷଳ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହସ୍ତରେ ସୁବର୍ଣ୍ଣର ଚକ୍ର ଓ ରୁପାର ଶଙ୍ଖ। ସେହିପରି ମା' ସୁଭଦ୍ରାଙ୍କ ସୁବର୍ଣ୍ଣର ମୁକୁଟ ଶୋଭା ପାଉଥିଲା। ପାଦରୁ ମସ୍ତକ ପର୍ଯ୍ୟନ୍ତ ସୁବର୍ଣ୍ଣ ଅଳଙ୍କାରରେ ଆଭୂଷିତ ହୋଇ ଅଗଣିତ ଭକ୍ତଙ୍କୁ ରଥ ଉପରୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଭକ୍ତଙ୍କ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଡାକରେ ଆଜି ବି ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇଛି। ଏହି ଅବସରରେ ଆୟୋଜିତ ଭଜନ ସନ୍ଧ୍ୟାରେ ଭକ୍ତିପୂର୍ଣ୍ଣ ଭଜନ ଶୁଣି ଭକ୍ତମାନେ ଭାବବିହ୍ୱଳ ହୋଇ ପଡିଥିଲେ।

ସେହିପରି କୋଏଲ ନଗର, ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିର, ହନୁମାନ ବାଟିକା ସ୍ଥିତ ଜଗନ୍ନାଥ ମନ୍ଦିର, ଦକ୍ଷିଣ ରାଉରକେଲା ସାରନଗରୀ ସ୍ଥିତ ଜଗନ୍ନାଥ ମନ୍ଦିର, ଦେଓଗାଁ ଜଗନ୍ନାଥ ମନ୍ଦିର, ବାଲିଯୋଡି, ଜଳଦା, ପାନପୋଷ, ଲାଠିକଟା, ଛେଣ୍ଡ, ବେଦବ୍ୟାସ, କଲୁଙ୍ଗା, ବନ୍ଧମୁଣ୍ଡା, ସମେତ ଅନ୍ୟ ଅଞ୍ଚଳରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି।

## ବଣାଇଁଗଡ଼ରେ ଶ୍ରୀଜୀଉଙ୍କ ସୁନାବେଶ



ବଣାଇଁଗଡ଼: ବଣାଇଁ ସହରରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ତିନି ଠାକୁରଙ୍କ ନିତିକାନ୍ତି ପରେ ଦେବୋତ୍ତର ବିଭାଗ ପକ୍ଷରୁ ୩୦ କେଜିରୁ ଊର୍ଦ୍ଧ୍ୱ ଠାକୁରଙ୍କ ଅଳଙ୍କାର ଅଣାଯାଇ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗ ଓ ମାଜିଷ୍ଟ୍ରେଟ ଭାବେ ବଣାଇଁ ସହକାରୀ ଜିଲ୍ଲାପାଳ କୁଳମଣି ଧଳଙ୍କ ଉପସ୍ଥିତିରେ ସମସ୍ତ ସେବାୟତମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଅଳଙ୍କାରରେ ସୁସଜ୍ଜିତ କରିଥିଲେ। ଏହି ସୁନାବେଶ ସମାରୋହରେ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓଦେବ, ଆଧ୍ୟାତ୍ମିକ ଚେତନାଶିଳ ଏବଂ ବଦାନ୍ୟ ବ୍ୟକ୍ତି ଦୋଳ ଭଞ୍ଜନ ଭଞ୍ଜ, ବଣାଇଁ ଥାନା ଅଧିକାରୀ ପିଙ୍କି ମୁର୍ମୁ, ବିରଜା ପ୍ରସାଦ ମାହାନ୍ତି, ରାଜେନ୍ଦ୍ର ଆଚାର୍ଯ୍ୟ, ମାନସ କୁମାର ଶତପଥି, ବିନୋଦ ପାଣିଗ୍ରାହୀ, ସନ୍ତୋଷ ମିଶ୍ର, ସରୋଜ ମିଶ୍ର, ବିଜୟ ମିଶ୍ର, ଚିନ୍ମୟ ତ୍ରିପାଠୀ, ରାଜେଶ ପଣ୍ଡା, ଫକୀର ମିଶ୍ର, ଶ୍ରୀନିବାସ ନନ୍ଦ, ଶିବ ନାରାୟଣ ଦେଓଙ୍କ ସହିତ ଜଗନ୍ନାଥଙ୍କ ସମସ୍ତ ସେବକ ଉପସ୍ଥିତ ଥିଲେ।



ସାରନଗରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ

## ମା' ତାରିଣୀ ମନ୍ଦିରରେ ବାହୁଡ଼ା ଯାତ୍ରା

ରାଉରକେଲା,୨୫।୭ (ସମିସ): ସ୍ଥାନୀୟ ସିଭିଲ ଟାଉନସିପ୍ ସ୍ଥିତ ମା' ତାରିଣୀ ମନ୍ଦିରରେ ବାହୁଡ଼ା ଯାତ୍ରା ଭକ୍ତିମୟ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ୧୬ ଜୁଲାଇରେ ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା, ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସୁଦର୍ଶନଙ୍କୁ ନେଇ ରଥ ମା' ତାରିଣୀ ମନ୍ଦିରରୁ ଏସ୍‌ଟିଆଇ ସ୍ଥିତ ମାଉସୀ ମା' ମନ୍ଦିର ଅଭିମୁଖେ ଗଡ଼ିଥିଲା। ଶନିବାର ଅନୁଷ୍ଠିତ ବାହୁଡ଼ା ଯାତ୍ରାରେ ରଥ ଏସ୍‌ଟିଆଇ ସ୍ଥିତ ମାଉସୀ ମା' ମନ୍ଦିରରୁ ଫେରି ମା' ତାରିଣୀ ମନ୍ଦିରରେ ପହଞ୍ଚିଥିଲା। ରାସ୍ତାରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଭକ୍ତମାନଙ୍କ ପାଇଁ ପ୍ୟାକେଟ୍ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ସମସ୍ତଙ୍କ ସହଯୋଗରେ ରଥ ସୁରକ୍ଷିତ ଭାବେ ମା' ତାରିଣୀ ମନ୍ଦିରରେ ପହଞ୍ଚିଥିଲା। ରଥ ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର ପରିସରରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଚଳିତ ବର୍ଷର ରଥଯାତ୍ରା ଶ୍ରୀ ମା' ତାରିଣୀ ଠାକୁରାଣୀ ଟ୍ରଷ୍ଟର ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଭାବେ ନିର୍ମଳ ଚନ୍ଦ୍ର



ରାଉତରାୟ ଦାୟିତ୍ୱ ତୁଲାଇଥିବା ବେଳେ ଅନ୍ୟ ଟ୍ରଷ୍ଟି ପ୍ରଭାତ କୁମାର ମିଶ୍ର, ରୁଷିନାଥ ବିଶ୍ୱାଳ, ଦେବବ୍ରତ ବିହାରୀ, ଦିବ୍ୟସିଂହ ସାମଲ, ବିଜୟ ସାମଲ, କାଶୀନାଥ ସାହୁ, ବୁଧିରାମମହାନ୍ତି ଏବଂ ଅଖିଳଦାଶରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଛାତ୍ର ଓ ଯୁବକଙ୍କ ସଂଗ୍ରାମର ବିଜୟକୁ ସିଟୁର ଅଭିନନ୍ଦନ

ରାଉରକେଲା, ୨୫।୭ (ସମିସ): ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ(ସିଟୁ) ସମଗ୍ର ଦେଶର ଛାତ୍ର ଯୁବକ ସମାଜକୁ ସେମାନଙ୍କର ଐତିହାସିକ ସଂଗ୍ରାମର ବିଜୟ ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛି। ନିଟ୍ ସହ ବିଭିନ୍ନ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ଲିକ, ପରୀକ୍ଷା ବ୍ୟବସ୍ଥାରେ ବ୍ୟାପକ ଦୁର୍ନୀତି ଓ ଅବ୍ୟବସ୍ଥା ଏବଂ ଏହାର ପରିଣାମ ସ୍ୱରୂପ ୨୨ ଜଣ ଛାତ୍ର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ଜବାବ ଦାବି କରି ଦେଶବ୍ୟାପୀ ଛାତ୍ରଯୁବକମାନେ ଦୀର୍ଘଦିନ ଧରି ସଂଗ୍ରାମ କରିଆସୁଥିଲେ। ସେମାନଙ୍କର ଏହି ଅଦମ୍ୟ ସାହାସ ଓ ଗଣତାନ୍ତ୍ରିକ ସଂଗ୍ରାମର ଫଳସ୍ୱରୂପ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଦ ତ୍ୟାଗ କରିବାକୁ ପଡିଛି। ଏହା ଦେଶର ଛାତ୍ର ଯୁବ ଆନ୍ଦୋଳନ ଏବଂ ଭାରତୀୟ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ। ଏହି ସଂଗ୍ରାମ କେବଳ ଛାତ୍ର ଯୁବକ ମଧ୍ୟରେ ସୀମିତ ରହିନଥିଲା। ସମାଜର ବିଭିନ୍ନ ବର୍ଗର ଲୋକ ଗଣତାନ୍ତ୍ରିକ ଓ ପ୍ରଗତିଶୀଳ ଶକ୍ତି, ଶିକ୍ଷକ, ଅଭିଭାବକ ଏବଂ ସାଧାରଣ ଜନତା ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ। ଲାଠିଚାର୍ଜ, ଦମନ-ପୀଡନ ଓ ପ୍ରଶାସନିକ ଦମନ ସତ୍ତ୍ୱେ ଆନ୍ଦୋଳନକାରୀମାନେ ପଛକୁ ହଟିନଥିଲେ। ସେମାନଙ୍କର ସାହାସ ଓ ଦୃଢତା ଭାରତୀୟ ଗଣତନ୍ତ୍ର ପାଇଁ ଆଶାର ନୂଆ ସନ୍ଦେଶ ଦେଇଛି। ତେବେ କେବଳ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପଦତ୍ୟାଗରେ ଏହି ପ୍ରସଙ୍ଗର ସମାଧାନ ହେବ ନାହିଁ। ଏନଟିଆଇକୁ ତୁରନ୍ତ ବିଲୋପ କରିବା, ପରୀକ୍ଷା ପ୍ରକ୍ରିୟାର ବିକେନ୍ଦ୍ରୀକରଣ କରିବା ଏବଂ ବ୍ୟବସାୟୀକରଣ, କେନ୍ଦ୍ରୀକରଣ ଓ ସାମ୍ପ୍ରଦାୟିକୀକରଣକୁ ପ୍ରୋତ୍ସାହନ କରୁଥିବା ଜାତୀୟ ଶିକ୍ଷା ନୀତି-୨୦୨୦କୁ ପ୍ରତ୍ୟାହାର କରିବା ଆବଶ୍ୟକ। ଆଗାମୀ ଦିନରେ ମଧ୍ୟ ସେମାନଙ୍କର ଗଣତାନ୍ତ୍ରିକ ସଂଗ୍ରାମକୁ ଜାରି ରଖିବେ ଏବଂ ଏହାପ୍ରତି ସର୍ବଦା ଦୃଢ ସମର୍ଥକ ଜାରୀ ରହିବ ବୋଲି ସିଟୁ ପକ୍ଷରୁ କୁହାଯାଇଛି।

● ଦିଲ୍ଲୀ ଯନ୍ତରମନ୍ତରରେ ଛାତ୍ରଙ୍କ ଉପରେ ଆକ୍ରମଣ ଘଟଣା

## କଂଗ୍ରେସ ପକ୍ଷରୁ ବିକ୍ଷୋଭ; ପୁଲିସ ସହ ଧସ୍ତାଧସ୍ତି



ରାଉରକେଲା, ୨୫।୭ (ସମିସ): ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ତରଫରୁ ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋତିଲାଲ ଦୀପ ଓ ଯୁବନେତା ଶିବୁ ଦୀପଙ୍କ ନେତୃତ୍ୱରେ ଆଜି ରାଉରକେଲା ଉଦିତନଗର ଛକରେ ଏକ ଗଣ ବିକ୍ଷୋଭ ଆୟୋଜନ କରାଯାଇଥିଲା। ଦିଲ୍ଲୀ ପୁଲିସ ଦ୍ୱାରା ଯନ୍ତରମନ୍ତରରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ, ନିଟ ପ୍ରଶ୍ନପତ୍ର ଲିକ୍ ଓ ଦେଶର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ବିରୋଧରେ ବର୍ଷିଥିଲେ କଂଗ୍ରେସ ନେତା। ବିକ୍ଷୋଭ ସମୟରେ ନରେନ୍ଦ୍ର ମୋଦି, ଅମିତ ସାହା ଓ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଅବସରରେ ପୁଲିସ ସହ ବିକ୍ଷୋଭକାରୀଙ୍କ ଠେଲାପେଲା, ଧସ୍ତାଧସ୍ତି ହୋଇଥିଲା। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ସ୍ଲୋଗାନ ଦିଆ ଯାଇଥିଲା। ତେବେ ଏହି ସମୟରେ ଏହି ବିକ୍ଷୋଭରେ ଜିଲ୍ଲା କଂଗ୍ରେସ ସଭାପତି ସବୀର ହୁସେନ, ପୂର୍ବତନ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ନାଥ ପଟ୍ଟନାୟକ, ପୂର୍ବତନ ସଭାପତି ରବି ରାୟ, ପୂର୍ବତନ ରାଜ୍ୟ କଂଗ୍ରେସ ମହାସଚିବ ପ୍ରବୋଧ ଦାସ, ସଂଖ୍ୟା ଲଘୁ ସଭାପତି ଇଜାଜ ଅକ୍ତର, ପୂର୍ବତନ ଜିଲ୍ଲା ସଭାପତି ରଶ୍ମି ପାଢ଼ୀ, ରାଜ୍ୟ ସଂଖ୍ୟାଲଘୁ ମହାସଚିବ ଯୁବ ନେତା ସଦ୍ଦାବ ଅହମଦ, ପ୍ରସନ୍ନ ବଳିୟାରସିଂ, ଜିଲ୍ଲା ଉପସଭାପତି ଖଦାଳ ସେଠି, ଜିଲ୍ଲା ପୂର୍ବତନ ଉପସଭାପତି ବାସୁ ବାନାର୍ଜୀ, ସୁଶୀଲ ସିଂହ, ସେଲ ସଭାପତି ଅମିତ ଉଡା, ଚନ୍ଦ୍ରକାନ୍ତ ବାରିକ, ବ୍ଲକ ସଭାପତି ସବୀର ହୁସେନ, ରାକେଶ ବେଉରୀଆ, ଏମଡି ଗୁଲାବ, ବ୍ଲକ ସଭାପତି ପ୍ରଦୀପ୍ତ ପଣ୍ଡା, ନଚିକେତା ମହାପାତ୍ର, ପ୍ରାଦ୍ୟୁମ୍ନ ଷଡ଼ଙ୍ଗୀ, ଅମିତ ଦୀପ, ବିକାଶ ବାଗ ସହିତ ଶତାଧିକ ଛତ୍ରଛାତ୍ରୀ ଓ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଜଳମଗ୍ନ କୋଇଡ଼ା

କୋଇଡା,୨୫।୭ (ସମିସ): କୋଇଡାରେ ଶୁକ୍ରବାର ରାତି ସାରା ଲଗାଣ ବର୍ଷା



ଲାଗି ରହିଥିଲା। ଫଳରେ ଶନିବାର ସକାଳୁ ଲୋକମାନେ ନିଦରୁ ଉଠିବା ପରେ ଚାରିଆଡେ ଜଳମଗ୍ନ ହୋଇଥିବା ଦେଖିଥିଲେ। ରାସ୍ତାଘାଟ ଠାରୁ ସବୁ କଲଭର୍ଟ ଉପରେ ପାଣି ଲହଡ଼ି ଭାଙ୍ଗୁଥିଲା। ଆଉ ସ୍ରୋତ ବଢିଯିବାରୁ କୋଇଡା ବ୍ଲକ୍ ହେଡ୍‌କ୍ୱାର୍ଟର୍ସର ୫୦ରୁ ଊର୍ଦ୍ଧ୍ୱ ଘରେ ପାଣି ପଶିଯାଇଥିଲା। ଲୋକେ କିଛି ବୁଝିବା ପୂର୍ବରୁ ତାଙ୍କ ଆସବାବପତ୍ର, ଜୀବଜନ୍ତୁ, ବିଛଣା ,ଖାଦ୍ୟ ସାମଗ୍ରୀ ସବୁ ବୋହିଯାଉଥାଏ। ହେଲେ ଉଦ୍ଧାର ଓ ସହାୟତା ପାଇଁ କେହି ପହଞ୍ଚି ନଥିଲେ। କେରକେଟା ସାହି, ନିୟୁ ଗାର୍ଡେନ କଲୋନୀ, ଧୁବୁଲାବେଡା ଆଦି ବେଶୀ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଗୋପିସାହି ଓ ଗାଡାଟୋଲା ଓ ବାକରଟୋଲା ନାଳ ଫୁଲିଯିବା ଫଳରେ ଲୋକେ ବାହ୍ୟ ଜଗତରୁ ବିଛିନ୍ନ ହୋଇପଡ଼ିଛନ୍ତି।



## ଜୁଆଆଡ୍ଡାରେ ଚଢ଼ଉ: ୯ ଗିରଫ

ରାଉରକେଲା,୨୫।୭ (ସମିସ): ସ୍ଥାନୀୟ ଛେଣ୍ଡ ଥାନା ପୁଲିସ ପକ୍ଷରୁ ଓମଫେଡ୍ କାରଖାନା ନିକଟରେ ଚାଲିଥିବା ଏକ ବେଆଇନ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ୯ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଛେଣ୍ଡ ଥାନାରେ ମାମଲା ରୁଜୁ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ୨୪ ଜୁଲାଇରେ ଛେଣ୍ଡ ଥାନାର ସବଇନ୍ସପେକ୍ଟର ଓମ ପ୍ରକାଶ ରାଉତରାୟଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ଛେଣ୍ଡ ଅଞ୍ଚଳର ବାଙ୍କିଆ ସ୍ଥିତ ଓମଫେଡ କାରଖାନା ନିକଟରେ ଚଢ଼ଉ କରିଥିଲେ। ସେଠାରେ ୯ ଜଣ ବ୍ୟକ୍ତି ବେଆଇନ ଭାବେ ଜୁଆ ଖେଳୁଥିବା ବେଳେ ସେମାନଙ୍କୁ କାବୁ କରାଯାଇଥିଲା। ଜୁଆ ଖେଳରେ ବ୍ୟବହୃତ ସମସ୍ତ ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅମର କୁମାର



**୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ଗାଡ଼ି ଓ ମୋବାଇଲ ଜବତ**

ସ୍ୱାଇଁ (୪୨), ସୁଶାନ୍ତ କୁମାର ବିଶ୍ୱାଳ (୩୬), ରୂପେଶ ଜୟସ୍ୱାଲ(୩୬), ପ୍ରବେଶ କୁମାର ସାହୁ (୪୫), ସୁନୀଲ କୁମାର ସାହ (୪୮), କଲ୍ୟାଣ ମିଞ୍ଜ (୪୧), କମଳାକାନ୍ତ ବାରିକ (୩୭) ଏବଂ ମହମ୍ମଦ ୱାସିମୁଦ୍ଦିନ (୬୫)। ଏହାସହ କାଳୀଚରଣ ମହାନ୍ତି (୫୦)ଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୩୫(୩) ଅନୁଯାୟୀ ନୋଟିସ ଜାରି କରାଯାଇଛି। ଘଟଣାସ୍ଥଳରୁ ପୁଲିସ ୭ ଲକ୍ଷ ୭୦୦ ଟଙ୍କା ନଗଦ, ବିଭିନ୍ନ କମ୍ପାନୀର ୧୨ଟି ମୋବାଇଲ ଫୋନ, ୧୦୪ଟି ତାସ ପତ୍ର, ଦୁଇଟି କାର୍, ବାଇକ୍ ଓ ସ୍କୁଟି ଜବତ କରିଛି।

● ରାଉରକେଲାର ନାଗରିକ ସମସ୍ୟାର ସମାଧାନ ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକ

## ଡେଙ୍ଗୁ ଓ ମ୍ୟାଲେରିଆ ନିୟନ୍ତ୍ରଣ ଉପରେ ଗୁରୁତ୍ୱ


ରାଉରକେଲା, ୨୫।୭ (ସମିସ): ରାଉରକେଲା ସହରର ବିଭିନ୍ନ ନାଗରିକ ସମସ୍ୟାର ସମୀକ୍ଷା ଏବଂ ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମ (ଆରଏମ୍‌ସି) କମିଶନର ଦୀନା ଦସ୍ତାଗୀରଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସହରର ଗୁରୁତ୍ୱପୂର୍ଣ୍ଣ ନାଗରିକ ସୁବିଧା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ରାସ୍ତା ଆଲୋକ (ଷ୍ଟ୍ରିଟ୍ ଲାଇଟ୍)ର ରକ୍ଷଣାବେକ୍ଷଣ, ରାସ୍ତାର ଖାଲଖମା ମରାମତି, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଡ୍ରେନେଜ୍ ବ୍ୟବସ୍ଥାର ସୁଧାର, ସଡ଼କ ଭିତ୍ତିଭୂମିର ଉନ୍ନତି ସହ ବର୍ଷା ଋତୁରେ



ଡେଙ୍ଗୁ ଓ ମ୍ୟାଲେରିଆ ପରି ଜନସ୍ୱାସ୍ଥ୍ୟଜନିତ ରୋଗର ପ୍ରତିରୋଧ ପାଇଁ ଗ୍ରହଣୀୟ ପଦକ୍ଷେପ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ରାଉରକେଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ), ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍)ଙ୍କ ସମେତ ବିଭିନ୍ନ ସରକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମନ୍ୱିତ ଭାବେ କାର୍ଯ୍ୟ କରି ସହରବାସୀଙ୍କୁ ଉନ୍ନତ ନାଗରିକ ସେବା ଯୋଗାଇବା ଉପରେ ମତବିନିମୟ କରିଥିଲେ। ବୈଠକରେ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି କରି ନାଗରିକ ସମସ୍ୟାର ତ୍ୱରିତ ସମାଧାନ ସହ ବର୍ଷା ଋତୁରେ ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ଗୁରୁତ୍ୱାରୋପ କରାଯାଇଥିଲା।

## ଆର୍‌ଏସ୍‌ପି କ୍ୱାର୍ଟର୍ସ ତାଜା ଭୁଶୁଡିଲା; ବର୍ତ୍ତିଗଲେ ୨ ଅଧ୍ୟାପିକା

ରାଉରକେଲା,୨୫।୭ (ସମିସ): ଗତ ୨ ଦିନ ଧରି ଲଗାଣ ବର୍ଷା ଯୋଗୁଁ ଆର୍‌ଏସ୍‌ପି ଅଧିନସ୍ଥ ସେକ୍ଟର-୨୨ ସ୍ଥିତ ଏକ ଏକ୍‌ଜିକ୍ୟୁଟିଭ ଫ୍ଲାଟର ତାଜା ଧସି ଯାଇଛି। ଫ୍ଲାଟରେ ବାସ କରୁଥିବା ଦୁଇ ଜଣ ଅଧ୍ୟାପିକା ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ମୁତାବକ, ଗତ ଦୁଇଦିନ ଧରି



ରାଉରକେଲା ସହରରେ ଲଗାଣ ବର୍ଷା ଲାଗି ରହିଛି। ଶନିବାର ସକାଳେ ସେକ୍ଟର-୨୨ ସ୍ଥିତ ଆର୍‌ଏସ୍‌ପି କ୍ୱାର୍ଟର୍ସ ବି-୧୬୦ ଏବଂ ବି-୧୬୪ର ସିଢ଼ି ଘର ଦ୍ୱାରରେ ଥିବା ତାଜାଟି ହଠାତ ଭୁଶୁଡି ତଳେ ପଡି ଯାଇଥିଲା। ଉକ୍ତ କ୍ୱାର୍ଟର୍ସ ଦୁଇଟିରେ ବାସ କରୁଥିବା ଦୁଇ ଜଣ ଅଧ୍ୟାପିକା କଲେଜ ଯିବାକୁ ବାହାରକୁ ବାହାରିବା ପୂର୍ବରୁ ଏହି ଅଘଟଣ ଘଟିଥିବାରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ତାଜାଟି ତଳେ ଝୁଲି ରହିବା ଦ୍ୱାରା ଉକ୍ତ ଦ୍ୱାରଟି ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା। ଫଳରେ ଅଧ୍ୟାପିକା ଦ୍ୱୟଘରୁ ବାହାରି ପାରିନଥିଲେ। ସୂଚନା ପାଇ ସ୍ଥାନୀୟ ଆରଏସପିର ମେଣ୍ଟେନାନ୍ସର ବରିଷ୍ଠ ଅଧିକାରୀ ଅନିଲ କୁମାର ରାୟଙ୍କ ସହ ଅନ୍ୟ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ପରିଷ୍କାର କରିବା ପରେ ସେମାନେ ଘରୁ ବାହାରି ଥିଲେ। ଦୀର୍ଘ ୫୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି କ୍ୱାର୍ଟର୍ସଗୁଡିକ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହେବାରେ ଲାଗିଛି। ଏପରିକି ଉକ୍ତ ଅଞ୍ଚଳରେ ଥିବା ଅଧିକାଂଶ କ୍ୱାର୍ଟର୍ସର ଛାତରୁ କଂକ୍ରିଟ ଖସିବାରେ ଲାଗିଛି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି।

## ଆର୍‌ଏସ୍‌ପି ଅଧିକାରୀ ପୁଅଙ୍କ ନିଟ୍‌ରେ ସଫଳତା

ରାଉରକେଲା,୨୫।୭ (ସମିସ): ରାଉରକେଲା ଇସ୍ପାତ କାରଖାନାର ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକଙ୍କ ପୁତ୍ର ସାତ୍ତ୍ୱିକ ପଟ୍ଟନାୟକ ସର୍ବଭାରତୀୟ ନିଟ୍ ପ୍ରବେଶିକା ପରୀକ୍ଷାରେ ୭୨୦ ନମ୍ବରରୁ ୭୦୦ ନମ୍ବର ରଖି ଅଲ୍ ଇଣ୍ଡିଆ ରାଙ୍କ (ଏଆଇଆର) ୪୦ ଏବଂ ଅଲ୍ ଓଡ଼ିଶା ରାଙ୍କ (ଏଓଆର) ରେ ପ୍ରଥମ ସ୍ଥାନ ହାସଲ କରି ରାଉରକେଲା ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି। ସୂଚନାଯୋଗ୍ୟ ଯେ ସାତ୍ତ୍ୱିକ ପଟ୍ଟନାୟକ ହେଉଛନ୍ତି ବିଏସଏନଏଲ, କୋଲକାତାରେ ଏସଡିଇ ଥିବା ଇତିଶ୍ରୀ ସାହୁ ଏବଂ ରାଉରକେଲା ଇସ୍ପାତ କାରଖାନାର ସିସିଡି ବିଭାଗର ଉପ ମହାପ୍ରବନ୍ଧକ ଶୁଭେନ୍ଦୁ



ପଟ୍ଟନାୟକଙ୍କ ପୁତ୍ର। ନିଟ୍ (ନ୍ୟାସନାଲ୍ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ) ରେ ସାତ୍ତ୍ୱିକ ଉତ୍କୃଷ୍ଟ ପ୍ରଦର୍ଶନ କରିବା ସହ ୯୯.୯୯ ପର୍ସେନଟାଇଲ ସହିତ ନୂଆଦିଲ୍ଲୀର ପ୍ରତିଷ୍ଠିତ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (ଏମ୍ସ) ରେ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜୀବନର ସକାରାତ୍ମକ ଦିଗ ଖୋଜିବାକୁ ଭଲ ପାଉଥିବା ଜଣେ ଖେଳାଳୀ, ସାତ୍ତ୍?କ ତାଙ୍କ ସଫଳତା ପାଇଁ ତାଙ୍କ ପିତାମାତାଙ୍କୁ ଶ୍ରେୟ ଦିଅନ୍ତି। ସେ କେବଳ ଜଣେ ଭଲ ଡାକ୍ତର ହେବା ପାଇଁ ନୁହେଁ ବରଂ ଜଣେ ଭଲ ମଣିଷ ହେବାକୁ ମଧ୍ୟ ଲକ୍ଷ୍ୟ ରଖନ୍ତି।

## ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ସେଲ୍‌ର ଉଲ୍ଲେଖନୀୟ ଲାଭ

ରାଉରକେଲା,୨୫।୭ (ସମିସ)


ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ପ୍ରଥମ ତ୍ରୈମାସିକରେ ସେଲ୍‌ର ଉଲ୍ଲେଖନୀୟ ଲାଭ କରିଥିବା ନେଇ ଆର୍ଥିକ ଫଳାଫଳ ଘୋଷଣା କରିଛି। ସେଲ୍‌ର ଆର୍ଥିକ ବର୍ଷ ୨୭ର ପ୍ରଥମ ତ୍ରୈମାସିକ (କ୍ୟୁ-୧)ର ଲାଭାର୍ଜନ ଗତ ବର୍ଷର ସମ ଅବଧି ତୁଳନାରେ ୧୩୮ ପ୍ରତିଶତ ବୃଦ୍ଧି ପାଇଛି। ଆର୍ଥିକ ବର୍ଷ ୨୭ର ପ୍ରଥମ ତ୍ରୈମାସିକରେ କମ୍ପାନୀର ପ୍ରଦର୍ଶନର ଏକ ସଂକ୍ଷିପ୍ତ ବିବରଣୀ ଅନୁସାରେ, ସେଲ୍ ୪.୭୬ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରିଥିବା ରିପୋର୍ଟ କରିଛି, ଯାହାକି ଆର୍ଥିକ ବର୍ଷ ୨୫-୨୬ ର ପ୍ରଥମ ତ୍ରୈମାସିକରେ ୪.୮୫ ନିୟୁତ ଟନ୍ ଏବଂ ଆର୍ଥିକ ବର୍ଷ ୨୫-୨୬ ର ଚତୁର୍ଥ ତ୍ରୈମାସିକରେ ୫.୦୮ ନିୟୁତ ଟନ୍ ଥିଲା। ଏହି ତ୍ରୈମାସିକ ପାଇଁ ବିକ୍ରି ପରିମାଣ ୪.୧୬ ନିୟୁତ ଟନ୍ ରହିଛି, ଯାହା ଆର୍ଥିକ ବର୍ଷ ୨୫-୨୬ ର ପ୍ରଥମ ତ୍ରୈମାସିକରେ ୪.୫୫ ନିୟୁତ ଟନ୍ ଏବଂ ଆର୍ଥିକ ବର୍ଷ ୨୫-୨୬ ର ଚତୁର୍ଥ ତ୍ରୈମାସିକରେ ୫.୩୨ ନିୟୁତ ଟନ୍ ଥିଲା। କାର୍ଯ୍ୟକ୍ଷମତାରୁ ରାଜସ୍ୱ ୨୬,୨୪୬ କୋଟି ଟଙ୍କା ରେକର୍ଡ କରାଯାଇଛି, ଯାହା ଆର୍ଥିକ ବର୍ଷ ୨୫-୨୬ ର ପ୍ରଥମ ତ୍ରୈମାସିକରେ ୨୫,୯୨୧ କୋଟି ଟଙ୍କା ଏବଂ ଆର୍ଥିକ ବର୍ଷ ୨୫-୨୬ ର ଚତୁର୍ଥ ତ୍ରୈମାସିକରେ ୩୦,୮୧୩ କୋଟି ଟଙ୍କା ଥିଲା।

ଗତ ବର୍ଷର ସମାନ ଅବଧି ତୁଳନାରେ ନିଟ୍ ଲାଭ ଆଶାତୀତ ବୃଦ୍ଧି ସହିତ କମ୍ପାନୀ ଆର୍ଥିକ ବର୍ଷ ୨୭ ର ପ୍ରଥମ ତ୍ରୈମାସିକରେ ମଜବୁତ ଲାଭଦାୟକତା ରିପୋର୍ଟ କରିଛି। ଆର୍ଥିକ ବର୍ଷ ୨୭ ର ପ୍ରଥମ ତ୍ରୈମାସିକ ସମୟରେ, ସେଲ୍ ବିଶ୍ୱବ୍ୟାପୀ ଯୋଗାଣ ଶୃଙ୍ଖଳାକୁ ବ୍ୟାହତ କରିଥିବା ଭୂ-ରାଜନୈତିକ ଅସ୍ଥିରତା ହେତୁ କିଛି ନିର୍ଦ୍ଧାରିତ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ଆଗୁଆ କରି ବିକ୍ରି/ଉତ୍ପାଦନ ପରିମାଣକୁ ସୀମିତ କରିଥିଲା। ଏହି ଦୂରଦୃଷ୍ଟିସମ୍ପନ୍ନ ଏବଂ ଯୋଜନାବଦ୍ଧ ପଦକ୍ଷେପ ଆଗାମୀ ତ୍ରୈମାସିକଗୁଡ଼ିକରେ ଅଧିକ ଉତ୍ପାଦନ ସ୍ଥିରତା ଏବଂ ସୁଧାରିତ ପ୍ରଦର୍ଶନକୁ ସହାୟକ ହେବ ବୋଲି ଆଶା କରାଯାଉଛି।

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକର ଫଳାଫଳ ସମ୍ପର୍କରେ ସେଲ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡଃ ଅଶୋକ କୁମାର ପଣ୍ଡା କହିଛନ୍ତି, ବିଶ୍ୱସ୍ତରୀୟ ଅନିଶ୍ଚିତତା ସତ୍ତ୍ୱେ ଦେଶରେ ଇସ୍ପାତର ନିରନ୍ତର ଚାହିଦା ଘରୋଇ ଇସ୍ପାତ ଶିଳ୍ପକୁ ଦୃଢ଼ତା ପ୍ରଦାନ କରିଛି। କାର୍ଯ୍ୟଦକ୍ଷତାରେ ଉନ୍ନତି, ବିଚକ୍ଷଣ ବ୍ୟୟ ପରିଚାଳନା ଏବଂ ଫଳପ୍ରଦ ବିପଣନ ରଣନୀତି ମାଧ୍ୟମରେ ସେଲ୍ ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ତ୍ରୈମାସିକରେ ଉଲ୍ଲେଖନୀୟ ଲାଭ ହାସଲ କରିଛି।

ସୃଜନିକା

ସକାଳ
THE SAKALA
www.sakalaepaper.com



# ଖୁଡ଼ୀ



ମୂଳ ହିନ୍ଦୀ : ସିୟାରାମଶରଣ ଗୁପ୍ତ
ଅନୁସୃଜନ : ଶ୍ରୁତକୀର୍ତ୍ତି ତ୍ରିପାଠୀ

ସେଦିନ ବଡ଼ି ଭୋରରୁ ଶ୍ୟାମୁର ଯେତେବେଳେ ନିଦ ଭାଙ୍ଗିଲା, ସେ ଦେଖିଲା ଘରସାରା ହାହାକାର ଛାଇଯାଇଛି । ତାର ଖୁଡ଼ୀ ଉମା ଗୋଟିଏ କମ୍ବଳ ଉପରେ ତଳୁ ଉପର ଯାଏଁ ଗୋଟିଏ କପଡ଼ା ଘୋଡ଼ି ହୋଇ ଭୂଇଁ ଉପରେ ଶୋଇଛନ୍ତି, ଆଉ ଘରର ବାକି ସବୁ ସଦସ୍ୟ ତାଙ୍କୁ ଘେରି ବଡ଼ କରୁଣ ସ୍ୱରରେ କାନ୍ଦୁଛନ୍ତି ।

ଲୋକମାନେ ଯେତେବେଳେ ଉମାଙ୍କୁ ଶ୍ମଶାନକୁ ନେବା ପାଇଁ ଉଠାଇବାକୁ ଲାଗିଲେ ଶ୍ୟାମୁ ବହୁତ ଉପଦ୍ରବ ସୃଷ୍ଟି କଲା । ଲୋକଙ୍କ ହାତରୁ ଛଡ଼େଇ ହୋଇ ସେ ଯାଇ ଉମାଙ୍କ ଉପରେ ପଡ଼ିଗଲା । କହିଲା, "ଖୁଡ଼ୀ ଶୋଇଛନ୍ତି, ତାଙ୍କୁ ଏମିତିଉଠେଇ ନେଇ କୁଆଡ଼େ ଯାଉଛ ? ମୁଁ ଯିବାକୁ ଦେବି ନାହିଁ"

ଲୋକମାନେ ବହୁତ କଷ୍ଟରେ ତାକୁ ଅଲଗା କଲେ । ଖୁଡ଼ୀର ଅଗ୍ନି- ସଂସ୍କାରରେ ବି ସେ ଯୋଗ ଦେଇ ପାରିଲା ନାହିଁ । ଜଣେ ପରିଚାରିକା ଭଗବାନଙ୍କ ନାମ ନେଇ ତାକୁ ଘରେ ସମ୍ଭାଳି ରଖିଥିଲା ।

ଯଦିଓ ବୁଦ୍ଧିମାନ ଗୁରୁଜନମାନେ ତାକୁ ବିଶ୍ୱାସ ଦେଲେ ଯେ ତା'ର ଖୁଡ଼ୀ ତାଙ୍କ ମାଆ ଘରକୁ ଯାଇଛନ୍ତି, କିନ୍ତୁ ଅସତ୍ୟର ଆବରଣ ତଳେ ସତ୍ୟ ବହୁତ ସମୟ ଯାଏଁ ଲୁଚି ରହିପାରିଲା ନାହିଁ । ଆଖପାଖରେ ଥିବା ଅନ୍ୟ ଅବୋଧ ବାଳକମାନଙ୍କ ମୁହଁରୁ ତାହା ପ୍ରକଟିତ ହୋଇଗଲା । ଏହି କଥାଟି ତା'ଠାରୁ ଲୁଚି ରହିଲା ନାହିଁ ଯେ, ଖୁଡ଼ୀ ଆଉ କେଉଁଠିକି ନୁହେଁ ଉପରେ ଥିବା ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି । ଖୁଡ଼ୀଙ୍କ ପାଇଁ ଅନେକ ଦିନ କ୍ରମାଗତ ଭାବରେ କାନ୍ଦିବା ପରେ ତା'ର କାନ୍ଦିବା କ୍ରମଶଃ ଶାନ୍ତ ହୋଇଗଲା, କିନ୍ତୁ ତା' ଅନ୍ତରର ଶୋକ ଶାନ୍ତ ହୋଇ ନ ଥିଲା । ବର୍ଷା ପରେ ଦିନେ-ଦୁଇଦିନ ଭିତରେ ପୃଥିବୀପୃଷ୍ଠରେ ଆଉ ଜଳ ଦୃଷ୍ଟିଗୋଚର ହୁଏ ନାହିଁ ସତ; କିନ୍ତୁ ଭୂଇଁ ତଳର ଆର୍ଦ୍ରତା ଅନେକ ଦିନ ପର୍ଯ୍ୟନ୍ତ ସେମିତି ରହିଥାଏ, ଠିକ୍ ସେହିପରି ତା' ଅନ୍ତରରେ ଶୋକର ଛାୟା ଘର କରି ସାରିଥିଲା । ସେ ପ୍ରାୟ ଏକୁଟିଆ ବସି, ଉଦାସ ମନନେଇ ଆକାଶ ଆଡ଼କୁ ଚାହିଁ ରହୁଥିଲା ।

ଦିନେ ସେ ଆକାଶରେ ଗୋଟିଏ ଗୁଡ଼ି ଉଡୁଥିବାର ଦେଖିଲା । କେଜାଣି କଣ ଭାବି ତା' ହୃଦୟ ହଠାତ୍ ଖୁସିରେ ନାଚି ଉଠିଲା । ବିଶ୍ୱେଶ୍ୱରଙ୍କ ପାଖକୁ ଯାଇ ସେ କହିଲା, "କକା ମୋ ପାଇଁ ଗୁଡ଼ି ମଗେଇ ଦିଅ ।"

ପତ୍ନୀଙ୍କ ମୃତ୍ୟୁ ପରଠୁ ବିଶ୍ୱେଶ୍ୱର ଅନ୍ୟମନସ୍କ ରହୁଥିଲେ ।

-"ହଉ, ମଗେଇଦେବି ।" କହି ସେ ଉଦାସ ଭାବରେ ଅନ୍ୟ କେଉଁଠିକି ଚାଲିଗଲେ ।

ଶ୍ୟାମୁ ଗୁଡ଼ି ପାଇଁ ଅତ୍ୟନ୍ତ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲା । ସେ ନିଜର ଇଚ୍ଛାକୁ କୌଣସି ପ୍ରକାରେ ରୋକି ପାରିଲା ନାହିଁ । ଗୋଟିଏ କଣ୍ଟାରେ ବିଶ୍ୱେଶ୍ୱରଙ୍କ କୋର୍ଟ ଟଙ୍ଗା ହୋଇଥିଲା । ସେ ଟିକେ ଏପଟ-ସେପଟ ଅନେଇବା ପରେ ଷ୍ଟୁଲ୍‌କୁ ଟାଣି ଆଣି ତା' ଉପରେ ଛିଡ଼ା ହୋଇ କୋର୍ଟର ପକେଟ ଦୁଇଟିକୁ ଅଣ୍ଡାଳି ପକେଇଲା । ସେଥିରୁ ଗୋଟିଏ ଚାରଣି (ପଚିଶ ପଇସା ) ଆବିଷ୍କାର କରି ଯଥାଶୀଘ୍ର ସେ ସେଠାରୁ ଦଉଡ଼ି ପଳେଇଲା ।

ଶୁଖିଆ ଦାସୀର ପୁଅ ଭୋଲା, ଶ୍ୟାମୁର ସମବୟସ୍କ ବନ୍ଧୁ ଥିଲା । ଶ୍ୟାମୁ ତାକୁ ଚାରଣିଟି ଦେଇ କହିଲା – "ତୋର ଦିଦିକୁ କହି ଚୁପଚାପ୍ ଗୋଟିଏ ଗୁଡ଼ି ଏବଂ ଡୋର ମଗେଇ ଦେବୁ । ଦେଖ, ଏକଦମ ଲୁଚେଇକି ଆଣିବୁ, ଯେମିତି କେହି ଜାଣି ନ ପାରିବେ ।"

ଗୁଡ଼ି ଆସିଲା । ଗୋଟିଏ ଅନ୍ଧାରିଆ କୋଠରିରେ ସେଥିରେ ଡୋର ବନ୍ଧାହେଲା । ଶ୍ୟାମୁ ଧୀରେ କହିଲା, "ଭୋଲା, କାହାକୁ କହିବୁନି ଯଦି ଗୋଟିଏ କଥା କହିବି ।"

ଭୋଲା ମୁଣ୍ଡ ହଲାଇ କହିଲା, "ନା, କାହାକୁ କିଛି କହିବି ନାହିଁ ।"

ଶ୍ୟାମୁ ରହସ୍ୟ ଖୋଲିଲା । କହିଲା, "ମୁଁ ଏଇ ଗୁଡ଼ିକୁ ଉପରକୁ ଭଗବାନଙ୍କ ପାଖକୁ ପଠେଇବି । ଏହି ଡୋରକୁ ଧରି ଖୁଡ଼ୀ ତଳକୁ ଆସିବେ । ମୁଁ ଲେଖି ଜାଣିନି, ନ ହେଲେ ଯା ଉପରେ ତାଙ୍କର ନାଁ ଲେଖିଦେଇଥାନ୍ତି ।"

ଭୋଲା ଶ୍ୟାମୁଠାରୁ ବେଶି ଚାଲାକ୍ ଥିଲା । ସେ କହିଲା, "ବଢ଼ିଆ କଥାଟିଏ ଭାବିଛୁ, ହେଲେ ଗୋଟିଏ ସମସ୍ୟା ଅଛି । ଏହି ଡୋରଟି ଖୁବ ପତଳା । ଯାକୁ ଧରି ଖୁଡ଼ୀ ଓହ୍ଲେଇ ପାରିବେ ନାହିଁ । ଏହା ଛିଣ୍ଡିଯିବାର ଡର ଅଛି । ଗୁଡ଼ିରେ ଯଦି ମୋଟା ଦଉଡ଼ି ବନ୍ଧା ହେବ, ତେବେ ସବୁ ଠିକ୍ ହୋଇଯିବ ।"

ଶ୍ୟାମୁ ଗମ୍ଭୀର ହୋଇଗଲା ! କାରଣ ଏହି କଥାଟି ଲକ୍ଷେ ଟଙ୍କା ଭଳି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କଲା । କିନ୍ତୁ ସମସ୍ୟା ଏହା ଥିଲା ଯେ ମୋଟା ଦଉଡ଼ି କେମିତି ମଗାଯାଇ ପାରିବ । ପାଖରେ ତ ପଇସା ନାହିଁ ଆଉ ଘରର ଲୋକ ଯେଉଁମାନେ ତା'ର ଖୁଡ଼ୀକୁ ନିର୍ଦ୍ଦୟ ଭାବରେ ନିଆଁରେ ପୋଡ଼ିଦେଇ ଆସିଲେ, ସେମାନେ ତାକୁ ଏହି କାମ ପାଇଁ କିଛି ଦେବେ ହିଁ ନାହିଁ । ସେଦିନ ଶ୍ୟାମୁକୁ ଚିନ୍ତାରେ ବହୁତ ରାତି ପର୍ଯ୍ୟନ୍ତ ନିଦ ହେଲା ନାହିଁ ।

ପ୍ରଥମ ଦିନ କରିଥିବା ଉପାୟ ଭଳି ଦ୍ୱିତୀୟ ଦିନ ବି ସେ ବିଶ୍ୱେଶ୍ୱରଙ୍କ କୋର୍ଟ ପକେଟରୁ ଟଙ୍କାଟିଏ ବାହାର କରିନେଲା । ନେଇ କି ଭୋଲାକୁ ଦେଇ କହିଲା – "ଦେଖ ଭୋଲା, କାହାକୁ କିଛି ଯେମିତି ଜଣା ନ ପଡ଼େ । ଭଲ ଭଲ ଦୁଇଟି ଦଉଡ଼ି ମଗେଇ ଦେ । ଗୋଟିଏ ଦଉଡ଼ି ଛୋଟ ପଡ଼ିବ । ଜବାହିର ଭାଇଙ୍କଠାରୁ କାଗଜରେ ମୁଁ 'ଖୁଡ଼ୀ' ଲେଖାଇ ଆଣିବି । ନାଁର ଚିଟ୍ ରହିଲେ ଗୁଡ଼ି ଠିକ୍ ତାଙ୍କ ପାଖକୁ ହିଁ ପହଞ୍ଚିବ ।"

ଦୁଇଘଣ୍ଟା ପରେ ପ୍ରଫୁଲ୍ଲ ମନରେ ଶ୍ୟାମୁ ଓ ଭୋଲା ଅନ୍ଧାର କୋଠରିରେ ବସି ଗୁଡ଼ିରେ ଦଉଡ଼ି ବାନ୍ଧିବାକୁ ଲାଗିଲେ । ଅକସ୍ମାତ୍ ଶୁଭ କାର୍ଯ୍ୟରେ ବିଘ୍ନ ଉପୁଜେଇବା ପାଇଁ ଉଗ୍ରରୂପ ଧାରଣ କରି ବିଶ୍ୱେଶ୍ୱର ସେଇ କୋଠରିରେ ପ୍ରବେଶ କଲେ । ଭୋଲା ଓ ଶ୍ୟାମୁକୁ ଧମକେଇ କହିଲେ – "ତୁମେ ମୋ କୋର୍ଟରୁ ପଇସା ବାହାର କରିଛ ?"

ଭୋଲା ଭୟଭୀତ ହୋଇ ଗୋଟିଏ ଧମକରେ ହିଁ ଗୁପ୍ତଚର ପାଲଟିଗଲା । କହିଲା – "ଶ୍ୟାମୁ ଭାଇ ଦଉଡ଼ି ଓ ଗୁଡ଼ି କିଣିବା ପାଇଁ ବାହାର କରିଥିଲେ ।"

ବିଶ୍ୱେଶ୍ୱର ଶ୍ୟାମୁକୁ ଦୁଇ ଚଟକଣା ମାରି କହିଲେ, "ଚୋରି ଶିଖିକି ଜେଲ୍ ଯିବୁ ? ହଉ, ଆଜି ତୋତେ ଭଲଭାବରେ ପାନେ ଦଉଛି ।" ଏହା କହି ସେ ପୁଣି ଶ୍ୟାମୁକୁ ଚଟକଣା ମାରିଲେ ଓ କାନମୋଡ଼ି ଗୁଡ଼ିକୁ ଚିରିଦେଲେ । ତା' ପରେ ଦଉଡ଼ି ଦୁଇଟି ଆଡ଼କୁ ଦେଖି ପଚାରିଲେ – "ଯାକୁ କିଏ ମଗେଇଲା ?"

ଭୋଲା କହିଲା - "ଭାଇ ମଗେଇଥିଲେ । କହୁଥିଲେ, ଏଥିରେ ଗୁଡ଼ିକୁ ଉଡ଼େଇ ଖୁଡ଼ୀଙ୍କୁ ଭଗବାନଙ୍କ ପାଖରୁ ତଳକୁ ଓହ୍ଲାଇ ଆଣିବେ ।"

ବିଶ୍ୱେଶ୍ୱର ଘଡ଼ିଏ ପାଇଁ ବୁଦ୍ଧିହୀନ ହୋଇ ସେଇଠି ଛିଡ଼ା ହୋଇ ରହିଗଲେ । ଚିରି ଯାଇଥିବା ଗୁଡ଼ିକୁ ତଳୁ ଉଠେଇ ଦେଖିଲେ । ସେଥିରେ ଲାଗିଥିବା ଖଣ୍ଡେ କାଗଜ ଉପରେ ଲେଖା ହୋଇଥିଲା- 'ଖୁଡ଼ୀ' । ■

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

# ହଜାର ଆଖି

ଯେବେ ଘରୁ ବାହାରିଲି
କେତୋଟି ଆଖି
ଅନେକ ସମୟ ଧରି
ପିଛା କରୁଥିଲେ
ମୋ ସ୍ୟାଣ୍ଡେଲର ତଳିପାରେ
ଲାଖି ରହିଲେ
ଅନେକ ସମୟ ଧରି

କେହି ପ୍ରଶଂସାରେ ଦେଖିଲେ ତ
କେହି ବ୍ୟଙ୍ଗରେ
କେହି ଅଶ୍ଳୀଳତା ସହ
ତ କେହି ପ୍ରେମରେ

ଏହି ନିଘାମାନଙ୍କ ଭାଷା
ତାଙ୍କ ଆଡ଼କୁ ନ ଚାହିଁବି
ବୁଝି ପାରିଲି
ମୁଁ ପ୍ରେମ ପ୍ରତି କୃତଜ୍ଞ!!

ଯିଏ ମୋତେ ବଞ୍ଚାଇଲା । ■



# ଛାଡ଼ି ହୋଇଯାଇଥିବା ଦୃଶ୍ୟ

ମୂଳ ହିନ୍ଦୀ: ଅନୁରାଧା ଓସ
ଅନୁବାଦ : ଅଞ୍ଜୁମନ ଆରା

ଛାଡ଼ି ହୋଇଯାଇଥିବା ଦୃଶ୍ୟ
ବାକି ରହିଯାଇଥିବା କୌଣସି କଥା
ଅଧାଖିଆ ଗୁଣ୍ଡା
ଅସଂପୂର୍ଣ୍ଣ ଭେଟ
ପ୍ରାୟ ଆମ
ସ୍ମୃତି ପଟଳରେ
କମ୍ପିତ ଶିଖା ହୋଇ ଝଙ୍କୃତ ହୁଏ

ଆଜିକାଲି ଉଦାସ କରିବାର ଋତୁ
ସେହି ଉଜୁଡ଼ି ଯାଇଥିବା ଘର
ଭାଙ୍ଗି ଯାଇଥିବା ଖମ୍ବର ଆଶ୍ରୟରେ ଓ
ଫଟା ତମ୍ବୁ ଭିତରେ ଶୟନର ଅଭିନୟ
କରୁଥିବା ପିଲାମାନେ ଓ ଝିଅମାନେ
ଏସବୁ ପୃଥିବୀର ସବୁଠାରୁ ଉଦାସ କରିଦେଉଥିବା ଦୃଶ୍ୟମାନ

କିନ୍ତୁ ଏସବୁ ମଝିରେ
କୌଣସି ପକ୍ଷୀମାନଙ୍କର ଗାଇଥିବା ଗୀତ
ପୋଡ଼ି ଯାଇଥିବା ଧରଣୀ ଭିତରୁ
ପ୍ରସ୍ଫୁଟିତ କୌଣସି ଅଙ୍କୁର
ହାତ ଛଡ଼ା କରିବାକୁ ଦିଏ ନାହିଁ
ବରଂ ଆଖିକୁ ଆଶାର ଚମକ ଦିଏ । ■

ପ୍ରଫେସର ହିନ୍ଦୀ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮ ୬୨୯୭୮୬

# ଜୀବନ ଓ ପ୍ରକୃତିର ବ୍ୟାଖ୍ୟାକାର ଥୋମାସ୍ ହାର୍ଡି



ବିଜୟକୁମାର ପାଢ଼ୀ

ଭିକ୍ଟୋରିଆନ୍ ଯୁଗର ବିଖ୍ୟାତ ଔପନ୍ୟାସିକ ତଥା ଆଧୁନିକ ଯୁଗର ବିଶିଷ୍ଟ କବି ଥୋମାସ୍ ହାର୍ଡି ପ୍ରକୃତି, ମଣିଷ ଜୀବନ ଓ ଚରିତ୍ରକୁ ନେଇ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି କରିଛନ୍ତି । ବିଶେଷକରି ଜୀବନକୁ ନେଇ ହାର୍ଡି ଜଣେ ଅତ୍ୟନ୍ତ ନୈରାଶ୍ୟବାଦୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ସର୍ବଶକ୍ତିମାନ ଭାଗ୍ୟ ବା ଭଗବାନଙ୍କର ନିଷ୍ଠୁରତା, ମାନବର ନିଃସହାୟତା, ପାର୍ଥିବ ଜୀବନର ଅଳିକତା, ମୂଲ୍ୟହୀନତା, ଦୁଃଖ, ଦୈନ୍ୟ ଏବଂ ହତାଶବୋଧ ହାର୍ଡିଙ୍କର ପଦ୍ୟ ଏବଂ ଉପନ୍ୟାସଗୁଡ଼ିକରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି । ଊନବିଂଶ ଶତାବ୍ଦୀରେ ବିଜ୍ଞାନର ଅଗ୍ରଗତି ତଥା ନୂତନ ଜ୍ଞାନ, କୌଶଳ ଏବଂ ଉଦ୍ଭାବନ ଦ୍ୱାରା ମଣିଷର ହୃଦୟରୁ ଧାର୍ମିକ ଭାବନା ଧୀରେ ଧୀରେ ଅପସରିଗଲା । ମାନବ ସମାଜର ହେତୁବାଦୀ ଚିନ୍ତାଧାରା ସାହିତ୍ୟପ୍ରାଣ ହାର୍ଡିଙ୍କ ମନରେ ଆଘାତ ଆଣିଥିଲା । ବିଶ୍ୱାସ ତଥା ଧର୍ମକୁ ଉପେକ୍ଷା କରୁଥିବା ଜୀବନ ଏକ ଶୁଷ୍କ, ନୀରସ ଏବଂ ଅର୍ଥହୀନ ଜୀବନ ବୋଲି ହାର୍ଡିଙ୍କର ଅଭିବ୍ୟକ୍ତି । ତାଙ୍କ ସାହିତ୍ୟର ଅନ୍ତସ୍ୱର ତାଙ୍କ ସମସାମୟିକ କବି ମାଥ୍ୟୁ ଆର୍‌ନୋଲଡ୍‌ଙ୍କର ବିଷାଦବୋଧ ତଥା ନୈରାଶ୍ୟବୋଧର ଏକ ସଂପ୍ରସାରଣ ବୋଲି ସମାଲୋଚକମାନଙ୍କର ମତ ।

୧୮୪୦ ମସିହା ଜୁନ୍‌ମାସ ୨ ତାରିଖରେ ଇଂଲଣ୍ଡର ଡୋରଚେଷ୍ଟର ନିକଟବର୍ତ୍ତୀ ଏକ କ୍ଷୁଦ୍ରଗ୍ରାମରେ ଜନ୍ମଗ୍ରହଣ କରିଥିବା ଥୋମାସ୍ ହାର୍ଡି ଉଭୟ କାବ୍ୟ ଏବଂ ଉପନ୍ୟାସ ଲେଖି ଅନେକ କାଳଜୟୀ ସୃଷ୍ଟି ରଚନା କରିଯାଇଛନ୍ତି । ବିଶେଷ କରି ତାଙ୍କର ଉପନ୍ୟାସଗୁଡ଼ିକ ତାଙ୍କ ଅମ୍ଳାନ କୃତିର ସ୍ୱାକ୍ଷର । ଭିକ୍ଟୋରିଆନ୍ ଯୁଗର କବି ଟେନସନ୍ ବ୍ରାଉନିଙ୍ଗ ଓ ମାଥ୍ୟୁ ଆରନୋଲ୍‌ଡଙ୍କ ଭଳି କବିମାନଙ୍କର କବିତା ମଧ୍ୟରେ ହାର୍ଡିଙ୍କର କବିତା ଭିନ୍ନ ଏକ ସ୍ୱରର ବୋଲି ଆଲୋଚନା ହୁଏ । ଥୋମାସ୍ ୱେସେକ୍ସ ଇଲାକାର ଔପନ୍ୟାସିକ ବୋଲି ସାଧାରଣରେ ଚର୍ଚ୍ଚା ହୁଏ । ବାସ୍ତବରେ ୱେସେକ୍ସ ହେଉଛି ହାର୍ଡିଙ୍କର ଏକ କଳ୍ପନାର ରାଜ୍ୟ ଏବଂ ତାଙ୍କର ଅନେକ ଉପନ୍ୟାସଗୁଡ଼ିକ ୱେସେକ୍ସର ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ । ୧୪ଟି ଉପନ୍ୟାସ, ୨ଟି ନାଟକ ଓ ପ୍ରାୟ ଏକ ହଜାର କବିତା ତାଙ୍କ ଅନବଦ୍ୟ ସାହିତ୍ୟ ସୃଷ୍ଟିର ସମ୍ଭାର ।

୧୮୭୧ ମସିହାରେ ପ୍ରକାଶିତ "ଡେସ୍‌ପରେଟ୍ ରେମେଡିଜ୍" ହାର୍ଡିଙ୍କର ପ୍ରଥମ ଉପନ୍ୟାସ, ଯାହା ଭାଗ୍ୟ, ଅବାଞ୍ଛିତ ଇଚ୍ଛା ଏବଂ ଅନ୍ଧକାର ଉତ୍ତେଜନା ଯୁକ୍ତ (Dark Melodrama) ବିଷୟବସ୍ତୁ ଉପରେ ପର୍ଯ୍ୟବସିତ । ରହସ୍ୟ ଏବଂ ଭୀତିପୂର୍ଣ୍ଣ ବାତାବରଣରେ ସଂପୂର୍ଣ୍ଣ କାହାଣୀଟି ଗତିଶୀଳ । ତାଙ୍କର ରଚିତ ଉପନ୍ୟାସଗୁଡ଼ିକ ହେଉଛି 'ପେୟାର ଅଫ୍ ବ୍ଲୁ ଆଇଜ୍', 'ଫାର୍ ଫ୍ରମ୍ ଦ ମ୍ୟାଡିଂ କ୍ରାଉଡ୍', 'ରିଟର୍ଣ୍ଣ ଅଫ୍ ଦ ନେଟିଭ୍', 'ଦ ମେୟର ଅଫ୍ କାଷ୍ଟର ବ୍ରିଜ୍', 'ଦ ଉଡ୍‌ଲ୍ୟାଣ୍ଡର୍ସ, ଟେସ୍ ଅଫ ଦି ଉରବର ଭାଇଲସ୍' ଏବଂ 'ଜୁଡ୍ ଦି ଅବସ୍କ୍ୟୁର' । 'ଫାର୍ ଫ୍ରମ୍ ଦ ସ୍ୟାଡିଂ କ୍ରାଉଡ୍' ଉପନ୍ୟାସରେ ହାର୍ଡି ସେ ସମୟର ମଣିଷର କାମନା, ବାସନା ପୃଥିବୀ ସହିତ ପ୍ରାକୃତିକ ପୃଥିବୀର ସଂଘର୍ଷ ଉପରେ ଆଲୋକପାତ କରିଛନ୍ତି । ଲିଙ୍ଗଗତ ବୈଷମ୍ୟ, କ୍ଷମତା, ବାସ୍ତବବାଦ ଆଦର୍ଶ ସହିତ ପ୍ରେମ, ପ୍ରତାରଣା ଏବଂ ବ୍ୟକ୍ତିଗତ ଜୀବନରେ ଭାଗ୍ୟର ଅନୁପ୍ରବେଶ ଭଳି ବିଷୟବସ୍ତୁକୁ ଉପନ୍ୟାସରେ ଉପସ୍ଥାପନ କରିଛନ୍ତି । ସେହିପରି 'ରିଟର୍ଣ୍ଣ ଅଫ୍ ଦ ନେଟିଭ୍'ରେ ଭାଗ୍ୟ ଏବଂ ବ୍ୟକ୍ତି ଜୀବନର ମୁକ୍ତଚିନ୍ତନ, ପ୍ରେମରେ ମାୟା, ପରମ୍ପରା ଏବଂ ଆଧୁନିକତା ଭିତିରେ ରହିଥିବା ଦ୍ୱନ୍ଦ୍ୱକୁ ଉପନ୍ୟାସର ଚରିତ୍ରମାନଙ୍କ ଦ୍ୱାରା ପ୍ରତିପାଦନ କରିଛନ୍ତି । ଉକ୍ତ ଉପନ୍ୟାସରେ ଭାଗ୍ୟ ଏବଂ ପ୍ରକୃତି ଉପରେ ମତପୋଷଣ କରିବାକୁ ଯାଇ ହାର୍ଡି କହିଛନ୍ତି – "ସମସ୍ୟାର ହାତ ଧରି ମଣିଷ ସମାଜ ଦୃଶ୍ୟପଟରେ ଆବିର୍ଭାବ ହୁଅନ୍ତି" - (Humanity appears upon the scene, hand in hand with trouble.)

ଗ୍ରୀକ୍ ଦାର୍ଶନିକ ହେରାକ୍ଲିଟସ୍ ଏବଂ ଇଂରାଜୀ ନାଟ୍ୟକାର ସେକ୍ସପିୟର ଉଭୟ ମଣିଷର ସାମର୍ଥ୍ୟ ମଣିଷର ଭାଗ୍ୟ ନିର୍ଣ୍ଣୟ କରେ ବୋଲି ମତପୋଷଣ କରୁଥିବାବେଳେ (Character is Destiny) ହାର୍ଡିଙ୍କ ବିଶ୍ୱାସ ଭାଗ୍ୟ ହିଁ ମଣିଷ ଚରିତ୍ର ଭାବରେ କାର୍ଯ୍ୟ କରେ । ମଣିଷର ଅନ୍ତର୍ନିହିତ ଅବଦମିତ ଇଚ୍ଛା, ସୁଯୋଗ, ସଂଯୋଗ ଏବଂ ଅନ୍ୟ ଏକ ବ୍ୟକ୍ତିର ଅନୁପ୍ରବେଶରେ ମଣିଷର ଭାଗ୍ୟ ନିର୍ଦ୍ଧାରିତ ହୁଏ ବୋଲି ହାର୍ଡିଙ୍କର ମତ । ମଣିଷ ଅନେକ ସମୟରେ ଦୁର୍ଭାଗ୍ୟକୁ ଜଟିଳ ପରିସ୍ଥିତି ଏବଂ ଅଜଣା ବାହ୍ୟ ଶକ୍ତି ମାଧ୍ୟମରେ ମଧ୍ୟ ଆମନ୍ତ୍ରଣ କରେ । ହାର୍ଡିଙ୍କର ବିଶ୍ୱାସ ମଣିଷର ପୃଥିବୀ ଅନେକ ସମୟରେ ଏକ ଅଦୃଷ୍ଟ, ଉଦାସୀନ ଏବଂ ଅବଦମତି ଶକ୍ତି, ଯାହା (Immanent will) ଭାବରେ ଅଭିହିତ ଦ୍ୱାରା ପରିଚାଳିତ ହୁଏ ଏବଂ ସେହି ସମୟରେ ମଣିଷର ନିଜ ଇଚ୍ଛା ଶକ୍ତି ଦୁର୍ବଳ ହୋଇଯାଏ । ୧୮୮୬ ମସିହାରେ ପ୍ରକାଶିତ 'ମେୟର ଅଫ୍ କାଷ୍ଟରବ୍ରିଜ୍' ଉପନ୍ୟାସଟି ଅବଚେତନ ଅବସ୍ଥାରେ ଏକ ନୀତିଭ୍ରଷ୍ଟ ମଣିଷର ଦୁଃଖପୂର୍ଣ୍ଣ ଉପସଂହାର ଉପରେ ପର୍ଯ୍ୟବେସିତ । ଉପନ୍ୟାସଟିର ନାୟକ ମାଇକେଲ୍ ହେଞ୍ଚାଡ୍‌ଙ୍କ ଜୀବନର ଉତ୍‌ଥାନ, ପତନ କେତେକାଂଶରେ ନିଜର ଦୋଷ, ଦୁର୍ବଳତାକୁ ଇଙ୍ଗିତ କରୁଛି ତ କେତେବେଳେ ଭାଗ୍ୟ ମଧ୍ୟ ଚରିତ୍ର ମାଧ୍ୟମରେ ହେଞ୍ଚାଡଙ୍କ ଜୀବନ ପରିଧି ଭିତରକୁ ପଶି ଆସିଛନ୍ତି । ନିଶାସକ୍ତ ଅବସ୍ଥାରେ ନିଜର ସ୍ତ୍ରୀକୁ ବିକ୍ରୟ କରି ନିଶାମୁକ୍ତ ଅବସ୍ଥାରେ ପଶ୍ଚାତାପ କରିଥିଲେ ମଧ୍ୟ ବି ଭାଗ୍ୟର କ୍ରୁର ଆକ୍ରମଣରୁ ରକ୍ଷା ପାଇ ପାରିନାହାନ୍ତି । ମଣିଷ ଜୀବନର ସୁଖ ବା ଖୁସି ଉପରେ ହାର୍ଡିଙ୍କର ମନ୍ତବ୍ୟ ଅତି ଚମତ୍କାର । 'ଜୁଡ୍ ଦ ଅବସ୍କ୍ୟୁର୍' ହାର୍ଡିଙ୍କର ଶେଷ ଉପନ୍ୟାସ । ଏହି ଉପନ୍ୟାସରେ ଭିକ୍ଟୋରିଆନ୍ ଯୁଗର ଶ୍ରେଣୀ ଅବରୋଧ, ତ୍ରୁଟିଯୁକ୍ତ ବିବାହ ପ୍ରଥା, କଠୋର ତଥା ରଢ଼ିବାଦୀ ଧର୍ମବିଶ୍ୱାସର ଦୁଃଖଦପୂର୍ଣ୍ଣ ଅଶ୍ଳୀଳ ପରିଣାମକୁ ଔପନ୍ୟାସିକ ପାଠକମାନଙ୍କୁ ଭେଟି ଦେଉଛନ୍ତି । ତାଙ୍କ ଦ୍ୱାରା ରଚିତ ଏକ ନାଟକ ହେଉଛି 'ଦି ଡାଇନାଷ୍ଟ୍‌ସ୍' ଯାହା ଐତିହାସିକ, ଦାର୍ଶନିକ ଏବଂ ଆଧ୍ୟାତ୍ମିକ ଭଳି ତଥ୍ୟ ଉପରେ ପର୍ଯ୍ୟବସିତ ଏକ ଫେଣ୍ଟାଫେଣ୍ଟି ବିଷୟବସ୍ତୁ । ସେହିପରି ତାଙ୍କ ଲିଖିତ ଅନେକ କବିତା ସଂକଳନ ମଧ୍ୟରେ 'ୱାସେକ୍ସ ପଏମସ୍', 'ପଏମସ୍ ଅଫ୍ ଦ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ', 'ମୋମେଣ୍ଟସ୍ ଅଫ୍ ଭିଜନ୍' ଏବଂ 'ଉଇଣ୍ଟର ଉଡ୍ସ' ଇତ୍ୟାଦି ସର୍ବାଦୃତ । ସେ ସେକ୍ସପିୟର୍, ସ୍କଟ୍ ଏବଂ ବୁନିୟନ୍ ଭଳି ସାହିତ୍ୟିକମାନଙ୍କ ସାହିତ୍ୟକୃତିରେ ପ୍ରଭାବିତ ଏବଂ ଅନେକାଂଶରେ ଅନୁପ୍ରାଣିତ । 'ଦ ଡାର୍କଲିଙ୍ଗ ଥ୍ରସ୍' କବିତାଟି କବିଙ୍କର ସର୍ବୋତ୍କୃଷ୍ଟ ଏବଂ କାଳଜୟୀ କୃତି । ରହସ୍ୟ ଏବଂ ରୋମାଞ୍ଚରେ ଭରା କବିତାର ପରିପାଟୀ । ଆଧ୍ୟାତ୍ମିକତାର ଅଧୋପତନରେ କବିପ୍ରାଣ ବିଳପି ଉଠିଛି ଉକ୍ତ କବିତାଟିରେ । ଦୁଃଖ, ଯନ୍ତ୍ରଣା ଓ ନୈରାଶ୍ୟବୋଧରେ କବି ଜର୍ଜରିତ ହୋଇପଡିଛନ୍ତି । ଶେଷରେ ଥ୍ରସ୍ ପକ୍ଷୀଟି କବିଙ୍କ ମନରେ ଭରି ଦେଇଛି ଆଶା, ଆଶ୍ୱାସନା ଏବଂ ବିଶ୍ୱାସ । ଏତଦ୍‌ବ୍ୟତୀତ ପୃଥିବୀର ସମସ୍ତ ନକରାତ୍ମକ ପରିସ୍ଥିତିରେ ଥ୍ରସ୍ ପକ୍ଷୀଟି ମଣିଷ ମନରେ ଆଶା ଓ ଭରସା ଆଣିଦେବ ବୋଲି କବିଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି ।

ସାହିତ୍ୟରେ ପ୍ରକୃତି, ଜୀବନ ଓ ଚରିତ୍ର ବ୍ୟାଖ୍ୟା କରିବାରେ ଥୋମାସ୍ ହାର୍ଡି ଜଣେ ଧୁରୀଣ ବିନ୍ଧାଣି । ଯେଉଁ ସୂକ୍ଷ୍ମ ଦ୍ୱନ୍ଦ୍ୱଟିକୁ ନେଇ ସେ ସାହିତ୍ୟ ସର୍ଜନା କରିଯାଇଛନ୍ତି, ତାହାର ପରିଧି ଭିତରେ ପାଠକମାନେ ନିଜକୁ ଆବିଷ୍କାର କରନ୍ତି । ତାଙ୍କର କବିତାଗୁଡ଼ିକ ମାନବ ହୃଦୟର ଅନାବିଳ ଅଭିବ୍ୟକ୍ତି ହେଲେ ଉପନ୍ୟାସଗୁଡ଼ିକ ଅତ୍ୟନ୍ତ ସମାଜଧର୍ମୀ । ତାଙ୍କର ଚରିତ୍ରଗୁଡ଼ିକ ଡ୍ରଇଁ ରୁମ୍‌ର କୌଣସି କାଳ୍ପନିକ ଚରିତ୍ର ନୁହଁନ୍ତି, ବରଂ ଆମେ ଭେଟୁଥିବା, ଆମ ଚାରିପାଖରେ ବୁଲୁଥିବା ଚରିତ୍ର ଭଳି ଜୀବନ୍ତ ଏବଂ ଗତିଶୀଳ । ପୃଷ୍ଠଭୂମି, ଚରିତ୍ର ଚିତ୍ରଣ ଏବଂ ଜୀବନର ଆଭିମୁଖ୍ୟଗୁଡ଼ିକ ସଂପୂର୍ଣ୍ଣ ହାର୍ଡିଙ୍କ ନିଜସ୍ୱ ପରିକଳ୍ପନା । ଯାହା ସେ ଅନୁଭବ କରିଛନ୍ତି ତାହା ହିଁ ତାଙ୍କ ସାହିତ୍ୟକୃତିଗୁଡ଼ିକରେ ପ୍ରତିଫଳିତ ହୋଇଛି । ■

ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

# ପୁସ୍ତକ ପରିଚୟ

## ଛୋଟ ପକେଟ୍‌ର ଜହ୍ନ

### ବିରଜା ରାଉତରାୟ




ଟାଇମ୍ ପାସ
ବରମୁଣ୍ଡା, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ସ୍ୱପ୍ନ ମଣିଷକୁ ଭାବାବିଷ୍ଟ କରେ । ବଞ୍ଚିବା ପାଇଁ ପ୍ରେରଣା ଦିଏ । ଲକ୍ଷ୍ୟ ପଥରେ ପହଞ୍ଚିବାକୁ ଉତ୍ସାହିତ କରେ । ଜୀବନର ନାନା ଘଟଣା, ଦୁର୍ଘଟଣା, ଦୁଃଖ, ଅସହାୟତା, ଯନ୍ତ୍ରଣା ଭିତରେ ମଧ୍ୟ ବଞ୍ଚିବାକୁ ସ୍ୱପ୍ନ ଦେଖୁଥିବା ମଣିଷଙ୍କ କଥାକୁ ନେଇ ରଚିତ ବିରଜା ରାଉତରାୟଙ୍କ 'ଛୋଟ ପକେଟ୍‌ର ଜହ୍ନ' ପୁସ୍ତକର ଗପଗୁଡ଼ିକ । ଏହି ପୁସ୍ତକରେ ମୋଟ ପନ୍ଦରଟି ଗପ ସଂକଳିତ ହୋଇଛି । 'ଛୋଟ ପକେଟ୍‌ର ଜହ୍ନ', 'ବାଦଲ ସେପଟ ତାରା', 'ଢେଉ', 'ସୁଇଟିର ଓଡ଼ିଆ ଶିକ୍ଷା', 'ପ୍ରତୀକ', 'ସୁଉକି ହାର', 'କଥାକୁହା ଠିକଣା', 'ପାଉଁଜି', 'ନିରବତାର ଭାଷା' ଆଦି ଗପ ମନଛୁଆଁ ହୋଇଛି । 'ଛାଇ' ଗପର କାହାଣୀ, ଚରିତ୍ର ଚିତ୍ରଣ ବେଶ୍ ହୃଦୟସ୍ପର୍ଶୀ ହୋଇଛି । ଶରିଆର ମୂକ ଓ ବଧିର ଝିଅ ହାଉଁଆ । ଯିଏ ବାପା ପାଖରେ ଛାଇ ପରି ରହିଥାଏ । ଜଣେ ବାପା ଓ ଝିଅର ଅନାବିଳ ଆତ୍ମିକ ସଂପର୍କର ମାର୍ମିକ ଚିତ୍ର ଏହି ଗପରେ ପ୍ରତିଫଳିତ ହୋଇଛି । ପ୍ରତିଟି ଗପର ମୌଳିକ ଆବେଦନ, କାହାଣୀରେ ନୂତନତ୍ୱ ଓ ସାବଲୀଳ ଭାଷା ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ସମାଜ ସଂସାର ସଂସ୍କୃତି

### ସୁଧାଂଶୁ ଶେଖର ଦ୍ୱିବେଦୀ



ପ୍ରଥମ ବହି
କଟକ-୭୫୪୦୨୩
ପ୍ରଥମ ପ୍ରକାଶ: ୨୦୨୬
ମୂଲ୍ୟ: ୧୫୫ ଟଙ୍କା

ସମାଜର ବିଧି ବଡ଼ ବିଚିତ୍ର । ସାମାଜିକ ସମ୍ବନ୍ଧରେ ଆବଦ୍ଧ ମଣିଷ । ସମାଜରୁ ସେ ଶିକ୍ଷା ଲାଭ କରେ ସଂସ୍କାର । ସଂସାରରୁ ମଣିଷ ସଂସ୍କୃତି ସଂପନ୍ନ ହୋଇଥାଏ । ମଣିଷ ଓ ସମାଜର ଏଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଚରିତ ହୋଇଛି ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ 'ସମାଜ ସଂସାର ସଂସ୍କୃତି' ପୁସ୍ତକ । ଏହି ପ୍ରବନ୍ଧ ପୁସ୍ତକରେ ମଣିଷର ଚିନ୍ତାଧାରା, ପ୍ରେମ, ଆଧ୍ୟାତ୍ମିକ, ମାନବୀୟ ସଂପର୍କ ଆଦି ବିଭିନ୍ନ ସଂପର୍କରେ ଆଲୋଚନା କରାଯାଇଛି । 'ସଂସ୍କାର', 'ସଂସାର', 'ମମତା', 'ଧର୍ମ', 'ପ୍ରେମ', 'ସମାଜ', 'ଯୋଗ', 'ଶିକ୍ଷା', 'ସଂସ୍କୃତି', 'ଭଗବାନ', 'ଜ୍ଞାନ', 'ବୁଦ୍ଧି', 'କର୍ମ', 'ଶାନ୍ତି', 'ପରିବାର', 'ବିଚାରଧାରା', 'ପ୍ରଶଂସା', 'ସମ୍ମାନ', 'ମର୍ଯ୍ୟାଦା', 'ବାଣୀ', 'ପରୋପକାର' ଆଦି ପ୍ରବନ୍ଧ ଉଚ୍ଚକୋଟୀର ଓ ଚିନ୍ତନଶୀଳ ହୋଇଛି । ପ୍ରତିଟି ପ୍ରବନ୍ଧରେ ରହିଛି ଜୀବନକୁ ଶୃଙ୍ଖଳିତ, ପରିମାର୍ଜିତ, ପ୍ରେମପୂର୍ଣ୍ଣ କରିବା ପାଇଁ ଏକ ସୂକ୍ଷ୍ମ ସାମାଜିକ ବାର୍ତ୍ତା । ପ୍ରବନ୍ଧଗୁଡ଼ିକ ଛୋଟ ଛୋଟ ହେଲେ ମଧ୍ୟ ଏହାର ଭାବ, ତାତ୍ତ୍ୱିକ ଅର୍ଥ ବେଶ୍ ଗୁରୁତ୍ୱପୂର୍ଣ୍ଣ । 'ସମାଜ ସଂସାର ସଂସ୍କୃତି'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ପ୍ରେରଣା ଦେବ ବୋଲି ଆଶା କରାଯାଏ । ■

## ଶାନ୍ତିପଥ

### କୈଳାସ ଚନ୍ଦ୍ର ବେହେରା



କମଳିନୀ ବେହେରା
ତେମଳା, ଫକୀରପୁର
କେନ୍ଦୁଝର- ୭୫୮୦୨୨
ପ୍ରଥମ ପ୍ରକାଶ : ୨୦୨୫
ମୂଲ୍ୟ: ୧୮୦ ଟଙ୍କା

ଦୁଃଖ, ଯନ୍ତ୍ରଣାରେ ପରିପୂର୍ଣ୍ଣ ଜୀବନ । ତଥାପି ଜୀବନର ସ୍ୱାଦ ଅଲଗା । ଦୁଃଖ, ଯନ୍ତ୍ରଣା, ମାନସିକ ଚାପରୁ ଟିକିଏ ମୁକ୍ତି ପାଇଁ ମଣିଷ ଖୋଜେ ଶାନ୍ତିର ପଥ । ଏଭଳି କିଛି ସାମାଜିକ ବାସ୍ତବତା, ବିଭୁପ୍ରେମର ନିଚ୍ଛକ ପ୍ରତିଫଳନ ହୋଇଛି କୈଳାସ ଚନ୍ଦ୍ର ବେହେରାଙ୍କ 'ଶାନ୍ତିପଥ' ପୁସ୍ତକର କବିତାଗୁଡ଼ିକରେ । ଏଥିରେ ସଂକଳିତ 'ମାଗିବିନି କିଛି ଆଉ', 'ଗୁରୁ ବନ୍ଦନା', 'ଶାନ୍ତିପଥ', 'ଚିନ୍ତା ଓ ଚେତନା', 'ଚାରିଯୁଗେ ଚାରିଧାମ', 'ଗୁରୁ ଶିଷ୍ୟ ପରମ୍ପରା', 'ସବୁଜ ସକାଳ', 'ଅସୁସ୍ଥ ପୃଥିବୀ', ହଜିଗଲ କିମ୍ବା ତରୁଣ ଅରୁଣ', 'ମନ', 'ସରିନି ସପନ', 'ଶ୍ରୀଗଣେଶ ବନ୍ଦନା', 'ବିବର୍ତ୍ତନ', 'ବକ୍ର ଦୃଷ୍ଟି', 'କରୁଣା ସାଗର କରହେ କରୁଣା' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକର ଅଧିକାଂଶ କବିତାରେ ଭକ୍ତିଭାବ, ଭଗବାନଙ୍କ ପ୍ରତି ସମର୍ପଣ, ଜଗତର ମଙ୍ଗଳ କାମନା ପାଇଁ ପ୍ରାର୍ଥନା କରାଯାଇଛି । କେତେକ କବିତାରେ ଜୀବନବୋଧ, ଦୁଃଖ, ଯନ୍ତ୍ରଣା, ପ୍ରେମପ୍ରତାରଣାରୁ ମୁକ୍ତିର ମାର୍ଗ ପ୍ରଦର୍ଶନ କରାଯାଇଛି । 'ଶାନ୍ତିପଥ'ର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

**ବାହୁଡ଼ାରେ ପୁଣି ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ବର୍ଷିଲା ବିଜେଡି**

# ରଥଯାତ୍ରା ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ

ଭୁବନେଶ୍ୱର,୨୫।୭(ସମିସ): ଚଳିତବର୍ଷର ରଥଯାତ୍ରା ପରିଚାଳନାକୁ ନେଇ ରାଜ୍ୟ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା ରଥଯାତ୍ରାରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ବିଜେପି ସରକାର ଉପରେ ବର୍ଷିଛନ୍ତି। ଦଳ ପକ୍ଷରୁ କୁହାଯାଇଛି ଯେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା କରିବାରେ ରାଜ୍ୟର ଡବଲ୍ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚଳିତ ବର୍ଷ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି।

ଶ୍ରୀ ଦାସବର୍ମା କହିଥିଲେ ଯେ, ରଥଯାତ୍ରାରେ ବାରମ୍ବାର ଅବ୍ୟବସ୍ଥା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି। ଗତ ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ପୁଣି ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏତେ ପରେ ବି ରାଜ୍ୟ ସରକାର ନିଜ ଭୁଲକୁ ସ୍ୱୀକାର କରୁନାହାଁନ୍ତି। ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୱାସରୁଦ୍ଧ ହୋଇ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ନେଇ ରାଜ୍ୟବାସୀଙ୍କୁ ମିଥ୍ୟା କହି ଭ୍ରମିତ କରୁଛନ୍ତି। ରଥଯାତ୍ରା ସମୟରେ ଦଳାଚକଟାରେ ମୃତ୍ୟୁକୁ ରାଜ୍ୟ ସରକାର ସ୍ୱୀକାର କରୁନଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମୁଖା ଖୋଲିଦେଇଛି। ରଥଯାତ୍ରା ପରିଚାଳନା ନେଇ ଅତୀତର ତ୍ରୁଟିରୁ ରାଜ୍ୟ ସରକାର କିଛି ଶିକ୍ଷା ଗ୍ରହଣ କରିଲେ ନାହିଁ। ସରକାରଙ୍କ ଅବହେଳାରୁ ବାହୁଡା ଯାତ୍ରାରେ ପୁଣି ଦଳାଚକଟା ଘଟି ଜଣେ ଶ୍ରଦ୍ଧାଳୁଙ୍କ ଜୀବନ ଗଲା। ବଡ଼ଦାଣ୍ଡର ପରିମେଳ ବ୍ୟବସ୍ଥା ଠିକ୍ ନ ଥିଲା। ବଗଲା ଧର୍ମଶାଳା ସମ୍ମୁଖରେ ଅଇଁଠା ଖଲି ପଡିଥିଲା। ମା' ସୁଭଦ୍ରାଙ୍କ ରଥ ଆସିବା ବେଳେ ଖଲି ମାଡ଼ି ଲୋକେ ତଳେ ପଡିଯିବାରୁ ଦଳାଚକଟା ଆରମ୍ଭ ହୋଇଥିଲା। ଏହା ବ୍ୟତୀତ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପୂର୍ବରୁ ମୃତ୍ୟୁର କାରଣ ନେଇ ରାଜ୍ୟ ସରକାର କିପରି ବିବୃତ୍ତି ପ୍ରଦାନ କରୁଛନ୍ତି ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ମୃତ୍ୟୁକୁ ନେଇ ମିଛ କହିଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।



- ଶ୍ରୀଜଗନ୍ନାଥଙ୍କ ଇଚ୍ଛା କହି ଖସିଯିବାକୁ ଅପଚେଷ୍ଟା
- ଦଳାଚକଟା ମୃତ୍ୟୁକୁ ଶ୍ୱାସରୁଦ୍ଧ କହିବା ନିନ୍ଦନୀୟ
- ସମସ୍ତ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି

ଉମାକାନ୍ତ ସାମନ୍ତରାୟ କହିଥିଲେ ଯେ, ସ୍ୱାସ୍ଥ୍ୟମନ୍ତ୍ରୀ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ଅସ୍ୱୀକାର କରି ମିଛ କହୁଛନ୍ତି। ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ ଏବଂ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ତୁଷାରକାନ୍ତି ବେହେରା କହିଥିଲେ ଯେ ୨୦୨୪ ମସିହା ରଥଯାତ୍ରାରେ ପହଣ୍ଡି ସମୟରେ ଚାରମାଳରୁ ବଡ଼ଠାକୁର ପ୍ରଭୁ ବଳଭଦ୍ର ପଡିଯିବା, ପୂର୍ବତନ ରାଜ୍ୟପାଳଙ୍କ ପୁଅ ଏଏସଓଙ୍କୁ ମାଡ଼ ମାରିବା, ୨୦୨୫ ରଥଯାତ୍ରାରେ ଶରଧାବାଲିରେ ଦଳାଚକଟା ଘଟି ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଆଦି ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇ ନାହିଁ। ଚଳିତ ବର୍ଷ ରଥଯାତ୍ରାରେ ୩ ଜଣ ଓ ବାହୁଡ଼ା ଯାତ୍ରାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ତେଣୁ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ରିପୋର୍ଟ ସାର୍ବଜନୀନ କରାଯାଉ ବୋଲି ସେ ଦାବି କରିଛନ୍ତି।

## କ୍ଷେତ୍ରସ୍ତରରେ ସାର ଯୋଗାଣର ସ୍ଥିତି ଅନୁଧ୍ୟାନ କରିବ କଂଗ୍ରେସ

ଭୁବନେଶ୍ୱର,୨୫।୭(ସମିସ): ସମ୍ପ୍ରତି ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ହେତୁ ରୁଆ ବେଉଷଣ କାର୍ଯ୍ୟ ଅଗ୍ରଗତି କରିଚାଲିଛି। କିନ୍ତୁ ଠିକ୍ ସମୟରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ମିଳୁନାହିଁ। ଫଳରେ ଚାଷୀ କଳାବଜାରୀର ଶିକାର ହେଉଛି। ସରକାର ଠିକଣା ଢ଼ଙ୍ଗରେ ଚାଷୀଙ୍କୁ ଯଥେଷ୍ଟ ସାର ଯୋଗାଇ ଦେଉଥିବା କହୁଥିବା ବେଳେ କ୍ଷେତ୍ରସ୍ତରରେ ଏହା ବାସ୍ତବ ସ୍ଥିତି ଭିନ୍ନ ରହିଛି ବୋଲି ରାଜ୍ୟ କଂଗ୍ରେସର ସମବାୟ ପ୍ରକୋଷ୍ଠ କହିଛି। ପ୍ରକୋଷ୍ଠ ମୁଖ୍ୟ ଅମୀୟ ପଟ୍ଟନାୟକ କହିଛନ୍ତି, ଚାଷ ତରତର ବଣିଜ ମଠ। ତେଣୁ ଏହି ସମୟରେ ଆବଶ୍ୟକ ପରିମାଣର ରାସାୟନିକ ସାର ଯଥା ୟୁରିଆ, ପଟାସ, ଗ୍ରୋମର ପ୍ରଭୃତି କମ୍ପ୍ଲେକ୍ସ ସାର ନିର୍ଦ୍ଧାରିତ ମୂଲ୍ୟ ଓ ସମୟରେ ଚାଷୀଙ୍କୁ ଯୋଗାଇ ଦିଆଯିବା ଦରକାର। ଏହାକୁ ଆଧାର କରି ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ଇତି ମଧ୍ୟରେ ନୟାଗଡ଼, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗିର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାକୁ ଗସ୍ତ କରିଛନ୍ତି। କ୍ଷେତ୍ରସ୍ତରରେ ଚାଷୀମାନଙ୍କ ଏହି ସମସ୍ୟା ବୁଝିବା ସହିତ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ନିକଟରେ କଂଗ୍ରେସ ପକ୍ଷରୁ ଚାଷୀଙ୍କର ହକ୍ ପାଇଁ ଦାବି ଉପସ୍ଥାପନ କରିବ। ଏହି ଗସ୍ତ ସମୟରେ ଜିଲ୍ଲାସ୍ତରରେ ସମବାୟବିତ୍, କଂଗ୍ରେସ ନେତୃବୃନ୍ଦ, କର୍ମକର୍ତ୍ତା ଓ କର୍ମୀମାନଙ୍କ ସହିତି ଆଲୋଚନା କରାଯାଇ ସମବାୟ କ୍ଷେତ୍ରକୁ କିପରି ସୁଦୃଢ଼ ଓ ଏହାର ସୁପରିଚାଳନା, ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଏବଂ ସମବାୟ ସମିତି ସଭ୍ୟ/ସଭ୍ୟାମାନଙ୍କର ଅଧିକାରକୁ ନେଇ ସାମଗ୍ରିକ ବିକାଶ ସମ୍ପର୍କରେ ବଳିଷ୍ଠ ପଦକ୍ଷେପ ନେବା ଦିଗରେ କଂଗ୍ରେସ ସଂଗ୍ରାମ ଜାରି ରଖିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ କହିଛନ୍ତି।

# ଦେଶର ଛାତ୍ରଛାତ୍ରୀ ଧର୍ମେନ୍ଦ୍ରଙ୍କୁ ବିଦା କଲେ: ଭକ୍ତ

ଭୁବନେଶ୍ୱର,୨୫।୭(ସମିସ): ଦେଶର ଛାତ୍ରସମାଜର ନ୍ୟାୟୋଚିତ ଆନ୍ଦୋଳନ, କଂଗ୍ରେସ ଦଳର ଦେଶବ୍ୟାପି ବିକ୍ଷୋଭ ଯୋଗୁଁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପ୍ରଦାନ ଗଣତନ୍ତ୍ରର ବିଜୟ। ତେବେ ଏହା ପ୍ରକୃତରେ ଇସ୍ତଫା ନୁହେଁ, ଦେଶର ଅଗଣିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ତାଙ୍କର ବହିଷ୍କାର। ଏହା ଆରମ୍ଭ ମାତ୍ର। ଦେଶର



ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ତେଣୁ କେବଳ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାରେ କଂଗ୍ରେସ ଦଳର ଆନ୍ଦୋଳନ ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ଓଡ଼ିଶାର ସ୍କୁଲ୍ ପାଠ୍ୟପୁସ୍ତକରେ ୨୨ ଶହରୁ ଅଧିକ ଭୁଲ୍ କରି ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସରକାର ଅନ୍ଧକାର ମଧ୍ୟକୁ

- ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦଙ୍କୁ ବିଦା ନ କଲେ ଆନ୍ଦୋଳନ
- ଭୁବନେଶ୍ୱରରେ ଯନ୍ତରମନ୍ତର ପରିବେଶ ସୃଷ୍ଟି ହେବ

ଶିକ୍ଷାବ୍ୟବସ୍ଥାର ଗୈରୀକରଣ ନାମରେ ଦେଶର ଯୁବସମାଜର ଗରୀବକରଣ କରାଇ ମୋଦୀ ସରକାର ଯେଉଁ ପାପ କରିଛନ୍ତି, ତା'ର ପ୍ରାୟଶ୍ଚିତ ନ କଲେ ଦେଶର ଯୁବଛାତ୍ର ସମାଜ ତଥା କଂଗ୍ରେସ ଦଳ ଅଟକିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶ୍ରୀ ଦାସ କହିଥିଲେ, ନିଟ୍-ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ୨୪ ଜଣ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ ଦେଶର ପ୍ରଧାନମନ୍ତ୍ରୀ ଅନୁତପ୍ତ ହୋଇନାହାନ୍ତି କି ଯନ୍ତରମନ୍ତରଠାରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ଦମନଲୀଳା କରିଥିବା ପୁଲିସ ଅଧିକାରୀ ଓ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିନାହାନ୍ତି। ଦେଶର ଶିକ୍ଷାବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ାଇ ଦେଇଥିଲେ ମଧ୍ୟ ତା'ର ନିରାକରଣ ଠେଲିଦେଇଥିଲେ ହେଁ ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ସୁଦ୍ଧା ଦେଇନାହାନ୍ତି। ଯେ ପର୍ଯ୍ୟନ୍ତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେଇନାହାନ୍ତି ସେ ଯାଏ ରାଜ୍ୟରେ କଂଗ୍ରେସ ଆହୁରି ଜୋରଦାର ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଓଡ଼ିଶାରେ ସ୍କୁଲ ପାଠ୍ୟପୁସ୍ତକରେ ୨୨ ଶହରୁ ଅଧିକ ତ୍ରୁଟି ସତ୍ତ୍ୱେ ରାଜ୍ୟର ଯୁବଛାତ୍ର ସମାଜ ଭୁବନେଶ୍ୱରରେ ଏକ ଯନ୍ତରମନ୍ତର ପରି ପରିବେଶ ସୃଷ୍ଟି ନ କରିବା ଆଶ୍ଚର୍ଯ୍ୟଜନକ। ତେବେ ଆଶା, ବିଳମ୍ବରେ ହେଲେ ମଧ୍ୟ ରାଜ୍ୟର ଯୁବଛାତ୍ର ବର୍ଗ ତେଜିବେ। କଂଗ୍ରେସ ଦଳ କେବଳ ମନ୍ତ୍ରୀଙ୍କ ଇସ୍ତଫା ଦାବି ନୁହେଁ, ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ସଂସ୍କାରିତ କରିବା ପାଇଁ ଆନ୍ଦୋଳନ କରିଚାଲିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

କେନ୍ଦ୍ରାପଡ଼ା/ମହାକାଳପଡ଼ା,୨୫।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅଧୀନ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ପଞ୍ଚାୟତର ୨୧ ଜଣ ୱାର୍ଡ ସଭ୍ୟ ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ

- ୨୧ ୱାର୍ଡ ସଭ୍ୟଙ୍କ ଦସ୍ତଖତ ସହ ଆବେଦନ
- ୨୭ରେ କାଗଜପତ୍ର ଯାଞ୍ଚ, ପରେ ଭୋଟିଂ

କରାଇଥିବା ଜଣାପଡ଼ିଛି। ଅନାସ୍ଥା ପତ୍ର ପାଇବା ପରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମହାକାଳପଡ଼ା ବ୍ଲକ ବିଡିଓଙ୍କୁ ପତ୍ର ଲେଖି ଆଇନ ଅନୁଯାୟୀ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ପର୍କିତ ସରକାରୀ ପତ୍ର ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହୋଇଥିବା ଚର୍ଚ୍ଚା ହେଉଛି।

ଅନାସ୍ଥା ପ୍ରସ୍ତାବରେ ଦସ୍ତଖତ କରିଥିବା ୱାର୍ଡ ସଭ୍ୟଙ୍କ ଆବେଦନ ଓ ଦସ୍ତଖତ ଯାଞ୍ଚ ଆସନ୍ତା ୨୭ ତାରିଖରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କରାଯିବ। ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଅନାସ୍ଥା ଭୋଟ ପାଇଁ ପ୍ରାୟ ୧୫ ଦିନର ସମୟ ଦିଆଯିବ ବୋଲି ଉପଜିଲ୍ଲାପାଳ ଅରୁଣ କୁମାର ନାୟକ କହିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ଚାମେଲି



ଓଝା ଅନାସ୍ଥା ପ୍ରସ୍ତାବ ପଛରେ ୱାର୍ଡ ସଭ୍ୟଙ୍କ ଉପରେ ଚାପ ଓ ଧମକ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ଅନେକ ୱାର୍ଡ ସଭ୍ୟ ତାଙ୍କୁ ଫୋନ କରି କାନ୍ଦୁଥିବା ଓ ପ୍ରବଳ ଚାପରେ ରହିଥିବା ସେ କହିଛନ୍ତି। ନିଜେ ଅସୁରକ୍ଷିତ ଅନୁଭବ କରୁଥିବାବେଳେ ୱାର୍ଡ ସଭ୍ୟଙ୍କୁ ସୁରକ୍ଷା ଦେବା ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଅନାସ୍ଥା ପ୍ରସ୍ତାବର ଅଭିଯୋଗ ଓ ସରପଞ୍ଚଙ୍କ ପାଲଟା ଅଭିଯୋଗକୁ ନେଇ ପଞ୍ଚାୟତ ରାଜନୀତି ସରଗରମ ହୋଇପଡ଼ିଛି। ବର୍ତ୍ତମାନ ସମସ୍ତଙ୍କ ନଜର ଜୁଲାଇ ୨୭ର ଯାଞ୍ଚ ଓ ପରବର୍ତ୍ତୀ ଅନାସ୍ଥା ଭୋଟ ପ୍ରକ୍ରିୟା ଉପରେ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହଣମହଣ ସ୍ୱର୍ଣ୍ଣାଳଙ୍କାରରେ...

ବଢ଼ିବା ପରେ ଅପରାହ୍ଣ ୫ଟା ୧୦ରୁ ସୁନାବେଶ ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନଙ୍କୁ ସୁନା, ରୁପା ଆଦି ମୂଲ୍ୟବାନ ଧାତୁଖଚିତ ଅଳଙ୍କାରରେ ବେଶ କରିଥିଲେ ପୁଷ୍ପାଳକ ସେବକ। ସେମାନଙ୍କୁ ଅନ୍ୟ ସେବକ ସହଯୋଗ କରିଥିଲେ। ସନ୍ଧ୍ୟା ୬ଟା ୩୫ ସୁଦ୍ଧା ଠାକୁରମାନଙ୍କୁ ସୁନାବେଶରେ ସଜାଇବା ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣୀ, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀହସ୍ତ, ଶ୍ରୀପୟର, ହଳମୂଷଳ, ଶଙ୍ଖ, ଚକ୍ର ଆଦି ଲାଗି କରାଯାଇଥିଲା। ସୁନାବେଶରେ ଥାଇ ରଥ ଉପରେ ହିଁ ଠାକୁରମାନଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢ଼ିଥିଲା। ରାତିରେ ସୁନାବେଶ ମଇଲମ ପରେ ରଥାରୂଢ଼ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ରତ୍ନସିଂହାସନରେ ସୁନାବେଶ ବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥା'ନ୍ତି। କିନ୍ତୁ ରଥାରୂଢ଼ ଠାକୁରଙ୍କ ସୁନାବେଶର ବିଶେଷତ୍ୱ ହେଉଛି ଏହି ବେଶରେ ମହାପ୍ରଭୁ ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରି ନ ଥା'ନ୍ତି। ରଥାରୂଢ଼ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥା'ନ୍ତି। ତେବେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ବାମପାଶ୍ୱର୍ରେ ଦଣ୍ଡାୟମାନ ନନ୍ଦିଘୋଷ କଡ଼ ଦେଇ ଡାହାଣକୁ ବୁଲି ସମ୍ମୁଖ ଭାଗରୁ ରଥାରୂଢ଼ ଠାକୁରଙ୍କୁ ସୁନାବେଶ ଦର୍ଶନ କରିଥିଲେ। ତାଳଧ୍ୱଜ ରଥ ପାଶ୍ୱର୍ଦେଇ ପୁନଶ୍ଚ ବଡ଼ଦାଣ୍ଡକୁ ଆସି ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଫେରିଯାଉଥିଲେ। ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ।

### ଯୁବଶକ୍ତିର...

ରାଜି ହେବାପରେ ଆନ୍ଦୋଳନ ପ୍ରତ୍ୟାର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ଏବଂ ଅନ୍ୟତମ ମୁଖପାତ୍ର ଆଶୁତୋଷ ରଙ୍କା ମଧ୍ୟ ଉପସ୍ଥିତ ଥିଲେ। କକ୍ରୋଚ୍ ପାର୍ଟିର ତିନିଟି ମୁଖ୍ୟ ଦାବି ଥିଲା। ସେଗୁଡ଼ିକ ହେଲା ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ସମସ୍ତ ଆନ୍ଦୋଳନକାରୀ ଏବ ସଂଗଠକମାନଙ୍କ ବିରୋଧରେ ଏଫଆଇଆର ଏବଂ ଆଇନଗତ ପଦକ୍ଷେପ ପ୍ରତ୍ୟାହାର ଏବଂ ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଏକ କୋଟି ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବା। ଧର୍ମେନ୍ଦ୍ରଙ୍କ ଇସ୍ତଫା ସହ ସେମାନଙ୍କର ପ୍ରଥମ ଦାବି ପୂରଣ ହୋଇଛି। ଅନ୍ୟ ଦାବି ଓ ସର୍ତ୍ତ ମାନିବାକୁ ସରକାର ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ମୁଖପାତ୍ର କହିଲେ ଯେ ଆନ୍ଦୋଳନ ଆରମ୍ଭ ହେବା ଦିନ ଠାରୁ ଆନ୍ଦୋଳନକାରୀଙ୍କ ବିରୋଧରେ ଦିଲ୍ଲୀ ଏବଂ ବିଜେପି ଓ ଏହାର ସହଯୋଗୀ ଶାସିତ ରାଜ୍ୟରେ ଯେତେ ଏଫଆଇଆର ହୋଇଛି, ତାହାକୁ ପ୍ରତ୍ୟାହାର କରିବେ ସରକାର। ଭବିଷ୍ୟତରେ ଏମାନଙ୍କ ବିରୋଧରେ ଏଫ୍ଆଇଆର କିମ୍ବା କୌଣସି ପଦକ୍ଷେପ ନେବେନାହିଁ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନଦେବା ପର୍ଯ୍ୟନ୍ତ ସରକାରଙ୍କ ସହିତ ଆଲୋଚନା କରାଯିବ ନାହିଁ ବୋଲି କକ୍ରୋଚ୍ ପାର୍ଟି ଜିଦରେ ଅଟଳ ରହିବାରୁ ସରକାର ଅଡୁଆରେ ପଡ଼ିଯାଇଥିଲେ। ଶେଷରେ ଆଜି ଧର୍ମେନ୍ଦ୍ର କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କରିଥଲେ। ଇସ୍ତଫା ପ୍ରଦାନ କରି ସେ କହିଥିଲେ ଯେ ଦେଶର ବୃହତ ସ୍ୱାର୍ଥ ଦୃଷ୍ଟିରୁ ନିଟ ପରୀକ୍ଷା ବିଭ୍ରାଟ ପାଇଁ ନୈତିକ ଦାୟିତ୍ୱ ନେଇ ପଦତ୍ୟାଗ କରୁଛନ୍ତି। ଆନ୍ଦୋଳନ ଚଳାଇଥିବା ଯୁବ ଗୋଷ୍ଠୀର ପ୍ରଶଂସା କରି ସେ କହିଲେ ଯେ ଏମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ। ଯନ୍ତରମନ୍ତ ଏବଂ ଦେଶର ଅନ୍ୟ ଭାଗରେ ଆନ୍ଦୋଳନ ଚଳାଇଥିବା ଯୁବ ଗୋଷ୍ଠୀକୁ କିଛି ଦେଶ-ବିରୋଧୀ ତତ୍ତ୍ୱ ପ୍ରଭାବିତ କରିବାକୁ ଚକ୍ରାନ୍ତ କରୁଛନ୍ତି। ଏଥିରୁ ସେମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର କହିଥିଲେ। ଧର୍ମେନ୍ଦ୍ରଙ୍କ ଇସ୍ତଫା ପୂର୍ବରୁ ସରକାର ଗତ ୨୩ ତାରିଖ ବିଳମ୍ବିତ ରାତିରେ ଶିକ୍ଷା ସଚିବ ବିନୀତ ଯୋଶୀଙ୍କୁ ହଟାଇଦେଇଥିଲେ।

ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ କକ୍ରୋଚ୍ ପାର୍ଟି ପ୍ରତିନିଧି ଦଳ ସରକାରଙ୍କ ସହିତ ଆଲୋଚନା କରିବାକୁ ରାଜି ହୋଇଥିଲେ। ତେବେ ଏହି ଆଲୋଚନା ମନ୍ତ୍ରୀଙ୍କ ବାସଭବନରେ ନହୋଇ କନଷ୍ଟିଚ୍ୟୁସନ୍ କ୍ଲବରେ ହୋଇଥିଲା। ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଘୋଷଣା କରାଯାଇଥିଲା।

ଧର୍ମେନ୍ଦ୍ର ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେବାପରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ନରେନ୍ଦ୍ର ମୋଦି ସରକାରର ଇତିହାସରେ ଏକ ବିରଳ ଘଟଣା ଭାବେ ବିବେଚନା କରାଯାଉଛି। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରଠାରୁ ସାର୍ବଜନୀନ ଚାପ ଓ ଦେଶବ୍ୟାପୀ ବିରୋଧ ପରେ ପଦ ଛାଡ଼ିଥିବା ସେ କେବଳ ଦ୍ୱିତୀୟ କାର୍ଯ୍ୟରତ କେନ୍ଦ୍ରମନ୍ତ୍ରୀ। ଧର୍ମେନ୍ଦ୍ରଙ୍କ ପୂର୍ବରୁ ଏମ୍‌ଜେ ଆକବର ସାର୍ବଜନୀନ ଚାପ ମଧ୍ୟରେ ପଦ ଛାଡ଼ିଥିବା ଏକମାତ୍ର କେନ୍ଦ୍ରମନ୍ତ୍ରୀ ଥିଲେ। ୨୦୧୮ ରେ ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଥିବା ଏମ୍‌ଜେ ଆକବରଙ୍କ ବିରୋଧରେ ମି-ଟୁ ଅଭିଯାନ ସମୟରେ ଏକାଧିକ ମହିଳା ସାମ୍ବାଦିକ ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଥିଲେ। ଏହାପରେ ସେ ଅକ୍ଟୋବର ୨୦୧୮ ରେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ ଏବଂ ଆଇନଗତ ଲଢେଇ ଲଢ଼ିବେ ବୋଲି କହିଥିଲେ।

### ଜେନ୍-ଜୀଙ୍କୁ...

ହେବା। ଜନତାଙ୍କ ଇଚ୍ଛାଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି। ଆମ ଦେଶର ଲୋକମାନଙ୍କର, ବିଶେଷକରି ଯୁବପିଢ଼ିଙ୍କର ସ୍ୱର ଶୁଣାଯିବା ଉଚିତ। ଭାରତର ଭବିଷ୍ୟତ ଯୁବଶକ୍ତିଙ୍କ ହାତରେ। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନବୀନ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନା ଥାଉ କି ଦିଲ୍ଲୀ ଗସ୍ତ ଅବସରରେ ନବୀନ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଦଳୀୟ ସାଂସଦଙ୍କ ସହିତ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ୨୦ ତାରିଖରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ମାତ୍ରାଧିକ ବଳପ୍ରୟୋଗ ପରେ ଦଳର ସାଂସଦମାନେ ହସ୍ପିଟାଲକୁ ଯାଇ ସେମାନଙ୍କୁ ଭେଟିଥିଲେ। ଏପରି ସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କ ପଦତ୍ୟାଗ କରିବା ଉଚିତ ବୋଲି ନବୀନ କହିଥିଲେ।

### ଯୁବକଙ୍କ ଆକାଂକ୍ଷାକୁ...

ସିବିଆଇକୁ ସମର୍ପଣ କରିଥିଲେ ଏବଂ ପରୀକ୍ଷାକୁ ବାତିଲ କରି ପୁନଃ ପରୀକ୍ଷାର ତାରିଖ ଘୋଷଣା କରିଥିଲେ। ଆମର ମୁଖ୍ୟ ପ୍ରାଥମିକତା ଥିଲା ଯେ ୨୦ ଲକ୍ଷରୁ ଅଧିକ ଛାତ୍ରଙ୍କ ପରୀକ୍ଷା ସୁଚାରୁ ରୂପେ ଆୟୋଜିତ ହେଉ। ପ୍ରଥମ ଦିନରୁ ମୁଁ ଏହାର ଦାୟିତ୍ୱ ନେଇଥିଲି ଏବଂ ଏହି ପରିସ୍ଥିତିରୁ କେବେ ମୁହଁ ଫେରାଇ ନଥିଲି।। ୧୬ ଜୁଲାଇରେ ଘୋଷିତ ନିଟ୍-ୟୁଜିର ଫଳାଫଳ ସନ୍ତୋଷଜନକ ରହିଥିଲା, ଯେଉଁଥିରେ ଗରିବ ପରିବେଶରୁ ଆସିଥିବା ଅନେକ ମେଧାବୀ ଛାତ୍ରମାନେ ମଧ୍ୟ ସଫଳତା ପାଇଥିଲେ। ତଥାପି ଏହି ସମୟରେ ମଧ୍ୟ ଅନେକ ଛାତ୍ରଙ୍କୁ ଭ୍ରମରେ ପକାଇବା ପାଇଁ ଦାୟିତ୍ୱପୂର୍ଣ୍ଣ ପଦରେ ଥିବା ବ୍ୟକ୍ତିମାନେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ, ଯାହାଦ୍ୱାରା ମନ ଅତ୍ୟନ୍ତ ବ୍ୟଥିତ ହୋଇଥିଲା। ସେ ଆହୁରି କହିଛନ୍ତି, ମୁଁ ସର୍ବଦା ଆମ ପ୍ରଜାତନ୍ତ୍ରର ଶକ୍ତି ଉପରେ ଅତୁଟ ବିଶ୍ୱାସ ରଖିଥିବା ବ୍ୟକ୍ତି ଏବଂ ଯୁବକମାନଙ୍କ ଆକାଂକ୍ଷା, ସ୍ୱପ୍ନ ଏବଂ ଅପେକ୍ଷାଗୁଡ଼ିକର ଗଭୀର ସମ୍ମାନ କରି ଆସିଛି। ସେମାନେ କେବଳ ଭାରତର ଭବିଷ୍ୟତ ନୁହନ୍ତି, ବରଂ ଏକ ନୂତନ ଓ ବିକଶିତ ଭାରତର ବାହକ, ନିର୍ମାତା ଏବଂ ଭବିଷ୍ୟତର ଶିଳ୍ପକାର ମଧ୍ୟ ଅଟନ୍ତି। ଗତ ୧୦ ଦିନର ଘଟଣାକ୍ରମ ଦେଖି ମୋର ମନ ଦୁଃଖିତ। ଏହା ମୋ ପାଇଁ ବ୍ୟକ୍ତିଗତ ପ୍ରତିଷ୍ଠାର ବିଷୟ ନୁହେଁ। ଭାରତର ଯୁବଶକ୍ତି ହିଁ ଏହି ଦେଶର ପ୍ରକୃତ ଶକ୍ତି। ଯନ୍ତର-ମନ୍ତରରେ ଏବଂ ଦେଶରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଏହି ପରିସ୍ଥିତିରୁ ରାଷ୍ଟ୍ରବିରୋଧୀ ଶକ୍ତିମାନେ ଲାଭ ନ ଉଠାନ୍ତୁ, ଦେଶର ଏକତା ବଜାୟ ରହୁ, ଭାରତର ଗୋଟିଏ ମଧ୍ୟ ବିଦ୍ୟାର୍ଥୀର ଭବିଷ୍ୟତ ଆଇନଗତ ଜଟିଳତାରେ ନ ଫସୁ— ଏହି କଥା ଚିନ୍ତା କରି ମୁଁ ମୋର ତ୍ୟାଗପତ୍ର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ପଠାଇ ଦେଇଛି। ମୁଁ ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ, ବିଶ୍ୱାସ ଏବଂ ନିରନ୍ତର ସହଯୋଗ ପାଇଁ ହାର୍ଦ୍ଦିକ କୃତଜ୍ଞତା ପ୍ରକାଶ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ମୁଁ ଭବିଷ୍ୟତରେ ମଧ୍ୟ ଭାରତ ମାତା, ଓଡ଼ିଶାର ଜନତା ତଥା ଦେଶର ଯୁବକମାନଙ୍କ ଆକାଂକ୍ଷା ପୂରଣ ପାଇଁ ସମସ୍ତ ସମ୍ଭବ ଉପାୟରେ ନିଜକୁ ସମର୍ପିତ ରଖିବି ବୋଲି ସେ କହିଛନ୍ତି।

### ସାରା ରାଜ୍ୟରେ...

ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ଜାରି ରହିଛି। ଉତ୍ତର ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ଆଜି ଦିନ ତମାମ କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷା ଅନୁଭୂତ ହେଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର କେନ୍ଦୁଝରରେ ଅତ୍ୟନ୍ତ ପ୍ରବଳ ଆଶଙ୍କା ରହିଛି। ଏଥିପାଇଁ ପାଣିପାଗ କେନ୍ଦ୍ର ଏହି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଛି। ଏହାସହିତ ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ମୟୂରଭଞ୍ଜ ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଓ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋରଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ଆଶଙ୍କା କରି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅନ୍ୟପଟେ ଗତ ୩୬ ଘଣ୍ଟାରେ ରାଉରକେଲାରେ ସର୍ବାଧିକ ୮୦ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱରରେ ୪୦, ବାରିପଦାରେ ୩୦, ଖୋରଧାରେ ୩୯, କେନ୍ଦୁଝରେ ୨୬ ଓ ଦେବଗଡ଼ରେ ୨୪ ମିମି ବର୍ଷା ରେକର୍ଡ ହୋଇଛି। ଲଗାଣ ବର୍ଷା କାରଣରୁ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବ। ଏଥିପାଇଁ ତଳିଆ ଅଞ୍ଚଳରେ ବନ୍ୟାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ଆକଳନ କରାଯାଉଛି। ଏହା ବ୍ୟତୀତ ଉତ୍ତର ଓଡ଼ିଶା ଉପକୂଳରେ ୪୦ରୁ ସର୍ବାଧିକ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୭ ଅର୍ଥାତ୍ ୩ ଦିନ ଯାଏଁ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

### ଅଯୋଗ୍ୟଙ୍କୁ ଯୋଗ୍ୟ...

ଯେ, ଏନ୍‌ସିଟିଇ ନିୟମାବଳୀ ପାଳନ କରିବା ଉଦ୍ଦେଶ୍ୟରେ ଏପରି ପଦକ୍ଷେପ ନିଆଯାଉଛି। ତା'ହେଲେ ନିଯୁକ୍ତି ସମୟରେ କାହିଁକି ଏନ୍‌ସିଟିଇ ନିୟମକୁ ପାଳନ କରାଯାଇ ନ ଥିଲା। ଯଦି ଅଯୋଗ୍ୟଙ୍କୁ ନିଯୁକ୍ତି ଦିଆଯାଇଥିବା ସରକାର ସ୍ୱୀକାର କରୁଛନ୍ତି, ତା'ହେଲେ ଅଯୋଗ୍ୟ ଅଧ୍ୟାପକ ଓ ନିଯୁକ୍ତି ଅନିୟମିତତାର ମାଷ୍ଟରମାଇଣ୍ଡଙ୍କୁ ଏବେ କାହିଁକି ଘଣ୍ଟ ଘୋଡ଼ାଇବାକୁ ପ୍ରୟାସ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏହି ଅଧ୍ୟାପକମାନେ ଏମ୍‌ଇଡି ପଢ଼ିବାକୁ ଯିବା ପରେ ବିଇଡି କଲେଜରେ ଶିକ୍ଷାଦାନ ବଜାୟ ରଖିବାକୁ ଅତିଥି ଅଧ୍ୟାପକ ନିଯୁକ୍ତି କରିବାକୁ କୁହାଯାଇଛି। ଗୋଟିଏପଟେ ସରକାରୀ ତହବିଲ୍‌ରୁ ଦରମା ନେଇ ଅଯୋଗ୍ୟ ଅଧ୍ୟାପକମାନେ ପାଠ ପଢ଼ି ଯୋଗ୍ୟତା ଅର୍ଜନ କରିବେ ଏବଂ ଅନ୍ୟପଟେ ଅତିଥି ଅଧ୍ୟାପକ ନିଯୁକ୍ତ କରି ପୁଣି ସରକାରୀ ଟଙ୍କା ବ୍ୟୟ କରିବାକୁ ନେଇ ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି।

ପ୍ରକାଯୋଗ୍ୟ ଯେ ବିଇଡି କଲେଜରେ ଅଧ୍ୟାପକ ହେବା ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି କରିଥିବା ବାଧ୍ୟତାମୂଳକ ବୋଲି ଏନ୍‌ସିଟିଇ ପକ୍ଷରୁ ଆପେଣ୍ଡିକ୍ସ-୪ ଓ ୫ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ହେଲେ ଏହାକୁ ଉଲଙ୍ଘନ କରାଯାଇ ଅର୍ଥାତ୍ ଏମ୍‌ଇଡି କରି ନ ଥିବା ପ୍ରାୟ ୧୬୦ରୁ ଅଧିକ ଜଣଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଏହାକୁ ନେଇ ଏନ୍‌ସିଟିଇ ନିକଟରେ ଅଭିଯୋଗ ହେବା ପରେ ୧୫ଟି କଲେଜକୁ ନୋଟିସ୍ କରିବା ସହ ସମସ୍ତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ମାଗିଛି ଏନ୍‌ସିଟିଇ। ହାତରେ ମାତ୍ର ଆଉ କିଛି ଦିନ ଥିବାବେଳେ ଏନ୍‌ସିଟିଇକୁ କ'ଣ ଉତ୍ତର ଦିଆଯିବ ତାକୁ ନେଇ ଉଚ୍ଚ ଶିକ୍ଷା ବିଭାଗରେ ମାନସମନ୍ଥନ ଚାଲିଥିବାବେଳେ ଏବେ ଅଯୋଗ୍ୟ ଶିକ୍ଷକଙ୍କୁ ଯୋଗ୍ୟ କରିବାକୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହେବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

## ମୟୂରଭଞ୍ଜ କୁଳିଅଣାରେ ବନ୍ଧୁକ ମୁନରେ ଲୁଟ୍

ବାରିପଦା,୨୫।୭(ସମିସ): ମୟୂରଭଞ୍ଜ କୁଳିଅଣାରେ ବନ୍ଧୁକ ମୁନରେ ଲୁଟ୍, ଗହଣା ବ୍ୟବସାୟୀଙ୍କୁ ଗୁଳିମାଡ଼, ଅଳ୍ପକେ ବର୍ତ୍ତିଲେ ବ୍ୟବସାୟୀ, ଟଙ୍କା ଓ ସୁନା-ରୂପା ବ୍ୟାଗ୍ ନେଇ ଦୁର୍ବୃତ୍ତ ଫେରାର। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ ମାଙ୍କଡ଼ାହୁଡ଼ି ନିକଟରେ ଏକ ସଶସ୍ତ୍ର ଲୁଟପାଟ୍ ଘଟଣା ସାମ୍ନାକୁ ଆସିଛି। ବନ୍ଧୁକ ଦେଖାଇ ଗହଣା ବ୍ୟବସାୟୀଙ୍କୁ ଗୁଳିମାଡ଼ କରିବା ସହ ତାଙ୍କ ପାଖରୁ ନଗଦ ଟଙ୍କା ଓ ସୁନା-ରୂପା ଗହଣା ଭର୍ତ୍ତି ବ୍ୟାଗ୍ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଲୁଟ୍ ଶିକାର ହୋଇଥିବା ବ୍ୟବସାୟୀ 'ମାନସ ଜୁଏଲର୍ସ'ର ମାଲିକ ମାନସ ପାଇରାଙ୍କ କହିବା ଅନୁଯାୟୀ, ସେ କୁଳିଅଣା ଛକସ୍ଥିତ ଜିମ୍ ନିକଟରେ ଥିବା ନିଜ ଦୋକାନ ବନ୍ଦ କରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ମାଙ୍କଡ଼ାହୁଡ଼ି ନିକଟସ୍ଥ ଅନ୍ଧାରୀ ନିଛାଟିଆ ସ୍ଥାନରେ ଦୁଇଟି ପଲସର ବାଇକରେ ୪ ରୁ ୫ ଜଣ ଦୁର୍ବୃତ୍ତ ଆସି ତାଙ୍କ ସ୍କୁଟି ସାମ୍ନାରେ ଅଟକାଇଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ତାଙ୍କୁ ଲକ୍ଷ୍ୟ କରି ଦୁଇ ରାଉଣ୍ଡ ଗୁଳିମାଡ଼ କରିଥିଲେ। ତେବେ ଭାଗ୍ୟବଶତଃ ଗୁଳିଟି ତାଙ୍କ ଦେହରେ ବାଜି ନଥିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ତାଙ୍କ ପାଖରେ ଥିବା ବ୍ୟାଗଟିକୁ ଛଡ଼ାଇ ନେଇ ବାରିପଦା ପଟ ଦେଇ ଓଭରବ୍ରିଜ୍ ଉପରେ ସିଧା ଫେରାର ହୋଇଯାଇଥିଲେ। ଲୁଟ୍ ହୋଇଥିବା ବ୍ୟାଗ୍‌ରେ ପାଖାପାଖି ୫୦ ହଜାରରୁ ଅଧିକ ନଗଦ ଟଙ୍କା, ୭ କିଲୋରୁ ଅଧିକ ରୂପା ଏବଂ ପ୍ରାୟ ୪୦ ଗ୍ରାମ ସୁନା ଗହଣା ଥିଲା ବୋଲି ବ୍ୟବସାୟୀ ଜଣକ ପ୍ରକାଶ କରିଛନ୍ତି।

- ଗହଣା ବ୍ୟବସାୟୀଙ୍କୁ ଗୁଳି
- ଅଳ୍ପକେ ବର୍ତ୍ତିଲେ ବ୍ୟବସାୟୀ
- ଟଙ୍କା ଓ ସୁନା-ରୂପା ବ୍ୟାଗ୍ ନେଇ ଦୁର୍ବୃତ୍ତ ଫେରାର


**LOST**

[illegible] ଭଉଚର ନଂ- 10801100751 ତା- 10/06/2011 [illegible] 01/05/2026 [illegible] 9777779257 & 9114320991 [illegible]

**AFFIDAVIT**

By Virtue of an affidavit No- 77AA 120828 dated 22-07-2026 shown before the Executive Magistrate , Champua , I Mouthili Giri W/o- Prasanna Kumar Giri residing Vill – Saraspoal ,Po- Raikala , PS- Ghagarbeda, Mayurbhanj, do hereby solemnly affirm and state that Maithili Giri & Mouthili Giri is same & one person on this above address. Henceforth, I shall be known as **Maithili Giri** for all purposes.

**NOTICE**

By virtue of an affidavit sworn before the Notary Public, Kataka dated 21.07.2026, I Nini Ojha, W/o Late Trilochan Maharana, permanent resident of At- Pariaankhari Sahi, P.O.- Mangul, P.S.- Biridi, Dist- Jagatsinghpur, Odisha, Pin- 754111, have changed my name from Nini Ojha to Nini Maharana. Henceforth, I shall be known as **Nini Maharana** for all purposes.

Nini Maharana

**NOTICE**

By virtue of an affidavit sworn before the Notary Public, Kataka dated 22.07.2026, I Debasis Moharana, S/o Late Trilochan Moharana, permanent resident of At- Pariaankhari Sahi, P.O.- Parbatipur, P.S.- Biridi, Dist- Jagatsinghpur, Odisha, Pin- 754111, have changed my name from Debasis Ojha to Debasis Moharana. Henceforth, I shall be known as **Debasis Moharana** for all purposes.

Debasis Moharana

**AFFIDAVIT**

I, PENKE SREENIVASA RAO, aged about 59 years, S/o- TATAB BAYI PENKE Resident of QTR NO-6225-A, PARADIP REFINERY TOWNSHIP, PARADIP GARH, JAGATSINGHPUR-754141, ODISHA, declared by this Affidavit No.860/2026 Dated 25.07.2026. That now onwards I shall Be Known as **PENKE SRINIVASA RAO** That for all future Purposes.

**AFFIDAVIT**

I, Arun Patro Allupati, S/o- Biswesar Patro Allupati, resident of Gundalavari Street, Near Hanuman Bazar, Berhampur, Ps- Town, Dist- Ganjam, Pin- 760002, Odisha declare by this affidavit No-632, date- 24/07/2026, that now onwards I shall be known as **ARUN KUMAR PATRO ALLUPATI** for all future purposes.

**CHANGE OF NAME**

I, SMT. MINATI PATRA, W/o Sri Mahendra Patra, Resident of Village/PO-Bariniput, PS-Jeypore Sadar, District-Koraput, Odisha, Pin764006, do hereby declare that my son's correct name is SUBHAM PATRA. In his Aadhaar card, his name was wrongly recorded as SUBHAMKAR PATRA. I have corrected my son's name, and henceforth, he shall be known as SUBHAM PATRA for all future purposes and sworn before the Executive Magistrate at Jeypore, District-Koraput, Odisha vide Affidavit No.675, Dated 22.07.2026. **SUBHAM PATRA and SUBHAMKAR PATRA** both are same and identical person i.e. my son.

**CHATRAPUR MUNICIPALITY**

Letter No. 1701, Date: 14.07.2026

"e" Procurement Notice

Tender Reference No. – CTP – MUN-10/2026-27

Bid documents consisting of work estimated cost, cost of tender paper, EMD, time of completion, class of contractor and the set of terms and conditions of contract and other necessary documents can be seen on the Government website: www.tendersodisha.gov.in

1. **Name of the Work:** Civil work mentioned in DTCN
2. **No. of Work:** 02
3. **Estimated Cost:** Rs. 58.97 Lakhs to Rs. 217.26 Lakhs
4. **Date & Time of Availability of Bid Document in the Portal:** From **11:00 AM on 27.07.2026 to 5:00 PM on 17.08.2026**
5. **Last Date & Time for Receipt of Bids in the Portal: 17.08.2026 up to 5:00 PM**
6. **Bids Received Online Shall be Opened On: 18.08.2026 at 11:00 AM**

Further details can be seen from the e-procurement portal: https://tendersodisha.gov.in

Executive Officer
Chatrapur Municipality

### ପ୍ରଥମ ଥର ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ

# ଅପୂର୍ବ ଦର୍ଶନରେ ଭାବବିହ୍ୱଳ ଭକ୍ତ

**ଭବାନୀପାଟଣା, ୨୫।୭(ସମିସ)**

ପ୍ରଥମଥର ପାଇଁ ଭବାନୀପାଟଣା ସହରରେ ନନ୍ଦିଘୋଷ ରଥ ଉପରେ ଜଗନ୍ନାଥଙ୍କୁ ସୁନା ବେଶ ଦେଖି ଭାବ ବିହ୍ୱଳ ହୋଇ ପଡ଼ିଲେ ଶ୍ରଦ୍ଧାଳୁ । ଆଜି ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମଧ୍ୟାହ୍ନ ନିସଖୁଡ଼ି ଭୋଗ ଲାଗି କରାଯିବା ପରେ ଦିନ ୨ ଟାରୁ ସେବାୟତମାନେ ଶ୍ରୀମନ୍ଦିରରୁ ତିନି ଠାକୁରଙ୍କ ବିଭିନ୍ନ ରତ୍ନ ଅଳଙ୍କାର ସାମଗ୍ରୀ ରଥ ଉପରକୁ ଆଣିଥିଲେ । ସେବାୟତମାନେ ରଥ ଉପରେ ଶ୍ରୀ ଜୀଉମାନଙ୍କୁ ସୁନାବେଶ ଲାଗି କରାଯିବା ଦୃଶ୍ୟ ଦେଖିବାକୁ ବଡ ଦାଣ୍ଡରେ ଶ୍ରଦ୍ଧାଳୁ ମାନଙ୍କ ପ୍ରବଳ ଭିଡ ହୋଇଥିଲା । ଅପରାହ୍ନ ସାଢ଼େ ଚାରି ଟାରେ ପୂର୍ଣ୍ଣ ସୁନାବେଶ ଲାଗି ହେବାପରେ ବିଳମ୍ବିତ ରାତ୍ରି ଯାଏଁ ଶ୍ରଦ୍ଧାଳୁ ମାନେ ରଥ ଉପରେ ସୁନାବେଶ ଦର୍ଶନ କରିଥିଲେ । ଆଷାଢ଼ ଶୁକ୍ଳ ପକ୍ଷ ଏକାଦଶୀ ଯାହାକୁ ହରି ଶୟନ ବଡ ଏକାଦଶୀ ତିଥିରେ ଜଗନ୍ନାଥଙ୍କ ସୁନାବେଶ ହେବା ସହ ଚାତୁର୍ମାସ୍ୟା ବ୍ରତ ଆରମ୍ଭ ହୋଇଛି । ଏହି ଅବସରରେ ମନ୍ଦିରର ପୂଜକ ଅଜୟ ମହାପାତ୍ର ଶ୍ରୀ ମନ୍ଦିର ଉପରକୁ ମହାଦୀପ ଟେକିଥିଲେ । ରବିବାର ସନ୍ଧ୍ୟାରେ ରଥ ଉପରେ ଅଧରପଣା ନୀତି ସମ୍ପାଦନ ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ନୀଳାଦ୍ରି ବିଜେ କାର୍ଯ୍ୟକ୍ରମ ରହିଛି । ପ୍ରଥମ ଥର ପାଇଁ ଭବାନୀପାଟଣା ସହରରେ ରଥ ଉପରେ ସୁନାବେଶ ବ୍ୟବସ୍ଥା ହୋଇଥିବାରୁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ ପରିଡ଼ା, ଏସ୍‌ପି ନାଗରାଜ ଦେବରକୋଣ୍ଡା ଏବଂ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓଙ୍କୁ ସହରବାସୀ କୃତଜ୍ଞତା ଜଣାଇଛନ୍ତି । ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ସୁନାବେଶ ଧାରାବିବରଣୀ କାର୍ଯ୍ୟକ୍ରମରେ ସତ୍ୟ ନାରାୟଣ ମହାପାତ୍ର, ସନ୍ତୋଷ ରଥ,





ଡ଼ ତପନ ରଥ, ବିରଞ୍ଚି ନାରାୟଣ ମୁଣ୍ଡ, ସ୍ନେହଲତା ଷଡ଼ଙ୍ଗୀ ଓ ମିନତୀ କୁମାରୀ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ । ସୁନା ବେଶ ଉପଲକ୍ଷେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ଭଜନ ଧାରା କାର୍ଯ୍ୟକ୍ରମରେ ପ୍ରତିଭା ଅନୁଷ୍ଠାନ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

## ପାଇପ୍ ଫାଟି ରାସ୍ତାରେ ପିଇବା ପାଣି



**କୋକସରା, ୨୫।୭(ସମିସ):** ସରକାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି, ହେଲେ ବିଭାଗୀୟ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବରୁ ଏହା ଆଜି ବାଟବଣା ହେବାକୁ ବସିଛି । ପାଇପ୍ ଫାଟି ପାନୀୟଜଳ ରାସ୍ତାରେ ବୋହିଯାଉଥିବା ବେଳେ ଲୋକଙ୍କ ନିକଟକୁ ପହଞ୍ଚୁଛି ଦୂଷିତ ଜଳ । ଏମିତି ଏକ ସଂଗୀନ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି-ଧର୍ମଗଡ଼ ବାଇପାସ୍ ରାସ୍ତାର ଆମପାଣି ମୁଖ୍ୟ ଛକ ନିକଟରେ । ସ୍ଥାନୀୟଲୋକଙ୍କ ଅଭିଯୋଗ ଅନୁସାରେ, ଆମପାଣି ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ନିମନ୍ତେ ପାଇପ୍ ଲାଇନ୍ ବିଛାଯାଇଥିଲା । ହେଲେ ଗ୍ରାମ ପଞ୍ଚାୟତ ଏବଂ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଘୋର ଅବହେଳା ଯୋଗୁଁ ଦୀର୍ଘ ମାସ ହେବ ମୁଖ୍ୟ ଛକ ନିକଟରେ ପାଇପ୍ ଫାଟି ଜଳ ନଷ୍ଟ ହେଉଛି । ଫଳରେ ଗ୍ରାମବାସୀଙ୍କୁ ପିଇବା ପାଇଁ ବିଶୁଦ୍ଧ ଜଳ ବଦଳରେ ଦୂଷିତ ଜଳ ମିଳୁଛି । ଅନ୍ୟପଟେ, ପାଇପ୍ ଲିକେଜ୍ ଯୋଗୁଁ ବାଇପାସ୍ ଭଳି ଏକ ପ୍ରମୁଖ ମୁଖ୍ୟ ରାସ୍ତାରେ ଅବିରତ ପାଣି ଜମି ରହୁଛି, ଯାହା ଫଳରେ ସେଠାରେ ଏକ ମଶାପ୍ରବଣ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ରାସ୍ତାରେ ଯାତାୟାତ କରୁଥିବା ପାଦଚଲା ପଥଚାରୀ ଓ ଗାଡ଼ି ଚାଳକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟା ଦିନେ କି ଦୁଇଦିନର ନୁହେଁ, ବରଂ ଦୀର୍ଘ ମାସ ଧରି ଲାଗି ରହିଥିଲେ ହେଁ ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗର ଦୃଷ୍ଟି ନପଡ଼ିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କ ସହ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ, ସେ ଫୋନ୍ ନ ଉଠାଇବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ଫାଟିଥିବା ପାଇପ୍ ମରାମତି କରିବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ଜମିବାଡ଼ି ବିବାଦକୁ କେନ୍ଦ୍ରକରି ହତ୍ୟା; ୨ ଗିରଫ

**ଜୟପାଟଣା, ୨୫।୭ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଧୀନ କୁମଜୋର ଗାଁରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଘଟିଛି ଏକ ହତ୍ୟାକାଣ୍ଡ । ଏହି ଘଟଣାରେ ଗାଁର ୫୦ ବର୍ଷୀୟ ସୁବେ ଶବରଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ସୁବେ ଶବର ଓ ତାଙ୍କ ସ୍ତ୍ରୀ ସତ୍ୟ ଶବର ଶୁକ୍ରବାର ସକାଳେ ନିଜ ଚାଷ ଜମିକୁ କାମ କରିବା ପାଇଁ ଯାଇଥିଲେ । ସନ୍ଧ୍ୟା ପ୍ରାୟ ୪ଟା ବେଳେ ଘରକୁ ଫେରୁଥିବା ସମୟରେ ପୂର୍ବ ଶତ୍ରୁତା ଏବଂ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଗାଁର ଜଗନ୍ନାଥ ଶବର(୬୫) ଓ ଦେସେରାମ ଶବର(୪୫) ତାଙ୍କ ଉପରେ ଲାଠି ଓ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ସୁବେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ପରେ ଜୟପାଟଣା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ଜଗନ୍ନାଥ ଶବର ଓ ଦେସେରାମ ଶବରଙ୍କୁ ଗିରଫ କରିଛି । ଘଟଣାକୁ ନେଇ କୁମଜୋର ଗାଁରେ ଉତ୍ତେଜନା ଲାଗି ରହିଥିବାବେଳେ ପୁଲିସ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ।

### ଅର୍ଥ ଜମାକରି ଅଡୁଆରେ ଜମାକାରୀ

## ମାଚ୍ୟୁରିଟିର ୬ ମାସ ପରେ ବି ମିଳୁନି ଟଙ୍କା

**ମ.ରାମପୁର, ୨୫।୭(ସମିସ):** ବିଜୟିନୀରେ ଅର୍ଥ ଜମା କରି ଅଡୁଆରେ ଜମାକାରୀ । ମାଚ୍ୟୁରିଟିର ୬ ମାସ ପରେ ବି ମିଳୁନି ଟଙ୍କା । ବିଜୟିନୀ ପ୍ରାଥମିକ ସେବା ସମବାୟ ସମିତି ଲିଃ, ଓଡ଼ିଶା ସମବାୟ ଅଧିନିୟମରେ ପଞ୍ଜୀକୃତ ହୋଇଥିବା ଏହି ସମିତି ପୂର୍ବର ସ୍ୱୟଂ ସହାୟକ ସମବାୟ ଆଇନରେ ୨୦୦୫ ଅଧିନିୟମରେ ପଞ୍ଜୀକୃତ ହେଇ ୨୦୦୬ରୁ ଆରମ୍ଭ ହୋଇଥିଲା । ୨୦୧୯ ମସିହାରୁ ସ୍ୱତନ୍ତ୍ର ଭାବରେ ନିଜ ଅନୁସାରେ ପରିଚାଳିତ ହେଉଛି । ବର୍ତ୍ତମାନ ଶତାଧିକ ଗରିବ ଏବଂ ଛୋଟିଆ ଦୋକାନୀମନେ ଟଙ୍କା ଜମାକରି ଟଙ୍କାର ମିଆଦ ପୂର୍ତ୍ତି ହୋଇଥିଲେ ସୁଦ୍ଧା ସେମାନେ ଟଙ୍କା ଫେରସ୍ତ ପାଇନାହାଁନ୍ତି । ଜମାକାରୀ ମାନେ ଏବେ ଉକ୍ତ ଅଫିସକୁ ଯାଇ ଯାଇ ନୟାନ୍ତ ହେଉଥିବାବେଳେ ପରିଚାଳନା ଗତ ତୃଟି କାରଣରୁ ଏଠରେ କାର୍ଯ୍ୟରତ କର୍ମଚାରୀ ଲକ୍ଷଲକ୍ଷ ଟଙ୍କା ହଡ଼ପ କରିଥିବାବେଳେ ଯୋରାବେଡ଼ାରା ଅଞ୍ଚଳର ଜଣେ କର୍ମଚାରୀ ପ୍ରାୟ ପନ୍ଦର ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରି ଚୁପ୍ ବସିଛି । ଅପରପକ୍ଷରେ ଯେଉଁମାନେ ଋଣ ନେଇଛନ୍ତି ସେମାନେ ମଧ ଟଙ୍କା ଫେରାଉ ନ ଥିବାରୁ ଏଭଳି ସ୍ଥିତି ହୋଇଥିବା କଥା ସ୍ୱୀକାର କରିଛନ୍ତି ପରିଚାଳକ ବୁଦ୍ଧଦେବ ସାହୁ । ଏହାର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ କରାଗଲେ ସବୁ ରହସ୍ୟ ଜଣାପଡ଼ିବ ବୋଲି ଜମାକାରୀ ମାନେ କହିଛନ୍ତି ।

## ରାସ୍ତା ଉପରେ ପଡ଼ିଛି ଚୂନ ବସ୍ତା, ପ୍ରସାଶନର ନିଘା ନାହିଁ

**ନୂଆପଡ଼ା/ସିନାପାଲି, ୨୫।୭(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସହର ସ୍ଥିତ ଅଲେଖ ବାବା ମଠ ଓ ଗୋଡାଳ ଛକ ମଧ୍ୟବର୍ତ୍ତୀ ସ୍ଥାନରେ ଏକ ବଡ଼ ଚୂନ ଭର୍ତ୍ତି ବ୍ୟାଗ ୫ ଦିନ ହେଲା ରାସ୍ତା ଉପରେ ପଡ଼ି ରହିଛି । ହେଲେ ଏହାକୁ ଘୁଞ୍ଚାଇବା ପାଇଁ ପ୍ରସାଶନ ଦୃଷ୍ଟି ଦେଉ ନ ଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି । ସିନାପାଲି ଦେଇ ହାତିବନ୍ଧା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେରେ ଏହି ଚୂନବସ୍ତା ପଡ଼ି ରହିଥିବାବେଳେ କୌଣସି ଏକ ଗାଡ଼ିରେ ଯାଉଥିବା ବେଳେ ପଡ଼ି ଯାଇଥିବା ଜଣାପଡ଼ିଛି । ରାସ୍ତା ଉପରେ ପଡ଼ି ରହିଥିବାରୁ ଗାଡ଼ି



ଚଳାଚଳରେ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଆଶଙ୍କା ରହିଛି । ପ୍ରସାଶନ ଏ ଦିଗରେ ଦୃଷ୍ଟି ଦେଇ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ଦାବି ହେଉଛି ।

## ଦରଦାମ ବୃଦ୍ଧି ପାଇଁ ବିଗୁଡୁଛି ରୋଷେଇ ଘର ବଜେଟ୍

**କେସିଙ୍ଗା, ୨୫।୭(ସମିସ):** ଦିନକୁ ଦିନ ବୃଦ୍ଧି ପାଉଛି ନିତିଦିନିଆ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ । ଫଳରେ ବିଗୁଡୁଛି ଗରିବ ଓ ମଧ୍ୟବିତ୍ତ ପରିବାରର ରୋଷେଇ ଘରର ବଜେଟ । କେସିଙ୍ଗା ବଜାରରେ ଏବେ ଖୋଲା ବଜାରରେ



ଏବେ ଗୋଟିଏ ଅଣ୍ଡା ର ମୁଖ୍ୟ ପ୍ରାୟ ୧୦ ଟଙ୍କା ସେହି ହିସାବରେ ଡାଲି, ତେଲ, ମାଛ, ମାଂସ ଏପରିକି ଯେଉଁ ଚିନି ସପ୍ତାହ ତଳେ କ୍ୱିଣ୍ଟାଲ ପ୍ରତି ୪୪ ଶହ ରୁ ୪୫ ଶହ ଟଙ୍କା ରେ ମିଳୁଥିଲା ତାହା ରଥଯାତ୍ରା ପାଇଁ ୫ ହଜାର ଟଙ୍କା ଉପରେ ରେ ବିକ୍ରି ହେଉଛି । ଯେଉଁ ପାମୋଲିନ ତେଲ ଅଧ କେଜି ୫୦ ରୁ ୬୦ ଟଙ୍କା ରେ ମିଳୁଥିଲା ତାହା ବର୍ତମାନ ୩ଶହ ରୁ ସାଢେ ତିନିଶହ ଗ୍ରାମ କୁ ୫୫ ରୁ ୬୦ ଟଙ୍କାରେ ମିଳୁଛି ।ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ପରିବାର କୁ ମାସକୁ ୫ କେଜି ଚାଉଳ ଦେଇ ନିଜ କାମ ସାରି ଦେଉଥିବା ବେଳେ ତେଲ ଲୁଣ ପାଇଁ ଗରିବ ହେଉଛି ହଇରାଣ । ସେପଟେ ରୋଷେଇସାଳ ର ପନିପରିବା କଥା ନ କହିଲେ ଭଲ କେସିଙ୍ଗା ବଜାରରେ ପ୍ରାୟ ସମସ୍ତ ପନିପରିବା ୫୦ ରୁ ୬୦ ପାଇଁ ଟଙ୍କାରେ ଉପରେ ରହୁଥିବା ବେଳେ ଫୁଲ କୋବି କେଜି ପ୍ରତି ଶହେ ଉପରେ ବିକ୍ରି ହେଉଛି ।ଲୋକାଲ ଅଞ୍ଚଳରେ ଉତ୍ପାଦନ କମ ହେଉଥିବା ବେଳେ ପେଟ୍ରୋଲ ଡିଜେଲ ଦର ବୃଦ୍ଧି ଯୋଗୁଁ ଅନ୍ୟ ରାଜ୍ୟ ରୁ ଆସୁଥିବା ପନିପରିବା ଓ ଫଳମୂଳ ଦାମ ପରିବହନ ଭଡ଼ା ଅଧିକ ହେଉଥିବାରୁ ଖାଉଟି ଙ୍କୁ ବିଚଳିତ କରି ତେଲିଆ ମୁଣ୍ଡରେ ତେଲ ହୋଇ ଯାଉଛି ।

### ବର୍ଷା ଖୋଲିଦେଲା ନିମ୍ନମାନର କାମର ଗୁମର

## ନବ ନିର୍ମିତ କୋଠରିରୁ ଗଳୁଛି ପାଣି

**ଧର୍ମଗଡ଼, ୨୫।୭(ସମିସ):** ଧର୍ମଗଡ଼ ବ୍ଲକ ଅଧୀନ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଖନାତରାରେ ସରକାରୀ ଅର୍ଥରେ ନିର୍ମିତ ନୂତନ ଶ୍ରେଣୀ ଗୃହର ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ପ୍ରାୟ ୧୫ ଲକ୍ଷ ୪୭ ହଜାର ଟଙ୍କା ବ୍ୟୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ନିର୍ମାଣ ହୋଇଥିବା ଏହି ଶ୍ରେଣୀ ଗୃହ ନିର୍ମାଣର କିଛି ସମୟ ମଧ୍ୟରେ ହିଁ ବର୍ଷା ପାଣି ଗଳିବା ଆରମ୍ଭ ହୋଇଥିବାରୁ ଏହାର ଗୁଣବତ୍ତାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ଦୁଇଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ସମସ୍ତ ଶ୍ରେଣୀର ପାଠପଢ଼ା ଏହି



ନବନିର୍ମିତ ଶ୍ରେଣୀ କୋଠରିରେ ଚାଲିଛି । କିନ୍ତୁ ବର୍ଷା ହେଲେ ଛାତର ବିଭିନ୍ନ ସ୍ଥାନରୁ ପାଣି ଗଳି ଶ୍ରେଣୀଗୃହ ଭିତରେ ପଡୁଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାରେ ପାଠ ପଢୁଛନ୍ତି । ଫଳରେ ଶିକ୍ଷାଦାନ ମଧ ବାଧାପ୍ରାପ୍ତ ହେଉଛି । ସ୍ଥାନୀୟ ଅଭିଭାବକ, ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନଙ୍କ ଅଭିଯୋଗ ଅନୁସାରେ, ଠିକାଦାର ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରିଥିବାରୁ ଏଭଳି ସମସ୍ୟା ଦେଖାଦେଇଛି । ନିର୍ମାଣ ଶେଷ ହେବାର ଅଳ୍ପ ଦିନ ମଧ୍ୟରେ ଯଦି ଛାତରୁ ପାଣି ଗଳୁଛି, ତେବେ କାର୍ଯ୍ୟର ଗୁଣବତ୍ତା ଉପରେ ସ୍ୱାଭାବିକ ଭାବେ ସନ୍ଦେହ ସୃଷ୍ଟି ହେଉଛି । ଛୋଟ ଛୋଟ ଶିଶୁମାନେ ବର୍ଷା ସମୟରେ ପାଣି ଗଳୁଥିବା କୋଠରିରେ ବସି ପାଠ ପଢ଼ିବାକୁ ବାଧ ହେଉଛନ୍ତି । ଏହା କେବଳ ପାଠପଢ଼ାରେ ବାଧା ସୃଷ୍ଟି କରୁନାହିଁ, ବରଂ ଶିଶୁମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ମଧ ବିପଦ ସୃଷ୍ଟି କରୁଛି । ସମ୍ପୃକ୍ତ ବିଭାଗ ଏହି ଅଭିଯୋଗକୁ କେତେ ଗୁରୁତ୍ୱର ସହ ନେଇ ପଦକ୍ଷେପ ଗ୍ରହଣ କରୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

### ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା

# ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଲେ ବିଶ୍ୱନିୟନ୍ତା









**ଭବାନୀପାଟଣା, ୨୫।୭(ସମିସ)**

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ଜନ୍ମ ବେଦୀରୁ ରତ୍ନ ବେଦୀକୁ ବାହୁଡ଼ିଛନ୍ତି । ଶ୍ରୀଗୁଣ୍ଡିଚା ମନ୍ଦିରରେ ନଅ ଦିନବ୍ୟାପୀ ପ୍ରଭୂ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଇବା ପରେ ଆଜି ବାହୁଡା ଯାତ୍ରାରେ ଫେରିଛନ୍ତି । ପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଏବଂ ଜଗତର ନାଥ ଜଗନ୍ନାଥ ସନ୍ଧ୍ୟାରେ ରଥାରୁଢ ହୋଇଥିଲେ । ବର୍ଷାର ତାଳେ ତାଳେ ଘଣ୍ଟ, କୀର୍ତ୍ତନ, ବାଜାର ଘୁମ୍ ଘୁମ୍ ଶବ୍ଦ ମଧ୍ୟରେ ଝୁମି ଝୁମି ତିନି ମୂର୍ତ୍ତି ମନ୍ଦିର ସମ୍ମୁଖକୁ ଫେରିଛନ୍ତି । ପହଣ୍ଡି ନୀତି ରାଜ ପରିବାର ସଦସ୍ୟଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ପ୍ରଭୁ ବଳଭଦ୍ରଙ୍କୁ ଆଦିତ୍ୟ ଦେଓ ମାଁ ସୁଭଦ୍ରାଙ୍କୁ ହୃଷୀକେଶ ଦେଓ ଏବଂ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି ସୁଧାଂଶୁ ଦେଓ କରିଥିଲେ । ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଧାରା ବିବରଣୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ସତ୍ୟ ନାରାୟଣ ମହାପାତ୍ର, ବିରଞ୍ଚି ନାରାୟଣ ମୁଣ୍ଡ, ସନ୍ତୋଷ ରଥ, ସ୍ନେହଲତା ଷଡ଼ଙ୍ଗୀ ଓ ମିନତୀ କୁମାରୀ ପ୍ରଧାନ । ଭବାନୀପାଟଣା ମୁଖ୍ୟ ଜଗନ୍ନାଥ ମନ୍ଦିର ସମେତ ବାଲାଜୀ ମନ୍ଦିର, ଇରିଗେସନ୍ କଲୋନୀ, ଦୁଆରସୁନୀ, ହଲିଆପଡ଼ା, ବାଲଗୋପାଲ ସେବା ନିକେତନ ସମେତ ବିଭିନ୍ନ ସ୍ଥାନରେ ଭକ୍ତି ପୂର୍ଣ୍ଣ ପରିବେଶ ମଧ୍ୟରେ ବାହୁଡା ଯାତ୍ରା ଶେଷ ହୋଇଛି । ସମଗ୍ର ଜିଲ୍ଲାରେ ବର୍ଷା ଲାଗି ରହିଥିଲେ ମଧ ଭକ୍ତମାନେ ଆଧାତ୍ମିକ ଭାବାବେଗକୁ ରୋକି ନ ପାରି ଜଗନ୍ନାଥଙ୍କ ସହ ଯେମିତି ଏକାକାର ହୋଇଯିବାର ଜଣାପଡୁଥିଲା । ଏହି ଅବସରରେ ଗୁଣ୍ଡିଚା ମନ୍ଦିର ପରିସରରେ ପ୍ରତିଦିନ ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା । ଆଜି ସନ୍ଧ୍ୟାରେ ମନ୍ଦିର ପରିସରରେ ସୁର ପଞ୍ଚମ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ ହୋଇଥିବାବେଳେ ବାଲାଜୀ ମନ୍ଦିର ନିକଟରେ ଶୁଭମ୍ ମ୍ୟୁଜିକ ଏବଂ ଧର୍ମଗଡ଼ ଠାରେ ସମର୍ଥ ଦୃଷ୍ଟିହୀନ ସଂଘ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

**ଖଡ଼ିଆଳ :** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅଞ୍ଚଳରେ ବାହୁଡ଼ା ଯାତ୍ରା ପାଳିତ ହୋଇଛି । ଖଡ଼ିଆଳ, ତୁକଲା, ନେହେନା, ଚଲାନପଡ଼ା, ଗୋଇମୁଣ୍ଡି, ବରଗାଁ, କାସିପଲା, ବଡ଼ମହେଶ୍ୱର, ଦୋହେଲପଡ଼ା, ତୁଆଝର, ଝୋଲପଥର, ମାଲପଡ଼ା, ସମସ୍ତ ଗ୍ରାମରେ ଥିବା ମାଉସୀ ମନ୍ଦିରରେ ନୀତିକାନ୍ତି ସହିତ ପୂଜାର୍ଚ୍ଚନା କଲା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା । ଖଡ଼ିଆଳ ଠାରେ ରାଜା ଦେବ ଦେବ ପ୍ରସାଦ ସିଂହ ଦେଓ ଛେରାପହଁରା କରିଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ଗ୍ରାମ ମୁଖିଆମାନେ ଛେରାପହଁରା କରିଥିଲେ । ପରେ ଜଗନ୍ନାଥ ମନ୍ଦିର ଅଭିମୁଖେ ରଥ ଟଣା ଯାଇଥିଲା । କିଛି ସ୍ଥାନରେ ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତଙ୍କ ଭିଡ଼ ଜମିଥିଲା । ଜଗନ୍ନାଥ ମନ୍ଦିର ପାଖରେ ଚତୁର୍ଦ୍ଧାମୂର୍ତ୍ତି ପହଞ୍ଚିବା ପରେ ସୁଦର୍ଶନ ଓ ବଳଭଦ୍ର ଠାକୁର ମନ୍ଦିର ବିଜେ କରିଥିଲେ । ପରମ୍ପରା ଅନୁସାରେ ଲକ୍ଷ୍ମୀ ଅଭିମାନ କରିଥିଲେ ଓ ଜଗନ୍ନାଥ ତାଙ୍କ ମାନ ଭଞ୍ଜନ କରିବା ପରେ ଭଉଣୀ ସୁଭଦ୍ରାଙ୍କ ସହ ମନ୍ଦିରକୁ ଯାଇଥିଲେ ।

**ଥୁଆମୂଳ ରାମପୁର :** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ପବିତ୍ର ବାହୁଡା ଯାତ୍ରା ଭକ୍ତି, ଶ୍ରଦ୍ଧା ଓ ଆଧାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି । ବ୍ଲକ ସଦର ମହକୁମା ସମେତ ଗୁଣପୁର, ମହୁଲପାଟଣା, କର୍ଲାପାଟ ଓ ଗୋପୀନାଥପୁର ଅଞ୍ଚଳରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବାହୁଡା ଯାତ୍ରାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା । ସକାଳୁ ମନ୍ଦିର ପରିସରରେ ବିଧିବିଧାନ ଅନୁଯାୟୀ ନୀତିକାନ୍ତି ସମ୍ପନ୍ନ ହେବା ପରେ ରଥଗୁଡ଼ିକୁ ଭକ୍ତମାନେ 'ଜୟ ଜଗନ୍ନାଥ' ଧ୍ୱନିରେ ଟାଣି ଶ୍ରୀମନ୍ଦିରକୁ ବାହୁଡ଼ା କରାଇଥିଲେ । ରଥଯାତ୍ରା ମାର୍ଗରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ମହିଳା, ପୁରୁଷ ଓ ଶିଶୁମାନେ ଭକ୍ତିଭାବରେ ରଥ ଟାଣିବା ସହ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ । ଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ ପ୍ରଶାସନ, ପୋଲିସ ବିଭାଗ, ରଥଯାତ୍ରା କମିଟି ଓ ସ୍ୱେଚ୍ଛାସେବୀମାନେ ବ୍ୟାପକ ବ୍ୟବସ୍ଥା କରିଥିଲେ । ସେମାନଙ୍କ ସହଯୋଗରେ ସମଗ୍ର ବାହୁଡ଼ା ଯାତ୍ରା କୌଣସି ଅପ୍ରିତିକର ଘଟଣା ବିନା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା । ପବିତ୍ର ବାହୁଡା ଯାତ୍ରା ଅବସରରେ ସମଗ୍ର ଥୁଆମୂଳ ରାମପୁର ଅଞ୍ଚଳ ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା । ସ୍ଥାନୀୟ ଲୋକେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ ।

**ଧର୍ମଗଡ଼ :** ଧର୍ମଗଡ଼ ବାହୁଡାଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ପ୍ରଭାକର ନନ୍ଦ ଓ ମାଉସୀ ମା ମନ୍ଦିର ପୂଜକ ସାଗର ପାତ୍ରଙ୍କ ଦ୍ୱାରା ବିଧିମତେ ସମସ୍ତ ନୀତିକାନ୍ତି ପୂର୍ବକ ପୂଜାର୍ଚ୍ଚନା କରାଯାଇ ପହଣ୍ଡି ଯୋଗେ ଶ୍ରୀ ଜୀଉଙ୍କୁ ରଥାରୁଢ଼ କରାଯାଇଥିଲା । ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ଛେରାପହଁରା କାର୍ଯ୍ୟ ତୁଲାଇଥିଲେ । ଟ୍ରଷ୍ଟର ସଭାପତି ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଉପଖଣ୍ଡ ପୋଲିସ ଅଧିକାରୀ ଭର୍ଷିତା ଅଡେପ୍ପୁ, ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ, ଟ୍ରଷ୍ଟର ଉପ ସଭାପତି ତୁଷାର ରଞ୍ଜନ ପଟ୍ଟଯୋଷୀ, ସମ୍ପାଦକ ନିରଞ୍ଜନ ମହାପାତ୍ର, ବରିଷ୍ଠ ସଦସ୍ୟ ବିଦ୍ୟାଧର ସାହୁ, ହୃଷୀକେଶ ମିଶ୍ର, ସୁରେଶ କୁମାର ମୁଣ୍ଡ, ସନ୍ତୋଷ କୁମାର ମେହେର, ଧରଣୀ ଧର ଧଙ୍ଗଡ଼ା ମାଝୀ, ସୁରେନ୍ଦ୍ର ମୁନି, ସରୋଜ କୁମାର ସାହୁ, ଜନ୍ମେଜୟ ନାଏକ, ସମେତ ରାମଚନ୍ଦ୍ର ପାଣିଗ୍ରାହୀ, କମଲୁ ଅଗ୍ରୱାଲ, ଅରୁଣ କୁମାର ତାୟଲ, କଦମ୍ବ ନାଏକ, ଶିବ ମାଝୀ, କୁମୁଦ ଚନ୍ଦ୍ର ସାହୁ, ଘନଶ୍ୟାମ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥଲେ ।

## ପାଇକମାଳ କଲୋନୀପଡ଼ାରେ ପିଇବା ପାଣି ସମସ୍ୟା

# ୪ ଦିନ ଧରି ଜଳଯୋଗାଣ ବନ୍ଦ; ପ୍ରତିବାଦରେ ରାସ୍ତାରୋକ






**ପାଇକମାଳ, ୨୫।୭ (ସମିସ)**

ପାଇକମାଳ ସହରର କଲୋନୀପଡ଼ାରେ ଗତ ଚାରି ଦିନ ଧରି ପିଇବା ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ପଡ଼ାବାସୀ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଘରୋଇ କାମଠାରୁ ଆରମ୍ଭ କରି ପାନୀୟ ଜଳ ସଂଗ୍ରହ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରି ଶନିବାର ସକାଳେ ପଡ଼ାବାସୀ ମୁଖ୍ୟ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଥିଲେ। ଶହ ଶହ ପୁରୁଷ ଓ ମହିଳା ଏକାଠି ହୋଇ ତୁରନ୍ତ ପାଣି ଯୋଗାଣ ସହ ଭବିଷ୍ୟତରେ ଏଭଳି ସମସ୍ୟା ନ ହେବା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ପ୍ରଶାସନ ନିକଟରେ ଦାବି କରିଥିଲେ। ପାଣି ଅଭାବ ଯୋଗୁଁ ଛୋଟ ଛୋଟ ପିଲା, ବୃଦ୍ଧ ଓ ମହିଳାମାନେ ସବୁଠାରୁ ଅଧିକ ଅସୁବିଧା ଭୋଗୁଥିବା ସେମାନେ କହିଥିଲେ।

ଖବର ପାଇ ସ୍ଥାନୀୟ ସମାଜସେବୀ ତଥା ପାଇକମାଳ ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ଗୌତମ ସିଂ ଘଟଣାସ୍ଥଳରେ ପହଞ୍ଚି ପଡ଼ାବାସୀଙ୍କ ସହ ଆଲୋଚନା କରିଥିଲେ। ସେ ଲୋକଙ୍କ ସମସ୍ୟା ଶୁଣିବା ସହ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରି ତୁରନ୍ତ ପାଣି ଯୋଗାଣ ସ୍ୱାଭାବିକ କରିବାକୁ ଅନୁରୋଧ କରିଥିଲେ। ଏହା ସହିତ ତୁରନ୍ତ ଲୋକଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ନିଜ ଉଦ୍ୟମରେ ଏକ ପାଣି ଟ୍ୟାଙ୍କର ବ୍ୟବସ୍ଥା କରି କଲୋନୀପଡ଼ାକୁ ପଠାଇଥିଲେ। ଏହାପରେ ପଡ଼ାବାସୀ ଧାରଣାରୁ ଉଠି ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପାଇକମାଳ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ନୂଆ ନୁହେଁ। ସମୟ ସମୟରେ ଜଳଯୋଗାଣ ବ୍ୟାହତ ହେଉଥିବାରୁ ସେମାନେ ବହୁ ଦୂରରୁ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ଚାରି ଦିନ ଧରି ଯୋଗାଣ ବନ୍ଦ ରହିବାରୁ ପରିସ୍ଥିତି ଅଧିକ ଗୁରୁତର ହୋଇପଡ଼ିଛି। ଜଳଯୋଗାଣ ବ୍ୟବସ୍ଥାର ତ୍ରୁଟିକୁ ଶୀଘ୍ର ସୁଧାରିବା ପାଇଁ ସେମାନେ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି।

ସମସ୍ୟା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନଥିଲା। ଫଳରେ ଜଳଯୋଗାଣ ବନ୍ଦ ହେବାର ପ୍ରକୃତ କାରଣ ଓ କେବେ ସମସ୍ୟାର ସମାଧାନ ହେବ, ତାହା ସ୍ପଷ୍ଟ ହୋଇନାହିଁ। ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ସେମାନେ ପୁଣି ଆନ୍ଦୋଳନ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ■ ଗ୍ରୀଷ୍ମ ଯାଇ ବର୍ଷା ହେଲା...

# ବିଳାସପୁରରେ ସୁଧୁରିଲାନି ପାନୀୟ ଜଳ ସମସ୍ୟା

**ଝାରବନ୍ଧ, ୨୫।୭ (ସମିସ):** ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବାକୁ ସରକାର ବହୁ ଯୋଜନାରେ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି, ହେଲେ ଅନେକ ସ୍ଥାନରେ ଏବେ ବି ଲୋକେ ପାଣି ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବିଳାସପୁର ଗ୍ରାମରେ। ବର୍ଷା ଯାଇ ଖରା ହେଲା କିନ୍ତୁ ପାଣି ସମସ୍ୟା ଏଠାରେ ସମାଧାନ ହୋଇପାରୁନାହିଁ।



ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଳାସପୁର ଗ୍ରାମରେ ପାନୀୟ ଜଳ ଯୋଗାଣ ପାଇଁ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବୋରୱେଲ, ପାଣି ଟାଙ୍କି ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। କିନ୍ତୁ ନିୟମିତ ରକ୍ଷଣାବେକ୍ଷଣ ଅଭାବ ଓ ନିମ୍ନମାନର କାମ ଯୋଗୁଁ ଏହି ବ୍ୟବସ୍ଥା ବାରମ୍ବାର ଅଚଳ ହୋଇପଡୁଛି। ଫଳରେ ଗ୍ରାମବାସୀଙ୍କୁ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ବର୍ତ୍ତମାନ ଗ୍ରାମରେ ଥିବା ବୋରୱେଲ ଓ ପାଣି ଟାଙ୍କି ଅଚଳ ହୋଇ ପଡ଼ିଥିବାରୁ ଅନେକ ପରିବାର ପୋଖରୀର ଦୂଷିତ ପାଣି ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ କେତେକ ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ତାହାକୁ ପାନୀୟ ଭାବେ ବ୍ୟବହାର କରିବା ମଧ୍ୟ ସମ୍ଭବ ହେଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏଭଳି ଦୂଷିତ ଓ ଅସ୍ୱଚ୍ଛ ପାଣି ବ୍ୟବହାର ଯୋଗୁଁ ଆଗାମୀ ଦିନରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ବିଳାସପୁର ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଥିବା ବେଳେ ସମ୍ପୃକ୍ତ ବିଭାଗ ତୁରନ୍ତ ଗ୍ରାମର ଜଳ ଯୋଗାଣ ବ୍ୟବସ୍ଥାର ଯାଞ୍ଚ କରି ଅଚଳ ବୋରୱେଲ ଓ ପାଣି ଟାଙ୍କିକୁ ସଚଳ କରିବା ସହ ନିୟମିତ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ଜଳ ଯୋଗାଣ ପ୍ରକଳ୍ପର ମାନ ଓ କାର୍ଯ୍ୟକାରିତା ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ଦାବି ହୋଇଛି।

# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ 'ମନ୍ସୁନ୍ ଡେ'




**ବରଗଡ଼, ୨୫।୭ (ସମିସ):** ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ଶନିବାର ଦିନ 'ମନ୍ସୁନ୍ ଡେ' ପାଳିତ ହୋଇଯାଇଛି। ସଂସ୍କାର ସ୍କୁଲର ମୁଖ୍ୟ ଶାଖା, ସାପ୍ଲିଙ୍ଗ-୧ ଓ ସାପ୍ଲିଙ୍ଗ-୨ର ପ୍ରି- ପ୍ରାଇମେରିର ଛାତ୍ରଛାତ୍ରୀଙ୍କ ପାଇଁ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଭାଇସ୍ ପ୍ରିନ୍ସିପାଲ ସୀମା ସାହୁ, ହେଡ ମିଷ୍ଟ୍ରେସ ସୁଶ୍ରୀ ରୀତା ନାୟକ, କୋର୍ଡିନେଟର ମଧୁମିତା ସରାପ, ସିସିଏ କୋର୍ଡିନେଟର ବଂଶିତା ଗ୍ରୋବରଙ୍କ ସହ ପ୍ରି- ପ୍ରାଇମେରିର ସମସ୍ତ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବର୍ଷା ଋତୁର ପରିବେଶ ଅତ୍ୟନ୍ତ ମନୋମୁଗ୍ଧକର ଥିଲା ଓ ବିଦ୍ୟାଳୟକୁ ସୁନ୍ଦର ଭାବେ ସଜାଯାଇଥିଲା। ପ୍ରି- ପ୍ରାଇମେରି କୋର୍ଡିନେଟର ମଧୁମିତା ସରାପ ଓ ସିସିଏ କୋର୍ଡିନେଟର ବଂଶିତା ଗ୍ରୋବରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଆଜିକାଲି ଛାତ୍ରଛାତ୍ରୀମାନେ ବର୍ଷାଋତୁକୁ ଅନୁଭବ କରିପାରୁ ନ ଥିବା ସ୍ଥଳେ ସଂସ୍କାର ସ୍କୁଲ ତରଫରୁ ଏଭଳି ଅଭିନବ କାର୍ଯ୍ୟକ୍ରମର ଆୟୋଜନ ପ୍ରଶଂସନୀୟ ଥିଲା।

# ରଥ ଉପରେ ଦର୍ଶନ ଦେଲେ ଦଧିବାମନ



**ଭଟଲି, ୨୫।୭ (ସମିସ):** ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲ୍ଲା ଭଟଲି ଦଧିବାମନ ଧାମରେ ପ୍ରଭୁ ଶ୍ରୀ ଦଧିବାମନଙ୍କ ନବ ଗୁଞ୍ଜର ଯାତ୍ରା ସମାପନ ହୋଇଯାଇଛି। ପ୍ରଭୁ ଶ୍ରୀ ଦଧିବାମନ ଶୁକ୍ରବାର ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ି ରଥ ଖଳାରେ ପହଞ୍ଚିଥିଲେ। ତେବେ ଶନିବାର ଦ୍ୱିତୀୟ ବର୍ଷ ପାଇଁ ରଥ ଉପରେ ଶ୍ରୀ ଦଧିବାମନ ମହାପ୍ରଭୁ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ମନ୍ଦିର ପୁରୋହିତ ମାନେ ବିଭିନ୍ନ ସୁନା ଅଳଙ୍କାର ଯଥା ସୁନା ମୁକୁଟ, ସୁନା ପଇତା, ସୁନା ଭୁଜ, ସୁନା ଲଲାଟ ପାଟି, ସୁନା ମଥାମଣି ଓ ସୁନା ଟିକିଲି ଆଦି ଲାଗି କରିଥିଲେ। ଏହି ବେଶ ଦେଖିବାକୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

# ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ବରଗଡ଼, ୨୫।୭ (ସମିସ):** ପାର୍ବତୀଗିରି ମହିଳା ମହାବିଦ୍ୟାଳୟ, ବରଗଡ଼ର ୪୮ ତମ ପ୍ରତିଷ୍ଠା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପରିଶ୍ରମ, ଶୃଙ୍ଖଳା ଓ ଉତ୍କର୍ଷର ପଥରେ ଆଗେଇବା ପାଇଁ ପ୍ରେରଣା ଦେଇଥିଲେ। ବରଗଡ଼ର ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ବିଶେଷ ଅତିଥି ଭାବେ ଉପସ୍ଥିତ ରହି ମହାବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ୨୦୨୬ ମସିହାର +୨ ପରୀକ୍ଷାରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମେଧାବୀ ଛାତ୍ରୀମାନଙ୍କୁ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାଙ୍କ ହୋଲ୍ଡର ଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସଭାପତି ନନ୍ଦିନୀ ନିରୋଦ ପଣ୍ଡା ମହାବିଦ୍ୟାଳୟର ମେଧାବୀ ଛାତ୍ରୀମାନଙ୍କ ସଫଳତା ସମଗ୍ର ମହାବିଦ୍ୟାଳୟ ପରିବାର ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ପ୍ରାଧ୍ୟାପିକା ଡଃ.ପୁଷ୍ପାଞ୍ଜଳି ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମକୁ ସଂଯୋଜନା ଡଃ. ସଂଘମିତ୍ରା ମିଶ୍ର କରିଥିଲେ। ଏହି ଅବସରରେ ବିଧାୟକ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।



# ଜାହ୍ନବୀଙ୍କୁ ଈଶ୍ୱର ମାଝୀ ସ୍ମୃତି ସମ୍ମାନ



**ବରଗଡ଼, ୨୫।୭ (ସମିସ):** ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟରେ ନବୋଦୟ ପୁରସ୍କାରପ୍ରାପ୍ତ ମେଧାବୀ ଛାତ୍ରୀ ଜାହ୍ନବୀ ଭୁଏଙ୍କୁ 'ଈଶ୍ୱର ମାଝୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମାଜସେବୀ ଦିବାକର ମାଝୀଙ୍କ କରକମଳରୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସରସ୍ୱତୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଗ୍ରାମର ଗୌନ୍ତିଆ ପ୍ରମୋଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାହ୍ନବୀଙ୍କ ଉଜ୍ଜ୍ୱଳ ସଫଳତାର ପ୍ରଶଂସା କରିବା ସହ ଭବିଷ୍ୟତରେ ଆହୁରି ସଫଳତା କାମନା କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ବିଜୟ ମିଶ୍ର, ପ୍ରଶାନ୍ତ ସାହୁ, ଶ୍ୟାମଲାଲ ପଶାୟତ, ମହିମା ମହାପାତ୍ର, ଉମା ସେଠଙ୍କ ସମେତ ବହୁ ଶିକ୍ଷକ, ଛାତ୍ରଛାତ୍ରୀ ଓ ଜାହ୍ନବୀଙ୍କ ପିତାମାତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ 'ଏକ ପେଡ଼ ମା'ଙ୍କ ନାମ' ସ୍ଲୋଗାନକୁ ଆଧାର କରି ଦିବାକର ମାଝୀ ଜାହ୍ନବୀଙ୍କୁ ଏକ ଅଶୋକ ଚାରା ପ୍ରଦାନ କରିଥିଲେ।

# ଜାତୀୟସ୍ତରର ସହକାରୀ ରେଫରି ପିଙ୍କିଙ୍କୁ ସମ୍ବର୍ଦ୍ଧନା

**ବରପାଲି, ୨୫।୭ (ସମିସ):** ବରପାଲି ହାଇସ୍କୁଲ ଖେଳପଡ଼ିଆ ପରିସରରେ ଆଥଲେଟିକ୍ ଆସୋସିଏସନ୍ ସଭାପତି ଉପଗୁପ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଏଆଇଏଫଏଫ ଲେଭେଲ-୫ ସହକାରୀ ରେଫରି ପିଙ୍କି ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଜେଡି ଯୁବ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ମୁଖ୍ୟଅତିଥିଙ୍କ ଭାବେ ଯୋଗଦେଇ ପିଙ୍କିଙ୍କ କ୍ରୀଡ଼ା ଜୀବନ, ସଂଘର୍ଷ ଓ ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପିଇଟି ମନୋଜ ସାହୁ ହାଇସ୍କୁଲ ଖେଳ ପଡ଼ିଆରେ ଖେଳୁଥିବା ସମୟର ସ୍ମୃତିଚାରଣ କରି ନିଜର ଅନୁଭୂତି ବଖାଣିଥିଲେ। ପିଙ୍କିଙ୍କ ସଫଳତା ଆଗାମୀ ପିଢ଼ିର ଖେଳାଳିଙ୍କ ପାଇଁ ପ୍ରେରଣା ସୃଷ୍ଟି କରିପାରିବ ବୋଲି ମତ ରଖିଥିଲେ। ଫୁଟବଲ ଖେଳାଳୀ ପ୍ରଶାନ୍ତ ବେହେରା ନିଜ ବକ୍ତବ୍ୟରେ ପିଙ୍କିଙ୍କ ଏହି ସଫଳତାକୁ ବରପାଲି ତଥା ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ଶେଷରେ ପିଙ୍କିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।



ଉଲ୍ଲେଖଯୋଗ୍ୟ ଯେ, ବରପାଲିର ଦୁବେପଡ଼ା ନିବାସୀ ପିଙ୍କି ୨୦୨୬ ମସିହାରେ ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡେରେସନ୍ (ଏଆଇଏଫଏଫ) ର ଲେଭେଲ-୫ ସହକାରୀ ରେଫରି ଭାବେ ଯୋଗ୍ୟତା ହାସଲ କରିଛନ୍ତି। ମଧ୍ୟପ୍ରଦେଶ ଗ୍ୱାଲିଅରରେ ଆୟୋଜିତ ଶାରୀରିକ ଓ ଲିଖିତ ପରୀକ୍ଷା ସହ ଛତିଶଗଡ଼ର ନାରାୟଣପୁରରେ ଅନୁଷ୍ଠିତ ଏଆଇଏଫଏଫ ଅଣ୍ଡର୧୭ ମହିଳା ୟୁଥ୍ ଲିଗ୍‌ର ପ୍ରାକ୍ଟିକାଲ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଏହି ଯୋଗ୍ୟତାର ଅଧିକାରୀ ହୋଇଛନ୍ତି।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

**ବରପାଲି, ୨୫।୭ (ସମିସ):** ବରପାଲି ହାଇସ୍କୁଲ ଖେଳପଡ଼ିଆ ପରିସରରେ ଆୟୋଜିତ ହେବାକୁ ଥିବା ବ୍ଲକସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲ ସଭାଗୃହ ପରିସରରେ ଅତିରିକ୍ତ ତହସିଲଦାର ହିମାଂଶୁ ନାଏକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଦୀନେଶ ଗହୀର, ବ୍ଲକ ଅଧ୍ୟକ୍ଷା ରିନା ଥଇତ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହ ଅଧିକାରୀ ଭୁବନ ଶତପଥୀ ତଥା ପ୍ରଶାସନିକ ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା ତଥା ନିମନ୍ତ୍ରିତ ସ୍କୁଲ ଓ କଲେଜର ଅଧ୍ୟାପକ ଶିକ୍ଷକ ଓ ଶିକ୍ଷୟିତ୍ରୀ, ସମାଜସେବୀ, ଶିକ୍ଷାବିତ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ କିପରି ସମାରୋହରେ ପାଳିତ ହେବା ବିଷୟ ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଭୋର ସାଢେ ୫ଟାରୁ ୬ଟା ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଯୁବକ ଓ ମହିଳା ସଂଘ ଏବଂ ସମସ୍ତ ଅନୁଷ୍ଠାନ ନିଜ ନିଜ ଅଞ୍ଚଳରେ ପ୍ରଭାତ ଫେରି କରିବେ।

# ରଥଯାତ୍ରାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ବିଜେପୁର, ୨୫।୭ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ଲାଉମୁଣ୍ଡାଠାରେ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ ସହଯୋଗିତାରେ ଏବଂ 'ସୁର ଝଙ୍କାର' ସାଂସ୍କୃତିକ ଅନୁଷ୍ଠାନ ଟାଙ୍ଗୁରୁପଦର ଆୟୋଜନରେ ରଥଯାତ୍ରା ଉତ୍ସବ ଅବସରରେ ଦୁଇଦିନ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଦେବରାଜ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ବରିଷ୍ଠ ସମାଜସେବୀ ସୁବୋଧ ସାହୁ, ସମ୍ମାନୀତ ଅତିଥି ଭାବରେ ବରପାଲି ଆୟୁର୍ବେଦିକ କଲେଜ ସଭାପତି ନରେନ୍ଦ୍ର ହୋତା, ସାମାଜିକ କର୍ମୀ ସୁରେନ ପାତ୍ର, ଯୁବନେତା ଆଶୁତୋଷ ମେହେର ପ୍ରମୁଖ ଯୋଗଦାନ କରିଥିଲେ।

ସଭାକାର୍ଯ୍ୟ ପରେ ବିଭିନ୍ନ ଲୋକନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ଜଣଙ୍କୁ ଶ୍ରୀ ଗୁଣ୍ଡିଚା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯାଇଥିଲା।

# ବାହୁଡ଼ା ଯାତ୍ରାରେ ନିଷ୍ଠା ପରିବାରର ରକ୍ତଦାନ ଶିବିର

**ବରଗଡ଼, ୨୫।୭ (ସମିସ):** ବାହୁଡ଼ା ଯାତ୍ରା ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ତରଫରୁ ରଥଦାଣ୍ଡରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ରଥଯାତ୍ରା କମିଟି ଆବାହକ ସୁରେଶ୍ୱର ଶତପଥୀ ଯୋଗଦେଇ ଫିତା କାଟି ଶିବିରର ଶୁଭାରମ୍ଭ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବାହୁଡ଼ା ଯାତ୍ରା ଦେଖିବାକୁ ଆସିଥିବା ଶ୍ରଦ୍ଧାଳୁ ରକ୍ତଦାନ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୪୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ନିଷ୍ଠା ପରିବାରର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରାମ ନିବାସ ଅଗ୍ରୱାଲ, ରକ୍ଷପାଳ ସାହୁ, ଉପ ସଭାପତି ସଚି ପଣ୍ଡା, ସମ୍ପାଦକ ଲୋକନାଥ ସାହୁ, ଜିତୁ ମହାପାତ୍ର, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା, ସୂତପା ଗଡ଼ତିଆ, ରୀନା ମହାରଣା, ରାଜ କିଶୋର ପଟ୍ଟନାୟକ ଓ ଅନ୍ୟ ସଦସ୍ୟ/ସଦସ୍ୟା ପରିଚାଳନା କରିଥିଲେ।



# ବିଦ୍ୟାଳୟସ୍ତରୀୟ ଜ୍ଞାନ-ବିଜ୍ଞାନ ମେଳା

**ଗାଇସିଲେଟ, ୨୫।୭ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲଟ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାଇସିଲେଟରେ ବିଦ୍ୟାଳୟସ୍ତରୀୟ ଜ୍ଞାନ-ବିଜ୍ଞାନ ମେଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା ଯୋଗଦେଇଥିବା ବେଳେ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସୂରଜ ତ୍ରିବେଦୀ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଗୁରୁଜୀ ଅରକ୍ଷିତ ସାହୁ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପରେ ବିଜ୍ଞାନ ମେଳାର ପ୍ରମୁଖ ସୌମ୍ୟଜିତ୍ ମିଶ୍ର ଜ୍ଞାନ ବିଜ୍ଞାନ ମେଳାର ବିବରଣୀ ପାଠ କରିଥିଲେ। ସଙ୍କୁଳ ସ୍ତରକୁ ପ୍ରକଳ୍ପ ମନୋନୟନ ପାଇଁ ୬ ଜଣ ବିଚାରକ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ମେଳାରେ ବିଜ୍ଞାନ ବିଭାଗରେ ୩୩ ଜଣ, ଗଣିତ ବିଭାଗରେ ୧୮ ଜଣ ଏବଂ ମୃତ୍ତିକଳା ବିଭାଗରେ ୬ ଜଣ ପ୍ରତିଭାଗୀ ନିଜ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦିବ୍ୟ କିଶୋର ପଣ୍ଡା ଏବଂ ବିଦ୍ୟାଳୟର ସଭାପତି ଅରୁଣ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିଥିଲେ।



# ବିପଦ ପାଲଟିଛି କେନାଲର ଭଙ୍ଗା ସୁରକ୍ଷା ବାଡ଼

**ଝାରବନ୍ଧ, ୨୫।୭ (ସମିସ)**

ଚାକଦରହା ଡ୍ୟାମର କେନାଲ ଗେଟ୍ କ୍ରଫୋର୍ଡ଼ଗଞ୍ଜ ଗାଁ ମୁଣ୍ଡରେ ରହିଥିବା ବେଳେ ଏହା ନିକଟରେ ଥିବା ସୁରକ୍ଷା ବାଡ଼ ଦୀର୍ଘଦିନ ହେଲା ଭାଙ୍ଗିରହିଛି। ଫଳରେ ଉକ୍ତ ସ୍ଥାନ ଏବେ ଦୁର୍ଘଟଣାପ୍ରବଣ ହୋଇପଡ଼ିଛି। ଏହି ରାସ୍ତା ଦେଇ ଝାରବନ୍ଧ ବ୍ଲକ ମୁଖ୍ୟାଳୟ ସମେତ ବ୍ୟାଙ୍କ, ତହସିଲ କାର୍ଯ୍ୟାଳୟ, ସ୍କୁଲ, କଲେଜ ଓ ଆଦର୍ଶ ବିଦ୍ୟାଳୟକୁ ପ୍ରତିଦିନ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ଏଥିରେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ସାଧାରଣ ଲୋକେ ମଧ୍ୟ ରହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଗତ ଚାରିରୁ ପାଞ୍ଚ ବର୍ଷ ହେଲା କେନାଲ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ ଦୁର୍ବଳ ଅବସ୍ଥାରେ ରହିଥିଲା।



ଏହି ସମୟ ମଧ୍ୟରେ ଉକ୍ତ ସ୍ଥାନରେ ଛୋଟବଡ଼ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ସୁରକ୍ଷା ବାଡ଼ ମରାମତି ପାଇଁ ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କେହୁ ଶୁଣି ନଥିବା ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁରକ୍ଷା ବାଡ଼ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇ ରାସ୍ତା ପାର୍ଶ୍ୱରେ ପଡ଼ିରହିଛି। ଅନ୍ୟପକ୍ଷରେ ଏଠାରେ ରାସ୍ତାଟି ବକ୍ର ଥିବାରୁ ଯାନବାହନ ଚଳାଚଳ ସମୟରେ ବିପଦର ଆଶଙ୍କା ଅଧିକ ରହିଛି। ବିଶେଷକରି ରାତି ସମୟରେ ଅନ୍ଧାର ଯୋଗୁଁ ଏହି ସ୍ଥାନ ଅଧିକ ବିପଜ୍ଜନକ ହୋଇପଡୁଛି। ଅସାବଧାନତାବଶତଃ କୌଣସି ଯାନବାହନ କିମ୍ବା ବ୍ୟକ୍ତି କେନାଲ ଭିତରକୁ ଖସିପଡ଼ିଲେ ଧନଜୀବନ ହାନି ଘଟିବାର ଆଶଙ୍କା ରହିଛି। ତେଣୁ କୌଣସି ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ସମ୍ପୃକ୍ତ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଭାଙ୍ଗିଯାଇଥିବା ସୁରକ୍ଷା ବାଡ଼ର ପୁନଃନିର୍ମାଣ କରିବା ସହ ସତର୍କତାମୂଳକ ସୂଚନା ଫଳକ ଲଗାଇବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ୪ କ୍ୱିଣ୍ଟାଲ ଗଞ୍ଜେଇ ସହ ବନ୍ଧୁକ ଜବତ; ୨ ଗିରଫ



ଶଗଡ଼ା, ୨୫।୭ (ସମିସ)

ଆଜି ମନମୁଣ୍ଡା ପୁଲିସ ୪ କ୍ୱିଣ୍ଟାଲ ଗଞ୍ଜେଇ ସହ ଦେଶୀ ବନ୍ଧୁକ ଜବତ କରିଥିବା ବେଳେ ୨ ଜଣ ମାଫିଆଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଆଜି ମନମୁଣ୍ଡା ଥାନା ଏସ୍‌ଆଇ ରିଙ୍କି ପାତ୍ର ପୁଲିସ ଟିମ୍ ସହ ପାଟ୍ରୋଲିଂ କରୁଥିବାବେଳେ ପାଲଝିର ଗ୍ରାମର ବ୍ରିଜ୍ ନିକଟସ୍ଥ ଜଙ୍ଗଲରେ ଦୁଇ ଜଣ ବ୍ୟକ୍ତି ଗଞ୍ଜେଇ ଚୋରା ଚାଲାଣ ପାଇଁ ଗଚ୍ଛିତ କରି ରଖିଥିବା ଖବର ପାଇଥିଲେ। ତୁରନ୍ତ ସେଠାରେ ଚଢ଼ଉ କରି ୮ଟି ଜରି ବସ୍ତା ଭର୍ତ୍ତି ଗଞ୍ଜେଇ ଜବତ କରିଥିଲେ। ସେଠାରେ ଉପସ୍ଥିତ ଥିବା ୨ ଜଣଙ୍କୁ କାବୁ କରି ପଚରାଉଚରା କରିବାରୁ ସେମାନେ ଗଞ୍ଜେଇ ବିକ୍ରି ପାଇଁ ଅନ୍ୟତ୍ର ନେବାକୁ ଏକ ଗାଡ଼ିକୁ ଅପେକ୍ଷା କରିଥିବା ସ୍ୱୀକାର କରିଥିଲେ। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବାରୁ ତାହା ୪ କ୍ୱିଣ୍ଟାଲ ହୋଇଥିଲା। ଏହା ବ୍ୟତୀତ ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ, ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ ଏବଂ ୨ଟି ଜୀବନ୍ତ ଗୁଳି ମଧ୍ୟ ପୁଲିସ ଜବତ କରିଛି। ଗିରଫ ଦୁଇ ଯୁବକ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅନ୍ତର୍ଗତ ମୁଣ୍ଡରା ଗ୍ରାମର ରଞ୍ଜିତ କର୍ଣ୍ଣ (୨୫) ଏବଂ ପିଣ୍ଟୁ କର୍ଣ୍ଣ (୨୦)। ଏହି ଘଟଣାରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ସୂଚନା ଦେଇଛନ୍ତି।

# ନାରାୟଣନଗର ଗ୍ରାମର ଏକାଦଶୀରେ ବାହୁଡ଼ାଯାତ୍ରା

**ଜହ୍ନାପଙ୍କ, ୨୫।୭ (ସମିସ):** ବୌଦ୍ଧ ବ୍ଲକର ଲୋକକଳା ଗ୍ରାମ ନାରାୟଣନଗର ଗ୍ରାମରେ ଏକାଦୋଶୀ ତିଥିରେ ବାହୁଡ଼ାଯାତ୍ରା ରଥଟଣା ଅନୁଷ୍ଠିତ ହୋଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ରଥ ଟାଣି ଟାଣି ତିନି ଠାକୁରଙ୍କୁ ମାଉସୀ ମା' ମନ୍ଦିରରୁ ଶ୍ରୀମନ୍ଦିର ନେଇଥିଲେ। ଗତକାଲି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମାଉସୀ ମା' ମନ୍ଦିରରୁ ପହଣ୍ଡିରେ ଆଣି ରଥ ଉପରେ ବିଜେ କରାଇ ଗ୍ରାମର ସାହୁଗଳି ଛକ ପର୍ଯ୍ୟନ୍ତ ରଥଟଣା ହୋଇଥିଲା। ଠାକୁରମାନେ ରଥ ଉପରେ ରାତ୍ରି ଯାପନ କରିଥିଲେ। ପରମ୍ପରା ଅନୁଯାୟୀ ଆଜି ଅପରାହ୍ନ ୪ଟାରେ ଏକାଦଶୀରେ ପୁଣି ରଥଟଣା ଆରମ୍ଭ ହୋଇଥିଲା। ପୂଜକ ଅଜିତ ପାଣିଗ୍ରାହୀ ରଥ ଉପରେ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁ ମାନେ ରଥକୁ ଟାଣି ଟାଣି ସନ୍ଧ୍ୟା ୭ ଟାରେ ଗାଁ ମୁଣ୍ଡରେ ପହଞ୍ଚାଇଥିଲେ। ତିନି ଠାକୁରଙ୍କୁ ପହଣ୍ଡି କରି ଶ୍ରୀମନ୍ଦିରକୁ ନେଇଥିଲେ। ଏହା ପରେ ମନ୍ଦିର ପରିସରରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ କଳି ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିର କମିଟି ସଭାପତି ରାଜେନ୍ଦ୍ର ମେହେର, ଉପସଭାପତି ଉପେନ୍ଦ୍ର ମେହେର, ଉପଦେଷ୍ଟା ଭୋଳାଗିରି ସାହୁ, କୋଷାଧ୍ୟକ୍ଷ ପୀତାମ୍ବର ମେହେର, ସମ୍ପାଦକ ଗୋପାଳ ମେହେର, ମନ୍ଦିର କମିଟିର ସଦସ୍ୟ, ନାରାୟଣନଗର ଗ୍ରାମବାସୀ ସହଯୋଗ କରିଥିଲେ। ହରିବଂଶ ଛକଠାରେ ଗ୍ରାମ୍ୟ ଶାନ୍ତି କମିଟି ଯୁବକମାନଙ୍କ ଦ୍ୱାରା ଖାଦ୍ୟ ବଣ୍ଟନ କରାଯାଉଥିଲା। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ଓ ବୌଦ୍ଧ ପୁଲିସ୍ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉପସ୍ଥିତ ଥିଲେ।



# ଚୋରି ବାଇକ୍ ଉଦ୍ଧାର

**ଶଗଡ଼ା, ୨୫।୭ (ସମିସ):** ମନମୁଣ୍ଡା ପୁଲିସ ଶନିବାର ଚୋରା ବାଇକ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୨ ତାରିଖ ସନ୍ଧ୍ୟାରେ ମନମୁଣ୍ଡା ଥାନା ଅନ୍ତର୍ଗତ ବାଘିଆବାହାଲ ଗ୍ରାମର ରଞ୍ଜନ ଖମାରି ନିଜ ଘର ସାମ୍ନାରେ ତାଙ୍କ ବାଇକ୍ ( ଓଡ଼ି ୩୧ -୯୧୪୦)କୁ ରଖିଥିଲେ। ତେବେ ରାତି ପ୍ରାୟ ୮ଟାବେଳେ ଦେଖିବାବେଳକୁ କେହି ଦୁର୍ବୃତ୍ତ ବାଇକ୍‌ଟିକୁ ଚୋରି କରି ନେଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏଏସଆଇ ପୁଷ୍ପାଞ୍ଜଳି ମିଶ୍ର ତଦନ୍ତ କରି ରୁଣ୍ଡିମହୁଲ ଗ୍ରାମର ଶ୍ରୀକାନ୍ତ ବାରିକଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ବାଇକଟିକୁ ଜବତ କରିଥିଲେ। ଆଜି ଅଭିଯୁକ୍ତ ଶ୍ରୀକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚାଷୀ ପରିବାରର ଝିଅ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ



**ବୌଦ୍ଧ, ୨୫।୭ (ସମିସ):** ଦୃଢ଼ ସଂକଳ୍ପ ଓ ପରିଶ୍ରମ ସଫଳତା ଆଣିଦେଇଥାଏ। ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଅନ୍ତର୍ଗତ ଓଲଣ୍ଡା ଗ୍ରାମର ମେଧାବୀ ଛାତ୍ରୀ ବର୍ଷା ନାୟକ ଏହା ପ୍ରତିପାଦନ କରିଛନ୍ତି। ଚଳିତ ନିଟ୍ ପରୀକ୍ଷାରେ ୫୭୩ ମାର୍କ ରଖି ସେ କେବଳ ନିଜ ପରିବାର ପାଇଁ ନୁହେଁ, ସମଗ୍ର ବୌଦ୍ଧ ଜିଲ୍ଲା ପାଇଁ ଗୌରବ ପାଲଟିଛନ୍ତି। ବର୍ଷାଙ୍କ ବାପା ସୁଶାନ୍ତ କୁମାର ନାୟକ ଜଣେ ଚାଷୀ ଏବଂ ମା' ଦେବକୀ ସାହୁ ଅଙ୍ଗନବାଡ଼ି କର୍ମୀ। ବର୍ଷା ତିନି ଭଉଣୀଙ୍କ ମଧ୍ୟରୁ ବଡ଼। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲେ ମଧ୍ୟ ସେ କେବେ ଭାଙ୍ଗି ପଡ଼ିନଥିଲେ।

ବର୍ଷାଙ୍କ କହିବାନୁସାରେ, ଡାକ୍ତର ହେବାର ସ୍ୱପ୍ନ ସେ ଦେଖିଆସୁଥିଲେ। ଅଭାବ ଥିଲା, ସଂଘର୍ଷ ଥିଲା, କିନ୍ତୁ ଆଗକୁ ବଢ଼ିବାର ଆଗ୍ରହ କମିନଥିଲା। ଚଳିତ ନିଟ୍ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇବା ପରେ ବର୍ଷାଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟିଛି। ବର୍ଷା ନାୟକଙ୍କ ଡାକ୍ତର ହେବାର ସ୍ୱପ୍ନ ଖୁବ୍ ଶୀଘ୍ର ପୂରଣ ହେବ ବୋଲି ପରିବାର ଲୋକେ, ଶୁଭେଚ୍ଛୁ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।

# ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ, ୨ ଗିରଫ

**ବୌଦ୍ଧ, ୨୫।୭ (ସମିସ):** ବୌଦ୍ଧ ସହରସ୍ଥିତ କଚେରୀ ପଡ଼ିଆରେ ରଥଯାତ୍ରା ଉପଲକ୍ଷେ ଆୟୋଜିତ ମୀନାବଜାରରେ ଏକ ଅଭାବନୀୟ ଘଟଣା ଘଟିଛି। ଶନିବାର ଅପରାହ୍ନ ପ୍ରାୟ ୩ଟାରେ ରଥଯାତ୍ରା ଉପଲକ୍ଷେ ପଡ଼ିଥିବା ମୀନାବଜାର ବୁଲିବାକୁ ଆସିଥିବା ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି।



ମିଳିଥିବା ସୂଚନା ଅନୁଯାୟୀ, ବୀରନରସିଂହପୁର ଗ୍ରାମର ସିପୁନ୍ ମେଣ୍ଡିଲି ମୀନାବଜାର ବୁଲୁଥିବା ସମୟରେ ବାପୁଜୀ ନଗରର କେତେକ ଯୁବକଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଯୁବକମାନେ ଏକ ଧାରୁଆ ଅସ୍ତ୍ରରେ ସିପୁନଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ବୌଦ୍ଧ ପୁଲିସ ପହଞ୍ଚି ୨ ଜଣ ଆକ୍ରମଣକାରୀଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଛନ୍ତି। ଗୁରୁତର ସିପୁନ୍ ଏ ନେଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ବୁଟୁପାଲିରେ ବାସି ବାହୁଡ଼ା ଯାତ୍ରା

**ବୌଦ୍ଧ, ୨୫।୭ (ସମିସ):** ବୌଦ୍ଧ ସହରର ବାହୁଡା ଯାତ୍ରା ଦିନକ ପରେ ପବିତ୍ର ଏକାଦଶୀ ତିଥିରେ ସହରର ବୁଟୁପାଲିଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାସୀ ବାହୁଡ଼ା ଯାତ୍ରା ଆଜି ସମ୍ପନ୍ନ ହୋଇଛି। ମାଉସୀ ମା' ମନ୍ଦିରରୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ପହଣ୍ଡିରେ ବାହାରି ମାଉଲଶିଙ୍ଘା ଛକକୁ ପହଞ୍ଚିଥିଲେ। ପରେ ରଥାରୂଢ଼ ହୋଇ ନିଜ ମନ୍ଦିରକୁ ବିଜେ କରିଥିଲେ। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିବା ସହ ପ୍ରଭୁଙ୍କ ଦର୍ଶନ କରିଥିଲେ। ବାସୀ ବାହୁଡ଼ା ଯାତ୍ରାକୁ ନେଇ ବୁଟୁପାଲି ଓ ଆଖପାଖ ଅଞ୍ଚଳରେ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପ୍ରବକ୍ତାମାନେ ଧାରାବିବରଣୀ ପ୍ରଦାନ କରି ଭକ୍ତମାନଙ୍କୁ ଆଧ୍ୟାତ୍ମିକ ବାର୍ତ୍ତା ଦେଇଥିଲେ। ମନ୍ଦିର ପରିଚାଳନା କମିଟି ଓ ବୁଟୁପାଲି ଗ୍ରାମବାସୀଙ୍କ ସହଯୋଗରେ ବାସୀ ବାହୁଡ଼ା ଯାତ୍ରା ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ସେହିପରି ବୌଦ୍ଧ ଆଦର୍ଶ ଥାନାର ଆଇଆଇସି ନଳିନୀକାନ୍ତ ଦାସଙ୍କ ନେତୃତ୍ୱରେ ପୋଲିସ ବାହିନୀ ଓ ଆଇଆରବି ଯବାନମାନେ ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



# ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଂଗ୍ରେସର ସତ୍ୟାଗ୍ରହ

**ଦେବଗଡ଼, ୨୫।୭ (ସମିସ):** ଶିକ୍ଷା କ୍ଷେତ୍ରରେ ବିଫଳତା ଓ ପରୀକ୍ଷା ପରିଚାଳନାରେ ଅନିୟମିତତା କାରଣରୁ ଲକ୍ଷଲକ୍ଷ ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟର ବିଭିନ୍ନ ବିଦ୍ୟାଳୟର ପାଠ୍ୟ ପୁସ୍ତକ ଗୁଡିକରେ ୨୨ ଭୁଲ ରହିବା କାରଣରୁ ରାଜ୍ୟର କୋମଳମତି ହଜାର ହଜାର ଛାତ୍ରଛାତ୍ରୀଙ୍କ ଶିକ୍ଷା ବିପର୍ଯ୍ୟସ୍ତ ହେବା ଅଭିଯୋଗ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରାମଙ୍କ ନେତୃତ୍ୱ ରେ ବହୁ କଂଗ୍ରେସ କର୍ମୀ ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବିଭିନ୍ନ ସ୍ଲୋଗାନ ଦେଇ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ୪୯ନମ୍ବର ଜାତୀୟ ରାଜପଥର ବିର୍ସା ମୁଣ୍ଡା ଛକଠାରେ ସତ୍ୟାଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଆକାଶ ଦାଶ, ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ଜିଲ୍ଲା କଂଗ୍ରେସ ସମ୍ପାଦକ ଗୋଲଖ ନାଏକ, ସୁଶୀଲ ମାଝୀ, ଆଦିବାସୀ କଂଗ୍ରେସ ସଭାପତି ସୁଶୀଲ ଗୁଡ଼ିଆ, ଏସସି ସେଲ୍‌ଫ ସଭାପତି ରମେଶ ଚନ୍ଦ୍ର ପାତ୍ର, ସନ୍ତୋଷ ଉଦାବର, ରମାକାନ୍ତ ନାଏକ, ମୁରଲୀ ନାୟକ, ରାଜେଶ ବାର୍ଲା, ଦୁଃଖବନ୍ଧୁ ମୁଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଚାରାରୋପଣ



**ଡୁଙ୍ଗୁରିପାଲି, ୨୫।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗାଜବନ୍ଧ ଠାରେ ଚାରାରୋପଣ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ କିଶୋରଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ପରିଚାଳନା ସମିତିର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପରିଚାଳନା ସମିତିର ସଭାପତି ଭାଗିରଥି ମେହେର, ପୂର୍ବତନ ସମ୍ପାଦକ ଡୋଳା ମଣି ସେଠ, ଯୁଗ୍ମ ସମ୍ପାଦକ ଦିଲ୍ଲିପ ସାହୁ, କୋଷାଧ୍ୟକ୍ଷ ତୁଳସୀ ରାମ ଭୋଇ, ଉପସଭାପତି ମାୟାଧର ଭୁଏ, ଲିଙ୍ଗରାଜ ପୁଟେଲ, ବିବେକ ହୋତା, କପିଳ ପାଣ୍ଡେ, ଗାୟତ୍ରୀ ପଧାନ, ମମତା ବିଶି, ନିଳାବତି ଥପା, ଆରତୀ ପୋଢ, ମାନସୀ ମାଝି, ବାଙ୍କା ମହାକୁର, ପ୍ରିୟଙ୍କା ମାଝି, ଚନ୍ଦନା ଦଣ୍ଡସେନା, ଲିଲିମା ସାହୁ, ବେଦମତି ଦନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ତରଭା, ୨୫।୭ (ସମିସ):** ତରଭା ବ୍ଲକ ମରାଡୁଗୁଛା ଗ୍ରାମପଞ୍ଚାୟତ ବନ୍ଧକେଡ଼ା ହରିଜନପଡ଼ା ଘର ସମ୍ମୁଖରେ ଥିବା ଏକ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର୍‌କୁ ଦେଖିଲେ ଲାଗୁଛି ଯେପରି କୌଣସି ବଡ଼ ଅଘଟଣକୁ ଅପେକ୍ଷା କରିଛି ବିଦ୍ୟୁତ୍ ବିଭାଗ। ତା' ପରେ ଯାଇ ଏହା ଚାରିପଟେ ବାଡ଼ ବୁଲାଇବ। ଟ୍ରାନ୍ସଫର୍ମର୍‌ଟି ସୁରକ୍ଷା ବାଡ଼ ବିନା ରହିଥିବାବେଳେ ସର୍କିଟ ବକ୍ସରୁ ବାହାରିଥିବା ବିଦ୍ୟୁତ୍ କେବୁଲ୍ ତଳକୁ ଝୁଲି ରହିଛି। ସବୁଠାରୁ ଚିନ୍ତାଜନକ କଥା ହେଲା, ଟ୍ରାନ୍ସଫର୍ମର୍ ତଳ ଦେଇ ଗ୍ରାମର ଏକ ପ୍ରମୁଖ ରାସ୍ତା ଯାଇଛି। ପ୍ରତିଦିନ ଏହି ରାସ୍ତାରେ ସ୍କୁଲ ପିଲା, ମହିଳା, ବୃଦ୍ଧ, ଚାଷୀ ଓ ଗାଇ-ଗୋରୁ ସହ ଅନେକ ଗୃହପାଳିତ ପଶୁ ଯାତାୟାତ କରୁଛନ୍ତି। ଯେ କୌଣସି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗାଁରେ ବିଦ୍ୟୁତ୍ ସଂଯୋଗ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ଟ୍ରାନ୍ସଫର୍ମର୍‌ର ସୁରକ୍ଷା ବ୍ୟବସ୍ଥା କରାଯାଇନାହିଁ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ବିଦ୍ୟୁତ୍ ଟ୍ରାନ୍ସଫର୍ମର୍‌ରେ ସୁରକ୍ଷା ବାଡ଼, ସତର୍କତା ସୂଚନା ଓ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ରହିବା କଥା। କିନ୍ତୁ ବନ୍ଧକେଡ଼ା ଏହି ଟ୍ରାନ୍ସଫର୍ମର୍‌ରେ ସେଭଳି କୌଣସି ବ୍ୟବସ୍ଥା ନଥିବାରୁ ଏହା ସିଧାସଳଖ ଭାବେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି।

ଏବେ ପ୍ରଶ୍ନ ଉଠୁଛି କୌଣସି ଅଘଟଣ ଘଟିବା ପରେ ଯାଇ ବିଦ୍ୟୁତ୍ ବିଭାଗ ଚେତିବ? ନା ତା'ପୂର୍ବରୁ ଟ୍ରାନ୍ସଫର୍ମର୍ ଚାରିପାଖରେ ସୁରକ୍ଷା ବାଡ଼ ନିର୍ମାଣ, ସର୍କିଟ ବକ୍ସର ମରାମତି ଏବଂ ଝୁଲିଥିବା ବିଦ୍ୟୁତ୍ କେବୁଲ୍‌କୁ ସୁରକ୍ଷିତ କରାଯିବ? ତୁରନ୍ତ ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।



# ବାମଣ୍ଡା ବ୍ରାହ୍ମଣ ସମାଜ ଓ ପର୍ଶୁରାମ ବାହିନୀ ପକ୍ଷରୁ ସମ୍ବର୍ଦ୍ଧନା

**ଦେବଗଡ଼, ୨୫।୭ (ସମିସ):** ଦେବଗଡ଼ ପୌରାଞ୍ଚଳ ଅଧୀନ ପୁରୁଣାଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଓ ମାଉସୀ ମା' ମନ୍ଦିରକୁ ପବିତ୍ର ରଥଯାତ୍ରା ପୂର୍ବରୁ ନିସ୍ୱାର୍ଥପର ଭାବେ ପରିଷ୍କାର କରିବା ସହ ରଙ୍ଗ କାର୍ଯ୍ୟ କରିଥିବା ସହରର



ସ୍ୱେଚ୍ଛାସେବୀଙ୍କୁ ଆଜି ବ୍ରାହ୍ମଣ ସମାଜ ଓ ପର୍ଶୁରାମ ବାହିନୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଜି ଦେବଗଡ଼ରେ ପବିତ୍ର ବାହୁଡା ଯାତ୍ରା ଅବସରରେ ମାଉସୀ ମା' ମନ୍ଦିର ସମ୍ମୁଖରେ ପର୍ଶୁରାମ ବାହିନୀ ସଭାପତି ସତ୍ୟନାରାୟଣ ମିଶ୍ର ଓ ବାମଣ୍ଡା ବ୍ରାହ୍ମଣ ସମାଜ ସମ୍ପାଦକ ଗୌରହରି ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ ଯୋଗଦେଇ ସ୍ୱେଚ୍ଛାସେବୀ ବାମଣ୍ଡା ସେବା ସଙ୍ଘ ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ, ଦିଲୀପ କୁମାର ବେହେରା, ଶୁକଦେବ ଭଞ୍ଜ, ସୁବାସ ଚନ୍ଦ୍ର ମହାନ୍ତି, ପ୍ରଭାତ କୁମାର ସାହୁ, ସଂଗ୍ରାମ ନାୟକ, ବିଶ୍ୱଜିତ ସାହୁ, ବିଦେଶୀ ସାହୁ, ପୁରୁଷୋତ୍ତମ ଅଗ୍ରୱାଲ, ଗୋଲବଦନ ନାୟକ, ନରୋତ୍ତମ ସାହୁ, ଚିତ୍ତ ରଞ୍ଜନ ନାୟକ, ଅରୁଣ କୁମାର ନନ୍ଦ, ପରମାନନ୍ଦ ସାହୁ, ଶିଖା ମହାନ୍ତି ରୁଦ୍ରାକ୍ଷୀ ସାଇନାଥ ନାୟକ, ଫ୍ଲୋରେନ୍ସ ପାତ୍ର, ଜ୍ୟୋତି ଦିପାର୍ଚ୍ଚନା ଦାସ, ଭାଗ୍ୟ ପ୍ରଜ୍ଞା ପରମିତା ନାୟକ, ଭାଗ୍ୟଶ୍ରୀ ନାୟକ, ପ୍ରଶାନ୍ତ କୁମାର ଭୁକ୍ତା ଓ ଦିବ୍ୟରାଜ ସିଂହ ଙ୍କୁ ଉପଢୌକ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆୟୋଜକ ଅନୁଷ୍ଠାନ ପକ୍ଷରୁ ରାମଚନ୍ଦ୍ର ମହାପାତ୍ର, ପର୍ଶୁରାମ ବାହିନୀ ସମ୍ପାଦକ ସୁରଞ୍ଜିତ ମହାପାତ୍ର, ସିଦ୍ଧେଶ୍ୱର ଗୁରୁ, ସରୋଜ କୁମାର ପାଢ଼ୀ, ଶିବାଶିଷ କର, ବିରେନ କୁମାର ନାୟକ, ଲକ୍ଷ୍ମୀ ପାଣିଗ୍ରାହୀ, ବିକି ଦାଶ, ଅକ୍ଷୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ କୁଶପୁତ୍ତଳିକ ଦାହ



**ଡୁଙ୍ଗୁରିପାଲି, ୨୫।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ ପକ୍ଷରୁ ନିଟ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ କୁଶପୁତ୍ତଳିକା ଦାହ କରାଯାଇଛି। ବ୍ଲକ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରସ କର୍ମୀ ଚାରିଛକ ରାମପୁର ରୋଡଠାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପଧାନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ବିକ୍ଷୋଭସ୍ଥଳରେ ଡୁଙ୍ଗୁରିପାଲି ପୁଲିସ କୁଶପୁତ୍ତଳିକା ଦାହ କରିବାକୁ ମନା କରିଥିଲେ ମଧ୍ୟ କଂଗ୍ରେସ କର୍ମୀ କୌଣସି କଥା ଶୁଣି ନ ଥିଲା। ଉପସ୍ଥିତ କଂଗ୍ରେସ କର୍ମୀ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏଥିରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ରଥାରୁଢ଼ ଶ୍ରୀଜୀଉଙ୍କ ସୁନାବେଶ

**ବୌଦ୍ଧ, ୨୫।୭ (ସମିସ):** ପବିତ୍ର ବଡ଼ ଏକାଦଶୀରେ ବୌଦ୍ଧ ସହରରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ରଥଖଳାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ରଥ ଉପରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦିବ୍ୟ ସୁନାବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ଭକ୍ତିଭାବରେ ଭିଜିଥିଲେ। ପୂଜାର୍ଚ୍ଚନା ସମ୍ପନ୍ନ ପରେ ସନ୍ଧ୍ୟାରେ ରଥ ଉପରେ ଶ୍ରୀଜୀଉଙ୍କୁ ସୁନାବେଶ କରାଯାଇଥିଲା। ଏହି ଦିବ୍ୟ ଦର୍ଶନ ପାଇଁ ବୌଦ୍ଧ ସହର ସମେତ ଆଖପାଖର ହଜାର ହଜାର ଶ୍ରଦ୍ଧାଳୁ ରଥଖଳାରେ ପହଞ୍ଚିଥିଲେ। 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ରଥଖଳା ପ୍ରକମ୍ପିତ ହୋଇଉଠିଥିଲା ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ରଥ ଉପରକୁ ଚଢ଼ି ଭକ୍ତମାନେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ବେଶକାରୀ ବାନାମ୍ବର ମହାପାତ୍ର, ଆଶୁତୋଷ ଦାଶ, କାହ୍ନୁ ଚରଣ ମିଶ୍ର, ଶୁଭମ୍ ପୁରୋହିତ, ରିତେଶ ମହାପାତ୍ର ଓ ଅଭିଶେକ ବିଶି ପ୍ରମୁଖ ଶ୍ରୀଜୀଉଙ୍କୁ ବେଶ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ 'ସଙ୍ଗୀତାୟନ' ଅନୁଷ୍ଠାନ ପକ୍ଷରୁ ଏକ ଭଜନ ସମାରୋହ ଆୟୋଜିତ ହୋଇଥିଲା।



# ଛାତ୍ରଙ୍କ ଉପରେ ଆକ୍ରମଣ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ



**ବୀରମହାରାଜପୁର, ୨୫।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସମ୍ମୁଖରୁ ବ୍ଲକ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଯନ୍ତରମନ୍ତରଠାରେ ପ୍ରତିବାଦ କରୁଥିବା ଛାତ୍ରଙ୍କ ଉପରେ ବର୍ବର ଆକ୍ରମଣକୁ ବିରୋଧ କରିବା ସହ ବିପର୍ଯ୍ୟସ୍ତ ଶିକ୍ଷାବ୍ୟବସ୍ଥା ଓ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ନେଇ ବର୍ଷିଥିଲେ। ବୀରମହାରାଜପୁର ମୁଖ୍ୟ ଛକଠାରେ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନାରାବାଜି କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ସାହା ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଶୋଭାଯାତ୍ରାରେ କଂଗ୍ରେସ ନେତା ପ୍ରିୟବ୍ରତ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଲବକୁମାର ସାହୁ, କର୍ଣ୍ଣରାଜ ପଧାନ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, ବରିଷ୍ଠ କଂଗ୍ରେସ ନେତା ଧରଣୀଧର ପାଢ଼ୀ, ବିକାଶ ପଣ୍ଡା, ସୁରେଶ ପଣ୍ଡାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ତରଭା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ

# ଦିଲ୍ଲୀରେ ଛାତ୍ରଙ୍କ ଉପରେ ପୁଲିସ ଆକ୍ରମଣକୁ ନିନ୍ଦା

ତରଭା, ୨୫।୭ (ସମିସ)

ନିଟ୍ ୟୁଜି ପେପର୍ ଲିକ୍ ଏବଂ ଦିଲ୍ଲୀରେ ପ୍ରତିବାଦକାରୀ ଛାତ୍ରଙ୍କ ଉପରେ ପୁଲିସର ବର୍ବରତାକୁ ନିନ୍ଦା କରି ତରଭା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆଜି ବ୍ଲକ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଦଳର ନେତା ଏବଂ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବାସହ ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ସାହା, ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଥିଲେ ଓ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରୁଥିବା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ସହ ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ ଦିଲ୍ଲୀରେ ପୁଲିସ ଉଠାଇ ନେଇ ଗିରଫ କରିବାର ଦୃଢ଼ ପ୍ରତିବାଦ କରାଯାଇଥିଲା। ୨୧ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ପରିବାରକୁ କ୍ଷତିପୂରଣ ଦାବି କରାଯାଇଥିଲା। ଦିଲ୍ଲୀରେ ଛାତ୍ରଙ୍କ ବିରୋଧରେ ବଳ ପ୍ରୟୋଗକୁ କଂଗ୍ରେସ ନେତାମାନେ ନିନ୍ଦା କରି ଏହା ଗଣତାନ୍ତ୍ରିକ ଅଧିକାରର ଉଲ୍ଲଙ୍ଘନ ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ସଭାପତି ବିନୋଦ ପାତ୍ର, ଜିଲ୍ଲା ସମ୍ପାଦକ ମୁକୁନ୍ଦ ବିଶ୍ୱାଳ, କାର୍ତ୍ତିକ ନାଗ, ନଗର ସଭାପତି ପ୍ରବୀଣ ସାହୁ, ରାଜେନ୍ଦ୍ର ଝାଙ୍କର, ଭବାନୀ ଦୀପ, ପବିତ୍ର ପଧାନ, ଗଣେଶ ଗୁରୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



# ଏକ ଭିନ୍ନ ପ୍ରେମ କାହାଣୀ 'ଏତିକି ଥିଲା'

ଓଡ଼ିଆ ସିନେମା ଜଗତରେ ବିଗତ କିଛି ବର୍ଷ ଧରି ଉଚ୍ଚମାନର ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଉଥିବା ଓଡ଼ିଶାର ପ୍ରସିଦ୍ଧ ପ୍ରଯୋଜନା ସଂସ୍ଥା 'ଅମୀୟ ପଟ୍ଟନାୟକ ପ୍ରଡକସନ୍ସ' ଏବେ ନିଜର ଏକ ନୂଆ ଚଳଚ୍ଚିତ୍ରର ଘୋଷଣା କରି ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି କରିଛି। ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଏହି ପ୍ରଯୋଜନା ସଂସ୍ଥାର ଆଗାମୀ ଓଡ଼ିଆ ଚଳଚ୍ଚିତ୍ର 'ଏତିକି ଥିଲା'ର ସ୍କ୍ରିପ୍ଟ ପୂଜା ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ପୁରୁଣା ପରମ୍ପରାକୁ ବଜାୟ ରଖି ଭୁବନେଶ୍ୱରର ନୂଆପଲ୍ଲୀ ସ୍ଥିତ ଆରାଧ୍ୟ ଦେବତା ସଙ୍କଟ ମୋଚନ ହନୁମାନ ମନ୍ଦିରରେ ଏହି ପୂଜା ସମ୍ପନ୍ନ ହୋଇଛି। ଏହି ପବିତ୍ର କାର୍ଯ୍ୟକ୍ରମରେ ପ୍ରଯୋଜନା ସଂସ୍ଥାର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସିନେମାର ଆଗାମୀ ଯାତ୍ରାର ସଫଳତା କାମନା କରିଥିଲେ। ଆଧୁନିକ ଓଡ଼ିଆ ଦର୍ଶକ ସର୍ବଦା ନୂଆ କାହାଣୀ ଖୋଜୁଛନ୍ତି। ତାହାକୁ ଦୃଷ୍ଟିରେ ରଖି ନିର୍ମାଣ ହେବାକୁ ଯାଉଥିବା 'ଏତିକି ଥିଲା' ହେଉଛି ଏକ ଆବେଗପୂର୍ଣ୍ଣ ଏବଂ ଜଟିଳ ପ୍ରେମ କାହାଣୀ। ଏହି ସିନେମାରେ ମୁଖ୍ୟ ଭୂମିକାରେ ବର୍ଷା ପଟ୍ଟନାୟକ, ଅଭିନେତା ଦୀପନ୍ୱିତ ଦାଶମହାପାତ୍ର ଏବଂ ଅଭିଷେକ ପଣ୍ଡା ପ୍ରମୁଖ ଅଭିନୟ କରିବେ। ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ ଏହାର ନିର୍ଦ୍ଦେଶନା ଦାୟିତ୍ୱ ନେଇଥିବା ବେଳେ ପ୍ରଯୋଜକ ଅନୁପମ ପଟ୍ଟନାୟକ ଏବଂ ବର୍ଷା ପଟ୍ଟନାୟକ ଏହାର ନିର୍ମାଣ କରୁଛନ୍ତି। ସେହିପରି ସଙ୍ଗୀତ ନିର୍ଦ୍ଦେଶକ ସନ୍ଦୀପ ପଣ୍ଡା ସଙ୍ଗୀତ ସଜାଇ ଥିବା ବେଳେ ବିଷ୍ଣୁ ସାହୁ ସିନେମାଟୋଗ୍ରାଫି ଭାର ସମ୍ଭାଳିବେ। ଉନ୍ନତମାନର କାହାଣୀ ଓ ଚିତ୍ରନାଟ୍ୟ ମାଧ୍ୟମରେ 'ଏତିକି ଥିଲା' ନିଶ୍ଚିତ ରୂପେ ଓଡ଼ିଆ ସିନେପ୍ରେମୀଙ୍କ ହୃଦୟ ଜିଣିବାରେ ସଫଳ ହେବ ବୋଲି ପ୍ରଯୋଜକ ସଂସ୍ଥା କହିଛି । ଅନ୍ୟପଟେ ସେପ୍ଟେମ୍ବର ୧୧ ତାରିଖ ଅର୍ଥାତ୍ ଗଣେଶ ପୂଜା ଅବସରରେ ଏହି ବ୍ୟାନରର ବହୁ ପ୍ରତୀକ୍ଷିତ ହରର୍-ଥ୍ରିଲର୍ ସିନେମା 'ଦହନ- ଦି ଇଭିଲ୍ ୱିଦିନ୍' ମଧ୍ୟ ପରଦାକୁ ଆସିବାକୁ ପ୍ରସ୍ତୁତ ହେଉଛି।





# ନୂଆ ସିନେମା ପାଇଁ ସ୍କ୍ରିପ୍ଟ ପୂଜା

ରଜ ବଜାରରେ 'ଶିକାର' ସିନେମାର ଅପୂର୍ବ ସଫଳତା ପରେ ଲେଖକ ପ୍ରିୟବ୍ରତ ପଣ୍ଡା, ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ ଓ ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ ପୁଣି ଥରେ ଏକାଠି ହୋଇଛନ୍ତି। ସେମାନେ ଏକ ନୂଆ କାହାଣୀ ସହ ପୂଜା ବଜାରରେ ଆସିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ପବିତ୍ର ବାହୁଡ଼ା ଅବସରରେ ସିନେମାର ସ୍କ୍ରିପ୍ଟ ପୂଜା କରାଯାଇଛି। ଖୁବ୍ ଶୀଘ୍ର ସିନେମାର କାଷ୍ଟ ଘୋଷଣା କରାଯିବ ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ସେହିପରି ପୂଜାରେ ମଧ ଦର୍ଶକ ସିନେମାକୁ ଭରପୂର ଭଲପାଇବା ଦେବେ ବୋଲି ଏହି ଟିମ୍ ଆଶା ରଖିଛି।

# ଆଦିତ୍ୟଙ୍କ ନୂଆ ସିନେମା

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଆଦିତ୍ୟ ରୟ କପୁରଙ୍କ ଖୁବ୍‌ଶୀଘ୍ର ଏକ ନୂଆ ସିନେମା ଆସୁଛି। ସିନେମାର ଶୀର୍ଷକ ସ୍ଥିର ହୋଇ ନାହିଁ। ମିଲାପ ଜାଭ୍‌ରେଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଆକ୍ସନରେ ଭରପୂର ଏକ ପ୍ରେମ କାହାଣୀ ବୋଲି କୁହାଯାଉଛି। ସେହିପରି ଉକ୍ତ ସିନେମାର ନିର୍ମାଣ ଭୂଷଣ କୁମାର କରୁଛନ୍ତି। ସେହିପରି ସିନେମାରେ ଆଦିତ୍ୟ ଭାବୁକ ଏବଂ ଜଟିଳ ଚରିତ୍ରରେ ନଜର ଆସିବା କୁହାଯାଉଛି। 'ଆଶିକି-୨ ସିନେମାରେ ପ୍ରେମ ଓ ଯନ୍ତ୍ରଣାରେ ଦର୍ଶକଙ୍କୁ ଗଭୀର ଭାବେ ଯୋଡ଼ି ପାରିଛନ୍ତି। ତେଣୁ ଏହି ଚରିତ୍ର ଲାଗି ଆଦିତ୍ୟ ଉପଯୁକ୍ତ ବୋଲି କୁହାଯାଉଛି। ତେବେ ଏହି ସିନେମାରେ ରୋମାନ୍ସ, ରୋମାଞ୍ଚକ ଆକ୍ସନ ଦୃଶ୍ୟ ଏବଂ ହୃଦୟସ୍ପର୍ଶୀ ସଂଗୀତ ମଧ୍ୟ ରହିବ। ସିନେମାଟିର ସୁଟିଂ ଏହି ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ। ୨୦୨୭ ମସିହାରେ ରିଲିଜ୍ ହେବା ଯୋଜନା ଅଛି।



# ଜୁଲାଇ ୨୭ରୁ 'ଶ୍ରାବଣୀ'

ଜୀ ସାର୍ଥକରେ ଜୁଲାଇ ୨୭ ତାରିଖ ସନ୍ଧ୍ୟା ୭ଟା ୩୦ ମିନିଟରେ ପ୍ରସାରିତ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ନୂଆ ମେଗା ଧାରାବାହିକ 'ଶ୍ରାବଣୀ'। ଏହା ଏପରି ଦୁଇଜଣ ମହିଳାଙ୍କ ଜୀବନ କାହାଣୀ ଉପରେ ଆଧାରିତ, ଯେଉଁମାନଙ୍କ ଚିନ୍ତାଧାରା ଓ ପୃଷ୍ଠଭୂମି ସମ୍ପୂର୍ଣ୍ଣ ଅଲଗା। ଏହି କାହାଣୀର ମୁଖ୍ୟ ଆକର୍ଷଣ ହେଉଛନ୍ତି ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସ୍ନେହୀ ତଥା ସାହସୀ ଝିଅ 'ଶ୍ରାବଣୀ' ଏବଂ କ୍ଷମତାଶାଳୀ, କଠୋର ନିୟମରେ ଓ ଅନୁଶାସନରେ ବନ୍ଧା ତ୍ରିପାଠୀ ପରିବାରର ମୁଖ୍ୟ 'ରାଜେଶ୍ୱରୀ ଦେବୀ'। ଯେତେବେଳେ ଶ୍ରାବଣୀ ତ୍ରିପାଠୀ ପରିବାରରେ ପାଦ ରଖେ, ତା'ର ସରଳତା ଓ ମାନବିକତା ରାଜେଶ୍ୱରୀ ଦେବୀଙ୍କ କଠୋର ଆଭିମୁଖ୍ୟକୁ କ'ଣ ବଦଳାଇ ପାରିବ? ଏହି ଦୁଇ ମହିଳାଙ୍କ ମଧ୍ୟରେ ଏକ ସେତୁ ସାଜିଛନ୍ତି 'ସାଗର', ଯିଏ ନିଜ ମା'ଙ୍କ ପ୍ରତି ଅତୁଟ ବିଶ୍ୱାସ ରଖିବା ସହ ଶ୍ରାବଣୀର ନିଷ୍କପଟତା ପ୍ରତି ଆକୃଷ୍ଟ ହୁଅନ୍ତି। ପାରିବାରିକ ରାଜନୀତି ଏବଂ ଏକ ନିଆରା ପ୍ରେମ କାହାଣୀ ଭିତରେ, ଶ୍ରାବଣୀ ପ୍ରମାଣ କରିବ ଯେ ପ୍ରକୃତ ଶକ୍ତି ଅହଂକାର ବା କ୍ଷମତାରେ ନୁହେଁ, ବରଂ ନିଃସ୍ୱାର୍ଥପର ଭଲପାଇବା ଓ ମାନବିକତାରେ ଥାଏ। ସିରିଏଲ୍‌ର ମୁଖ୍ୟ ଭୂମିକା ଅର୍ଥାତ୍ ଶ୍ରାବଣୀ ଚରିତ୍ରରେ ସୋନାଲି ଚୌଧୁରୀ, ସାଗର ଭୂମିକାରେ ଜ୍ୟୋତି ରଞ୍ଜନ ଏବଂ ରାଜେଶ୍ୱରୀ ଦେବୀ ଚରିତ୍ରରେ ନୀତୁ ସିଂହ ଅଭିନୟ କରିଛନ୍ତି।



# ବାଦ୍ୟଯନ୍ତ୍ର ବଦଳରେ ସ୍ୟାଣ୍ଡପେପରରୁ ଗୀତର ଧୂନ୍

ପରଦା ପଛର କାହାଣୀ

ରାଜେଶ ଖାନ୍ନା ଅଭିନୟ ଜୀବନରେ ଅନେକ ରୋମାଣ୍ଟିକ୍ ଗୀତ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଆଜକୁ ପ୍ରାୟ ୫୨ ବର୍ଷ ପୂର୍ବେ ତାଙ୍କର ଏକ ଆଇକନିକ୍ ଗୀତ ମୁକ୍ତି ଲାଭ କରିଥିଲା। ଯାହାକୁ ଦର୍ଶକେ ଅଦ୍ୟାବଧି ବେଶ୍ ପସନ୍ଦ କରନ୍ତି। ଏହି ଗୀତଟି ୧୯୭୪ ମସିହାରେ ମୁକ୍ତିଲାଭ କରିଥିବା ସୁପରହିଟ୍ ଫିଲ୍ମ 'ଅଜ୍‌ନବୀ' ଥିଲା। ଏହି ଫିଲ୍ମର "ହମ୍ ଦୋନୋ ଦୋ ପ୍ରେମୀ ଦୁନିୟା ଛୋଡ଼୍ ଚଲେ..." ଗୀତର ଧୂନ୍‌କୁ ପ୍ରସ୍ତୁତ କରିବା ପାଇଁ ସଙ୍ଗୀତକର ଆର୍. ଡି. ବର୍ମନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଗୀତରେ ପାରମ୍ପରିକ ବାଦ୍ୟଯନ୍ତ୍ର ପରିବର୍ତ୍ତେ, ସ୍ୟାଣ୍ଡପେପର୍ ସାହାଯ୍ୟରେ ଧୂନ୍ ତିଆରି ହୋଇଥିଲା। ଏଥିରେ ରାଜେଶ ଖାନ୍ନାଙ୍କ ବିପକ୍ଷରେ ଜୀନତ୍ ଅମାନ୍ ଅଭିନୟ କରିଥିଲେ। ଚଳନ୍ତା ମାଲଗାଡ଼ି ଉପରେ ନିର୍ମିତ ଏକ ଗୀତ ମୁକ୍ତିଲାଭ କରିବା ପରେ ଚାର୍ଟବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଏହାକୁ କିଶୋର କୁମାର ଏବଂ ଲତା ମଙ୍ଗେସ୍‌କର୍ ଗାଇଥିଲେ। ଆର୍. ଡି. ବର୍ମନ୍ ଏହାର ସଙ୍ଗୀତ କମ୍ପୋଜ କରିଥିଲେ। ଅନ୍ୟପଟେ ଏହି ଗୀତ ସୁଟିଂ ସମୟରେ ବାଦ୍ୟକାରମାନେ ନୂତନ ଚୁକ୍ତିନାମା, ଦରମା ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଦାବି କରି ଧର୍ମଘଟ କରିଥିଲେ। ଏପରି ସ୍ଥଳେ ଅର୍କେଷ୍ଟ୍ରା ଏବଂ ପ୍ରଚ୍ଛଦପଟ ବାଦ୍ୟଯନ୍ତ୍ର ବିନା ଗୀତ ରେକର୍ଡ କରିବା ପଞ୍ଚମ ଦା'ଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଥିଲା। ଗୀତଟି ମାଲବାହୀ ଟ୍ରେନ୍‌ରେ ସୁଟିଂ ହେଉଥିବାରୁ, ପଞ୍ଚମ ଦା ଏଥିରେ ଟ୍ରେନ୍‌ର ପ୍ରାକୃତିକ ଛୁକ୍, ଛକ୍ ଧୂନ୍ ତିଆରି ଚାହୁଁଥିଲେ। ଏଥିପାଇଁ ସେ ଦୁଇଟି ସାଣ୍ଡପେପର୍ ଟୁକୁଡ଼ାକୁ ପରସ୍ପର ମଧ୍ୟରେ ଘଷିଥିଲେ। ଏଥିରୁ ଟ୍ରେନ୍ ଗତି ପରି ଶବ୍ଦ ବା ଧୂନ୍ ସୃଷ୍ଟି ହୋଇଥିଲା। ଏଥିସହ ପାଟିର ଶବ୍ଦ ଏବଂ କରତାଳିର ତାଳମେଳ ବ୍ୟବହାର କରି ଗୀତର ସମ୍ପୂର୍ଣ୍ଣ ପୃଷ୍ଠଭୂମି ରଚନା କରିଥିଲେ । ବର୍ମନଙ୍କ ଏହି ଚିନ୍ତାଧାରା ଗୀତକୁ ହିନ୍ଦୀ ସିନେମାର ସବୁଠୁ ଅନନ୍ୟ ଏବଂ ସ୍ମରଣୀୟ ଗୀତରେ ପରିଣତ କରିଥିଲା।



## ସାକ୍ଷାତକାର

ଟିକ୍‌ଟକ୍‌ରେ ସେ ଭିଡିଓ ତିଆରି କରୁଥିଲେ। ସେଥିରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା। ଟିକ୍‌ଟକ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ମିଳିଥିଲା। ସେ ପାଖାପାଖି ୧୫ରୁ ଉର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି। ସେହିପରି 'ଅଳ୍ପଦିନର ଗଳ୍ପ' ଟେଲି ଫିଲ୍ମରେ ଚମତ୍କାର ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣି ଥିଲେ। ଏହାପରେ ସେ ଟାଣି ହୋଇ ଆସିଲେ ଧାରାବାହିକକୁ। 'ବଡ଼ବୋହୂ' ତାଙ୍କର ପ୍ରଥମ ଧାରାବାହିକ। ଏବେ ନୂତନ ମେଗାଧାରାବାହିକ 'ଶ୍ରାବଣୀ'ରେ ଦର୍ଶକ ତାଙ୍କ ଅଭିନୟର ଯାଦୁ ଦେଖିବାକୁ ପାଇବେ। ଏହି ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ଭଦ୍ରକର ଜ୍ୟୋତିରଞ୍ଜନ ପଣ୍ଡା। ଅଭିନୟ ଯାତ୍ରା ତାଙ୍କର କିପରି ଆରମ୍ଭ ହୋଇଥିଲା ଜାଣିବା ଜ୍ୟୋତିଙ୍କ ମୁହଁରୁ।

# "ଦର୍ଶକଙ୍କ ପ୍ରଶଂସା କ୍ୟାରିୟରରେ ଆଗକୁ ନେଇଛି"

**ଜ୍ୟୋତିରଞ୍ଜନ ପଣ୍ଡା, ଅଭିନେତା**



**ଅଭିନେତା ହେବାକୁ କାହିଁକି ଭାବିଲେ?**

● ଛୋଟ ବେଳୁ ଅଭିନେତା ହେବି ବୋଲି ଭାବି ନ ଥିଲି। ହେଲେ ଦଶମ ପରେ ବାବୁଶାନଙ୍କୁ ଦେଖି ତାଙ୍କ ରୋଲ ପ୍ଲେ କରିବା ପାଇଁ ଟିକ୍‌ଟକ୍‌ରେ ଭିଡିଓ ତିଆରି ଆରମ୍ଭ କରିଲି। ମୋ ଭିଡିଓ ଅନେକଙ୍କୁ ପସନ୍ଦ ଆସିଲା। ଏହା ପରେ ମୋତେ ମ୍ୟୁଜିକ୍ ଆଲବମ୍ କରିବାକୁ ସୁଯୋଗ ମିଳିଲା। ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ ମଧ୍ୟରୁ 'ତମ ହୃଦୟ ଦେବ କି', 'ପ୍ରେମରେ ଦୟାମାୟା ନାହିଁ' ଆଦି ମ୍ୟୁଜିକ୍ ଭିଡିଓ ହିଟ୍ ହୋଇଛି। ଏହା ପରେ ଜୀ ସାର୍ଥକରେ ଅଶୋକ ପତି ସାର୍‌ଙ୍କ ନିର୍ଦ୍ଦେଶନାରେ ଟେଲି ଫିଲ୍ମ 'ଅଳ୍ପଦିନର ଗଳ୍ପ'ରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲି। ପରେ ତରଙ୍ଗର 'ବଡ଼ବୋହୂ' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା। ସେଥିରେ ସାନପୁଅ ଆଶିଷ ଭୂମିକାରେ ଅଭିନୟ କରିଥିଲି। ଉଭୟ ଚରିତ୍ରକୁ ଦର୍ଶକଙ୍କ ଭଲପାଇବା ମିଳିଥିଲା। ଦର୍ଶକଙ୍କ ପ୍ରଶଂସା ମୋତେ କ୍ୟାରିୟରରେ ଆଗକୁ ନେଇଛି।

**ସୁଟିଂ ସେଟ୍‌ରେ ପ୍ରଥମ ଦିନ ଭୟ ଲାଗିଥିଲା କି?**

● କ୍ୟାମେରା ସାମ୍ନାରେ ମୁଁ କେବେ ଭୟ କରେନି ବରଂ ମୋତେ କାମ କରିବାକୁ ଭଲ ଲାଗେ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

● ୨୦୧୯ ମସିହା କଥା, ସେତେବେଳେ ମ୍ୟୁଜିକ୍ ଭିଡିଓରୁ ପାଞ୍ଚ ହଜାର ଟଙ୍କା ମିଳୁଥିଲା। ସେଥିରେ ଆଉ କ'ଣ କରିହେବ?

**ନୂତନ ମେଗାଧାରାବାହିକ 'ଶ୍ରାବଣୀ'ରେ ଆପଣ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି ଏନେଇ କ'ଣ କହିବେ?**

● 'ଶ୍ରାବଣୀ' ରେ ମୁଁ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛି। ଏଥିରେ ମୋର ଚରିତ୍ର ସାଗର ତ୍ରିପାଠୀ ହୋଇଛି। ମୁଁ ମୋ ମା'ଙ୍କ କଥାରେ ଚାଲେ। ମା'ଙ୍କ ନିଷ୍ପତ୍ତି ଯାହା ମୋର ନିଷ୍ପତ୍ତି ମଧ ସେଇଆ। ହେଲେ ଶ୍ରାବଣୀ ହେଉଛି ଜଣେ ଗାଉଁଲି ଝିଅ। ସେ ସ୍ନେହୀ ଓ ସାହସୀ ଝିଅ। ସେ ସବୁବେଳେ ମୋ ମା'ଙ୍କୁ ଭଲ ଲାଗିବା ପରି କାମ କରନ୍ତି। ହେଲେ ଦୁର୍ଭାଗ୍ୟବଶତଃ ଏହା ମା'ଙ୍କ ଆଖିରେ ନେଗେଟିଭ୍ ହୋଇଯାଏ। ବାକି କାହାଣୀ ଦର୍ଶକ ଧାରାବାହିକରେ ଦେଖିବାକୁ ପାଇବେ। ଆଶା ଅଛି 'ଶ୍ରାବଣୀ' ଦର୍ଶକଙ୍କ ହୃଦୟକୁ ଛୁଇଁବ। କାରଣ ଏହି ଧାରାବାହିକରେ ଚିରାଚରିତ ପ୍ରେମ କାହାଣୀ କି ଶାଶୁବୋହୂ କାହାଣୀ ଦେଖିବାକୁ ମିଳିବନି। ଏଥିରେ କିଛି ନୂଆ କଥା ଦେଖିବାକୁ ମିଳିବ।

**ଫିଟ୍‌ର ରାଜ୍?**

● ଧାରାବାହିକ ସୁଟିଂରେ ବ୍ୟସ୍ତ ରହୁଥିବାରୁ ଜିମ୍ ଯିବାକୁ ସମୟ ମିଳେନି। ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

● ଗୀଟାର ବଜାଏ। ଗୀତ ଗାଏ।

**ଅଭିନୟକୁ ଜୀବନ୍ତ କରିବାକୁ କ'ଣ କରନ୍ତି?**

● ବାବୁସାନ୍ ଭାଇଙ୍କ ମୁଁ ବହୁତ ବଡ଼ ପ୍ରଶଂସକ। ଯାହା ବି ଶିଖିଛି ତାଙ୍କଠୁ ଶିଖିଛି। ତାଙ୍କୁ ଦେଖି ଦେଖି ଗୀତ ଆଉ ଅଭିନୟ ଶିଖିଛି।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି? ଆପଣଙ୍କ ଡ୍ରିମ୍ ରୋଲ?**

● ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖିଛି। ମୋତେ ଯାହା ବି ଚରିତ୍ର ମିଳିବ ସେ ସବୁଥିରେ ଭଲ କରିବି। ତେବେ ମୁଁ ଏମିତି ଏକ ଚରିତ୍ରରେ ଅଭିନୟ କରିବି ଯେଉଁଥିରେ ଗୋଟିଏ ସମୟରେ ମୁଁ ଦର୍ଶକଙ୍କୁ ହସାଉଥିବି, କନ୍ଦାଇ ପାରୁଥିବି।

**ଯେଉଁମାନେ ଅଭିନୟ ଜଗତକୁ ଆସୁଛନ୍ତି ସେମାନଙ୍କୁ କ'ଣ କହିବେ?**

● ରାତାରାତି ପ୍ରସିଦ୍ଧ ହେବା ନାଁରେ ନ ଆସି ଅଭିନୟକୁ ପ୍ରକୃତରେ ଭଲ ପାଇ ଆସିବା ଉଚିତ। କାରଣ ନିଷ୍ଠାର ସହିତ ଆସି କାର୍ଯ୍ୟ କଲେ ସଫଳତା ପାଇ ପାରିବେ।

# ୱାର୍ଲ୍ଡ ଜୁନିଅର ସ୍କ୍ୱାଶ୍ ଫାଇନାଲରେ ଅନାହତ



୨୧ ବର୍ଷ ପରେ ପ୍ରଥମ ଭାରତୀୟ

ଓଣ୍ଟାରିଓ,୨୬।୭ (ଏଜେନ୍ସି): ଭାରତର ଅନାହତ ସିଂ କାନାଡାରେ ଚାଲିଥିବା ୱାର୍ଲ୍ଡ ଜୁନିଅର ସ୍କ୍ୱାଶ ଚାମ୍ପିଅନସିପର ବାଳିକା ବିଭାଗ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ୨୧ ବର୍ଷ ପରେ ପ୍ରଥମ ଭାରତୀୟ ଭାବେ ଅନାହତ ଏହି ସମ୍ମାନଜନକ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିପୂର୍ବରୁ ଜ୍ୟୋସ୍ନା ଚିନାପ୍ପା ୨୦୦୫ରେ ଶେଷ ଭାରତୀୟ ଭାବେ ଫାଇନାଲ ଖେଳିଥିଲେ। ଗତକାଲି ଖେଳାଯାଇଥିବା ସେମିଫାଇନାଲରେ ଅନାହତ ୧୧-୩, ୮-୧୧, ୧୧-୪ ଓ ୧୧-୬ରେ ଇଜିପ୍ଟର ବାର୍ବ ସାମେଙ୍କୁ ପରାସ୍ତ କରିଥିଲେ। ଫାଇନାଲ୍‌ରେ ସେ ଆଉ ଜଣେ ଇଜିପ୍ଟର ଖେଳାଳି ଦ୍ୱିତୀୟ ସିଡ୍ ରୁକାୟା ସାଲେମଙ୍କୁ ଭେଟିବେ। ଏହି ମୁକାବିଲାରେ ଯଦି ସେ ବିଜୟୀ ହୁଅନ୍ତି, ତେବେ ଅନାହତ ୱାର୍ଲ୍ଡ ଜୁନିଅର ସ୍କ୍ୱାଶ୍ ଚାମ୍ପିଅନ ହେବାରେ ପ୍ରଥମ ଖେଳାଳି ହେବେ।

## ଏସୀୟ ୫-ଏ ସାଇଡ୍ ହକି | ପାକିସ୍ତାନକୁ ହରାଇଲା ଭାରତ

ମସ୍କାଟ,୨୬।୭ (ଏଜେନ୍ସି): ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭-୩ ଓ ଓମାନକୁ ୧୦-୧ ଗୋଲରେ ପରାସ୍ତ କରି ଭାରତର ଏସୀୟ ସବ୍‌ଜୁନିଅର ୫-ଏ ସାଇଡ୍ ବାଳକ ହକି ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ପାକିସ୍ତାନ ସହ ମଧ୍ୟ ଭାରତର ମୁକାବିଲା ହେବ। ସେହିପରି ଚୀନ୍‌ଠାରୁ ୩-୬ ଗୋଲରେ ପରାଜିତ ହେବା ପରେ ଓମାନକୁ ୧୦-୦ ଗୋଲରେ ପରାସ୍ତ କରି ଭାରତ ବାଳିକା ଦଳ ଦ୍ୱିତୀୟ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଭାରତ ପକ୍ଷରୁ ଏହି ଦୁଇଟି ମୁକାବିଲାରେ କିରଣ ଏକ୍କା ଓ ସନ୍ଦୀପା ସିଂ ୩ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ସେମିଫାଇନାଲରେ କାଜାଖସ୍ତାନ ସହ ଭାରତର ମୁକାବିଲା ହେବ। ଆଜି ସମସ୍ତ ମ୍ୟାଚ୍ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଚାମ୍ପିଅନ ହୋଇଥିବା ଦଳ ଏଫ୍‌ଆଇଏଚ୍ ଯୁଥ୍ ୫-ଏ ସାଇଡ୍ ଫର୍ମାଟର ପ୍ରଥମ ୱାର୍ଲ୍ଡ କପ୍ ଖେଳିବା ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।



ଶନିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ସର୍ବଭାରତୀୟ ଜୁନିଅର ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

## ଡୁରାଣ୍ଡ କପ୍ ଉଦ୍‌ଘାଟନୀ ଜିତିଲା ମୋହନ ବାଗାନ

କୋଲକାତା, ୨୬।୭ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୫ତମ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ୧-୦ ଗୋଲରେ ଚିର ପ୍ରତିଦ୍ୱନ୍ଦ୍ୱୀ ଇଷ୍ଟ ବେଙ୍ଗଲକୁ ପରାସ୍ତ କରିଥିଲା। ଏହି ହାଇଭୋଲଟେଜ କୋଲକାତା ଡର୍ବି ମୁକାବିଲାର ୫୨ତମ ମିନିଟରେ ସାହଲ ଅବଦୁଲା ସମାଦ ମୋହନ ବାଗାନ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ।


FOR RENT

Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

8249526803



ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

ADVERTISEMENT EXECUTIVE

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar


# ଝାଣ୍ଟୁଙ୍କ ସଫଳତା | ପରିବା ବିକାଳିରୁ ପଦକ ବିଜେତା

ଗ୍ଲାସ୍‌ଗୋ,୨୬।୭ (ଏଜେନ୍ସି):

ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ପ୍ରଥମ ପଦକ ବିଜୟୀ ହୋଇଛନ୍ତି ପାରା ଶକ୍ତିଉତ୍ତୋଳକ ଝାଣ୍ଟୁ କୁମାର। ପୁରୁଷ ହେଭିୱେଟ ପାରା ଶକ୍ତିଉତ୍ତୋଳନରେ ଭାଗନେଇଥିବା ଝାଣ୍ଟୁ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ରାତିରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଏକ ଟେକ୍ନିକାଲ ଫାଉଲ ଲାଗି ଝାଣ୍ଟୁ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଥିଲେ। ଏଥିରେ କିନ୍ତୁ ଦୁଃଖ କିମ୍ବା ଅନୁଶୋଚନା କରି ନ ଥିଲେ ଝାଣ୍ଟୁ। ତାଙ୍କର ଲକ୍ଷ୍ୟ ଥିଲା ଭାରତ ଲାଗି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ବିଜୟ ଧାରା ଜାରି ରଖିବା। ସେଥିରେ ସେ ସଫଳ ହୋଇଥିଲେ। ଏହା ସହ ସେ ମଧ୍ୟ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପ୍ରଥମ ପଦକ ବିଜେତା ହୋଇଛନ୍ତି।

ଝାଣ୍ଟୁଙ୍କ ଜୀବନ ଆରମ୍ଭ ହୋଇଥିଲା ଜଣେ ପରିବା ବିକାଳିରୁ। ଛୋଟବେଳେ ପୋଲିଓ ହୋଇଥିବାରୁ ଦେହର ନିମ୍ନଭାଗ ବା ଗୋଡ ଦୁଇଟି ଅଚଳ ହୋଇପଡ଼ିଥିଲା। ବିହାରରେ ପାଠ ପଢ଼ିବା ବା ଖେଳିବା ଭାଗ୍ୟରେ ଥିଲେ ମିଳିଥାଏ। ଏଭଳି ସମୟରେ ସେ ପିତାଙ୍କ ପରିବା ବ୍ୟବସାୟରେ ମନୋନିବେଶ କଲେ। ସେଥିରୁ ଯାହା ରୋଜଗାର ହେଉଥିଲା ପରିବାର ପୋଷଣ ହୋଇଯାଉଥିଲା। ଦିନେ ସଲମାନ ଖାନ୍‌ଙ୍କ ବଡ଼ି ଦେଖିବା ପରେ ନିଜକୁ ସେଭଳି କରିବାକୁ ସେ ଜିମ୍ ଯାଇଥିଲେ। ସେହିଠାରୁ ଆରମ୍ଭ ହୋଇଥିଲା ତାଙ୍କ ଖେଳ ଜୀବନ। ବିନା ପ୍ରଶିକ୍ଷଣରେ ବିହାର ପକ୍ଷରୁ ପ୍ରତିନିଧିତ୍ୱ କରି ପ୍ରଥମ



ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ଗାନ୍ଧି ନଗରଠାରେ ତାଙ୍କୁ ପେସାଦାର ପ୍ରଶିକ୍ଷଣ ଶିବିର ଲାଗି ସୁଯୋଗ ମିଳିଥିଲା। ଏଠାରେ କେବଳ ଉନ୍ନତ ପ୍ରଶିକ୍ଷଣ ମିଳି ନ ଥିଲା, ବରଂ ଭଲ ଖାଇବାକୁ ମିଳିଥିଲା। ଏହା ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ତେବେ ଯେଉଁଠାରେ ପରିବା ବେପାର କରୁଥିଲେ, ସରକାର ସେଠାରେ ଏକ ବିଶାଳକାୟ କୋଠା ନିର୍ମାଣ କରିବା ପରେ ଝାଣ୍ଟୁ ବେରୋଜଗାର ହୋଇ ପଡ଼ିଥିଲେ। ଗାନ୍ଧିନଗରର ପ୍ରଶିକ୍ଷଣ ଶିବିର ତାଙ୍କୁ ଖେଳରେ ସଫଳତା ଦେଇପାରିବ ବୋଲି ଆତ୍ମବିଶ୍ୱାସ ଦେଇଥିଲା। ୨୦୨୫ରେ ସେ ୨୦୫ କେଜି ଓଜନ ଉଠାଇ ଜାତୀୟ ରେକର୍ଡ ଭାଙ୍ଗିଦେଇଥିଲେ। ଖେଲୋ ଇଣ୍ଡିଆ ଗେମ୍ସରେ ୨୦୬ କେଜି ଓଜନ ଉଠାଇଥିଲେ। ଏହି ବର୍ଷ ବେଜିଂରେ ଅନୁଷ୍ଠିତ ୱାର୍ଲ୍ଡ ପାରା ପାୱାର ଲିଫ୍ଟିଙ୍ଗ୍‌ରେ କାଂସ୍ୟ ଓ ଏସିଆ ଓସେନିଆ ଚାମ୍ପିଅନସିପ୍‌ରେ ଆଉ ଏକ କାଂସ୍ୟ ପଦକ ଜିତି ନିଜକୁ ଭାରତର ଜଣେ ଅଗ୍ରଣୀ ପାୱାର ଲିଫ୍ଟର ଭାବେ ପ୍ରତିଷ୍ଠା କରିସାରିଥିଲେ। ଏବେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ତାଙ୍କର ସଫଳ କ୍ୟାରିୟରରେ ଆଉ ଏକ ଅଧ୍ୟାୟ ଯୋଡି ଦେଇଛି।

### ପୁରୁଷ ବକ୍ସିଂ; ପ୍ରି-କ୍ୱାର୍ଟରରେ ସଚିନ

ରାଜ୍ୟଗୋଷ୍ଠୀ ପୁରୁଷ ବକ୍ସିଂରେ ଭାରତର ସଚିନ ସିୱାଚ ପ୍ରି-କ୍ୱାଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ୬୦ କିଲୋଗ୍ରାମ୍ ଶ୍ରେଣୀ ରାଉଣ୍ଡ-୩୨ ମୁକାବିଲାରେ ସେ କାନାଡାର କୋଏମା ଅଲ-ଅହମାଦିଏଙ୍କୁ ପରାସ୍ତ କରିଥିଲେ। ଏହାପରେ ଇଂଲଣ୍ଡର ୱିଲିୟମ ହେୱିଟଙ୍କର କ୍ୱାର୍ଟର ଫାଇନାଲରେ ସ୍ଥାନ ହାସଲ କରିବା ଲାଗି ସଚିନ ମୁକାବିଲା କରିବେ।

### ରୂପା ରାଣୀ-ପିଙ୍କିଙ୍କ ହ୍ୟାଟ୍ରିକ ବିଜୟ

ଲନ୍ ବାଉଲ୍ସ ପେୟାର ଇଭେଣ୍ଟରେ ଭାରତର ରୂପା ରାଣୀ ତିର୍କୀ ଓ ପିଙ୍କି କ୍ରମାଗତ ତୃତୀୟ ବିଜୟ ହାସଲ କରିଛନ୍ତି। ଏହି ଯୋଡି ଟୋଙ୍ଗାର ପ୍ୟାରିସ୍ ବେକର ଓ ମିଲିକା ନାଥନଙ୍କ ଯୋଡିଙ୍କୁ ଟାଇ ବ୍ରେକରରେ ହରାଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ପୂର୍ବରୁ ରୂପା ଓ ପିଙ୍କି ଯୋଡ଼ି ମାଲଟା ଓ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଏହି ଭାରତୀୟ ଯୋଡି ଆଉ ଏକ ବିଜୟ ହାସଲ କରିପାରିଲେ ଇଭେଣ୍ଟରେ ଦେଶକୁ ଆଉ ଏକ ପଦକ ମିଳିବା ନିଶ୍ଚିତ ହେବ।

### ନିରାଶ କଲେ ବାସ୍କେଟବଲ, ସୁଇମିଂ ଖେଳାଳି

ଶନିବାର ଖେଳାଯାଇଥିବା ୩ ଗୁଣା ୩ ହ୍ୱିଲଚେୟାର ବାସ୍କେଟବଲ ଓ ସୁଇମିଂ ଇଭେଣ୍ଟରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ୩ ଗୁଣା ୩ ବାସ୍କେଟବଲ ଗ୍ରୁପ୍-ବି'ର ଏକ ମୁକାବିଲାରେ ୱେଲ୍‌ସ ୧୬-୧ ପଏଣ୍ଟରେ ଭାରତକୁ ହରାଇ ଏକ ବିଶାଳ ବିଜୟ ହାସଲ କରିଛି। ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ୍ ସନ୍ତରଣରେ ଭାରତରୁ ୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କିନ୍ତୁ ଜଣେ ହେଲେ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଦକ୍ଷଣ ଶଶିକୁମାର ୧୫ତମ ଓ ଆର୍ଯ୍ୟନ ନେହେରା ୧୬ତମ ସ୍ଥାନ ଅଧିକାର କରିଥିଲେ।

## ଆଗୁଆ ଟି-୨୦ ସିରିଜ କବ୍‌ଜା କଲା ଭାରତ

ହରାରେ, ୨୬।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ଶନିବାର ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚରେ ଭାରତ ୯୦ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ମଧ୍ୟ ଭାରତ ୭ ୱିକେଟରେ ଜିତିଥିଲା। ଫଳରେ ଗୋଟିଏ ମ୍ୟାଚ୍ ବାକିଥାଇ ଶ୍ରେୟସ ଆୟରଙ୍କ ଦଳ ଟି-୨୦ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ତୃତୀୟ ମ୍ୟାଚଟି ରବିବାର ଏଠାରେ ଖେଳାଯିବ।



ଆଜି ତୃତୀୟ ଟି-୨୦ | ଖେଳ ଆରମ୍ଭ- ଅପରାହ୍ଣ ୪ଟା ୩୦ | ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### ଇଶାନ-ତିଳକଙ୍କ ବିସ୍ଫୋରକ

ଶନିବାର ଅନୁଷ୍ଠିତ ଦ୍ୱିତୀୟ ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଭାରତ ୫ ୱିକେଟରେ ୨୧୯ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଇଶାନ କିଶାନ ଓ ତିଳକ ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଇଶାନ ୪୪ଟି ବଲରେ ସର୍ବାଧିକ ୮୧ ରନ କରିଥିଲେ। ଯେଉଁଥିରେ ୯ଟି ଚୌକା ଓ ୨ଟି ଛକା ସାମିଲ ଥିଲା। ସେହିଭଳି ୫ଟି ଚୌକା ଓ ୩ଟି ଛକା ବଳରେ ତିଲକ ୨୯ ବଲରେ ୬୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର୍ ବୈଭବ ସୂର୍ଯ୍ୟବଂଶୀ ୨୦, ଅଭିଷେକ ଶର୍ମା ୮, ଅଧିନାୟକ ଶ୍ରେୟସ ଆୟର ୨୫, ରିଙ୍କୁ ସିଂ ୧୨ ଓ ଶିବମ ଦୁବେ ୬* ରନ କରିଥିଲେ।

ଜବାବରେ ଘରୋଇ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୫ ଓଭରରେ ୧୨୯ ରନରେ ସମସ୍ତ ୱିକେଟ ହରାଇ ପରାଜୟବରଣ କରିଥିଲା। ବ୍ୟାଟିଂରେ ବିଫଳ ହୋଇଥିବା ଅଭିଷେକ ବୋଲିଂରେ ୩ଟି ଏବଂ ଯଶ ଠାକୁର ଓ ପ୍ରିନ୍ସ ଯାଦବ ୨ଟି ଲେଖାଏ ୱିକେଟ ନେଇଥିଲେ। ଇଶାନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ବିଶ୍ୱରେକର୍ଡ ୧୯ତମ ପଦକ ଜିତିଲେ ଚାର୍ଡ ଲି

ଗ୍ଲାସଗୋ, ୨୬।୭ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଦକ୍ଷିଣ ଆଫ୍ରିକା ସନ୍ତରଣକାରୀ ଚାଡ ଲି କ୍ଲୋସ ସବୁଠୁ ଅଧିକ ପଦକ ଜିତି ସଫଳତମ ପୁରୁଷ କ୍ରୀଡ଼ାବିତ୍ ହୋଇଛନ୍ତି। ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶନିବାର ପୁରୁଷ ୪ ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ କାଂସ୍ୟ ପଦକ ବିଜୟୀ ଦକ୍ଷିଣ ଆଫ୍ରିକା ଦଳରେ କ୍ଲୋଜ ପ୍ରମୁଖ ସଦସ୍ୟ ରହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ୩୪ ବର୍ଷୀୟ କ୍ଲୋଜଙ୍କ ଏହା ୧୯ତମ ପଦକ ଥିଲା। ଯେଉଁଥିରେ ୭ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ସାମିଲ ରହିଛି। ୧୮ ବର୍ଷ ବୟସରେ ଚାଡ୍ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେଇ ଏହି ମେଗା ପ୍ରତିଯୋଗିତାରେ ପ୍ରଥମଥର ପାଦ ଥାପିଥିଲେ। ସେହି ସଂସ୍କରଣରେ ସେ ୨ଟି ସ୍ୱର୍ଣ୍ଣ ସହ ମୋଟ୍ ପାଞ୍ଚଟି ପଦକ ବିଜୟୀ ହୋଇଥିଲେ। ଏହାପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦୧୪ ସଂସ୍କରଣରେ ୭, ୨୦୧୮ ରେ ୫ ଓ ୨୦୨୩ରେ ମାତ୍ର ଗୋଟିଏ ପଦକ ବିଜୟୀ ହୋଇଥିଲେ। ଏବେ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ସବୁଠୁ ସଫଳ ପୁରୁଷ କ୍ରୀଡ଼ାବିତ୍ ହୋଇଛନ୍ତି। ଏହିକ୍ରମରେ ସେ ଅଷ୍ଟ୍ରେଲୀୟ ସୁଟର ଫିଲ୍ ଆଦାମ୍ସ ଓ ଇଂଲଣ୍ଡର ମିକ୍ ଗୌଲ୍ଟଙ୍କୁ ପଛରେ ପକାଇଛନ୍ତି। ଉଭୟ ଆଦାମ୍ସ ଓ ଗୌଲ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମୋଟ୍ ୧୮ଟି ଲେଖାଏ ପଦକ ଜିତିଥିଲେ। ମହିଳାରେ ଅଷ୍ଟ୍ରେଲିଆ ସନ୍ତରଣକାରୀ ଇମା ମ୍ୟାକକେନ ୨୦ ପଦକ ଜିତି ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ରହିଛନ୍ତି।



## ଗଞ୍ଜାମ, ଭୁବନେଶ୍ୱରର ପ୍ରାଧାନ୍ୟ

ରାଜ୍ୟ ଜୁନିଅର ଭାରୋତ୍ତୋଳନ

ଭୁବନେଶ୍ୱର, ୨୬।୭ (ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଓ ଭୁବନେଶ୍ୱରର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଦ୍ୱିତୀୟ ଦିନରେ ଶନିବାର ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ପାପାଲି ଜେନା, ପୂଜା ସେଠୀ, ସନ୍ଧ୍ୟା ଶର୍ମା, କବିତା ମହନ୍ତ, ୧୨ ବର୍ଷରୁ କମ୍ ବାଳକରେ ସୂର୍ଯ୍ୟକାନ୍ତ ଖରା, ରାଜବୀର ଦଳାଇ, ୧୪ ବର୍ଷରୁ କମ ବାଳକରେ ଶିବା ରାଓ, ତପନ ମାଝୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅତିଥି ରାଜ୍ୟ ଭାରୋତ୍ତୋଳନ ସଂଘ ଉପସଭାପତି ପରେଶ ମହନ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ରାଜ୍ୟ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।



## ରାଜ୍ୟ ସିନିଅର ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୭ (ସମିସ): କିଟ୍ ଡିମ୍ଡ ୟୁନିଭର୍ସିଟି ପରିସରରେ ରାଜ୍ୟ ୬୭ତମ ରାଜ୍ୟ ସିନିଅର ଫିଡେ ରେଟିଂ ଚେସ୍ ଚାମ୍ପିଅନସିପ୍‌କୁ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅଲ୍ ଓଡ଼ିଶା ଚେସ ସଂଘ (ଏଓସିଏ), ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହା ଜୁଲାଇ ୨୯ ତାରିଖ ଯାଏ ଖେଳାଯିବ। ଏଥିରେ ୨୨ଟି ଜିଲାରୁ ୨୦ଜଣ ମହିଳା ଓ ୭୬ ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସମେତ ମୋଟ ୧୪୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଶନିବାର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଟପ୍ ସିଡ୍ ଆଶୀର୍ବାଦ ସ୍ୱାଇଁଙ୍କ ସମେତ ୩୦ଜଣ ଖେଳାଳି ମିଳିତଭାବେ ପୂରା ପଏଣ୍ଟ ହାସଲ କରିଛନ୍ତି। ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଚାଟାର୍ଡ ଆକାଉଟାଣ୍ଟ ରାଜନାରାୟଣ ତ୍ରିପାଠୀ, ପ୍ରିୟବ୍ରତ ପଣ୍ଡା ଅତିଥିଭାବେ ଯୋଗ ଦେଇଥିଲେ। ଏଓସିଏ ଯୁଗ୍ମ ସମ୍ପାଦକ ଉବେଶ ମହାନ୍ତି ପ୍ରାରମ୍ଭିକ ଦେଇଥିଲାବେଳେ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍ବିଟର ନିହାରରଞ୍ଜନ ସାସ୍‌ମଲ ଓ ପିଙ୍କି ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା ପରିଚାଳିତ ହେବ।




ନନ୍ଦିଘୋଷ
NANDIGHOSHA TV
RECRUITMENT

Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.

POSITION OPEN

1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.

2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.

HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.

Contact No. 9437016499 HR Dept.



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS